# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, October 23/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 326 | ମୂଲ୍ୟ ₹୭/-







# ୨୬ ଦୋକାନ, ୫ ଗୋଦାମ ଜଳିଗଲା



**ୟୁନିଟ-୧ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ**

ଭୁବନେଶ୍ୱର,୨୨।୧୦(ସତ୍ୟଜିତ ରାଉତ)


ଭୁବନଶ୍ୱର ୟୁନିଟ-୧ ପରିବା ମାର୍କେଟରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁରେ ୨୬ ଦୋକାନ ଓ ପ୍ରାୟ ୫ଟି ପରିବା ଗୋଦାମ ଜଳିଯାଇଛି। ଆଉ କିଛି ଦୋକାନ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଏଥିରେ କ୍ଷୟକ୍ଷତି ଆକଳନ କରାଯାଇ ନ ଥିଲେ ମଧ୍ୟ ବହୁ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ପ୍ରାଥମିକ ଅନୁସନ୍ଧାନରୁ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସୌଭାଗ୍ୟବଶତଃ ଏହି ଅଘଟଣରେ କୌଣସି ଦୋକାନୀ କିମ୍ବା ଗ୍ରାହକ ଆହତ ହୋଇନାହାନ୍ତି। ଏହି ଭୟଙ୍କର ଅଗ୍ନିକାଣ୍ଡର ଶିକାର ହୋଇଥିବା ହୋଲସେଲ୍ ଓ ରିଟେଲର୍ ବ୍ୟବସାୟୀମାନେ ବହୁ କ୍ଷତି ସହିଛନ୍ତି। ☞ପୃଷ୍ଠା-୪

# 'ବିକ୍ରମ, ପିଣ୍ଟୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ'

ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣା ପଛରେ ରହିଛି ବଡ଼ ଷଡ଼ଯନ୍ତ୍ର। ୧୫ଦିନର ଖୋଳତାଡ଼ ପରେ ପୋଲିସ ବୁଧବାର ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ମେୟର ଶିବ ଶଙ୍କର ଦାଶ(ପିଣ୍ଟୁ)ଙ୍କ ସମେତ ୧୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ପୀତବାସଙ୍କୁ ହତ୍ୟା କରାଯାଇଛି ବୋଲି ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ବିଏମ୍‌ସିର ଜଣେ କର୍ପୋରେଟର, ଜଣେ ଆଇନଜୀବୀଙ୍କ ମଧ୍ୟ ସମ୍ପୃକ୍ତି ରହିଛି। ବିକ୍ରମ ଓ ପିଣ୍ଟୁ ମିଳିତ ଭାବେ ହତ୍ୟା ଷଡ଼ଯନ୍ତ୍ର କରିଥିବା ବେଳେ ଅନ୍ୟମାନେ ଏହାକୁ କାର୍ଯ୍ୟକାରୀ କରାଇଥିଲେ। ହତ୍ୟାକାଣ୍ଡ ପାଇଁ ଦୁଇ ନେତା ମଧ୍ୟସ୍ଥଙ୍କ ଜରିଆରେ ୫୦ଲକ୍ଷ ଟଙ୍କାର ଡିଲ୍ କରିଥିଲେ। ଶୁଟରମାନେ ଆଗୁଆ ୧୦ଲକ୍ଷ ଟଙ୍କା ନେଇଥିଲେ। ଅକ୍ଟୋବର ୬ ଘଟଣାଦିନ ଗୁଳିମାଡ଼ କରିଥିବା ଜଣେ ଶୁଟର ଓ ଅନ୍ୟ ୨ଜଣଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ। ସେମାନଙ୍କୁ ଗିରଫ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିଥିବା ଏସ୍‌ପି କହିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ଏବେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଯାଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ପୂର୍ବତନ ବିଧାୟକ ବିକ୍ରମଙ୍କୁ ଗିରଫ କରାଯାଇଛି ବୋଲି ବିଜେଡି କହିଛି। ବିଜେଡିର ଅଭିଯୋଗକୁ ଖଣ୍ଡନ କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପୂର୍ବତନ ବିଧାୟକଙ୍କ ଘଟଣାରେ ସମ୍ପୃକ୍ତି ନ ଥିଲେ ତାଙ୍କୁ ସଙ୍ଗେ ସଙ୍ଗେ ଜାମିନ ମିଳିଯିବ।



ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା



ପୂର୍ବତନ ମେୟର ଶିବଶଙ୍କର ଦାଶ(ପିଣ୍ଟୁ)

**ପୀତବାସ ପଣ୍ଡା ହତ୍ୟା ମାମଲା**

- **ଷଡ଼ଯନ୍ତ୍ରକାରୀ, ମଧ୍ୟସ୍ଥଙ୍କ ସମେତ ୧୨ ଜେଲ ଗଲେ**
- **ରାଜନୈତିକ, ବ୍ୟବସାୟିକ, ବ୍ୟକ୍ତିଗତ ଶତ୍ରୁତା କାରଣ**

ବ୍ରହ୍ମପୁର,୨୨।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ବୈକୁଣ୍ଠନଗରସ୍ଥିତ ତାଙ୍କ ବାସଭବନ ନିକଟରେ ଗତ ୬ତାରିଖ ରାତିରେ ଗୁଳି କରି ହତ୍ୟା କରାଯାଇଥିଲା। ମୋଟର ସାଇକେଲ୍‌ରେ ଆସିଥିବା ୨ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଅତି ନିକଟରୁ ପୀତବାସଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏମ୍‌କେସିଜି ହସ୍ପିଟାଲ୍‌କୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଜଣେ ବରିଷ୍ଠ ଆଇନଜୀବୀଙ୍କୁ ହତ୍ୟା କରାଯିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। କୁମାରପୂର୍ଣ୍ଣିମା ରାତିରେ ସହରର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ଥିବା ସତ୍ତ୍ୱେ ଜଣେ ଆଇନଜୀବୀଙ୍କୁ ଗୁଳି କରି ହତ୍ୟା କରାଯିବା ଘଟଣା ସହରର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୧୫ଦିନର ଖୋଳତାଡ଼ ମଧ୍ୟରେ ପୋଲିସ ପ୍ରାୟ ୧୦୦ଜଣଙ୍କୁ ପଚରାଉଚରା ☞ପୃଷ୍ଠା-୪

# ଏସ୍‌ଆଇ ନିଯୁକ୍ତି ଦୁର୍ନୀତିର ହେବ ସିବିଆଇ ତଦନ୍ତ: ମୁଖ୍ୟମନ୍ତ୍ରୀ

- **ଆନ୍ତଃରାଜ୍ୟ କ୍ରିମିନାଲ ଗ୍ୟାଙ୍ଗର ସମ୍ପୃକ୍ତି ସନ୍ଦେହ**
- **ପୋଲିସ, ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ଲାଗି ପ୍ରତିଷ୍ଠା ହେବ ଆୟୋଗ**

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ବହୁଚର୍ଚ୍ଚିତ ପୋଲିସ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ଦୁର୍ନୀତିର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ପୋଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡିକୁ ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅନୁସନ୍ଧାନରୁ ଜଣାଯାଇଛି, ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପି ଥାଇପାରେ। ଏହାସହିତ ଦୁର୍ନୀତିରେ ଆନ୍ତଃରାଜ୍ୟ ସଙ୍ଗଠିତ କ୍ରିମିନାଲ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ଏହି ଦୁର୍ନୀତିର ସମ୍ପୂର୍ଣ୍ଣ ପର୍ଦ୍ଦାଫାଶ କରିବା ପାଇଁ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ଲାଗି ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର ☞ପୃଷ୍ଠା-୪

# ବାତ୍ୟାର କୌଣସି ସୂଚନା ନାହିଁ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ନିମନ୍ତେ କୃଷି ବିଭାଗର ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ୍ ସକସେନା, ଭାରତୀୟ ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି, ଓୟୁଏଟି ଡିନ୍ ପ୍ରସନ୍ନଜିତ୍ ମିଶ୍ର ମଧ୍ୟ ଯୋଗ ଦେଇଛନ୍ତି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଏଯାବତ୍ ରାଜ୍ୟରେ ସମ୍ଭାବ୍ୟ ବାତ୍ୟାର କୌଣସି ସୂଚନା ନାହିଁ। କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ କିଛି ସ୍ଥାନରେ ବଜ୍ରପାତ ହୋଇପାରେ। ତଦନୁଯାୟୀ ଚାଷୀମାନଙ୍କୁ ପାଣିପାଗ ବିଭାଗର ପରାମର୍ଶ ଅନୁପାଳନ କରିବା ପାଇଁ କୃଷି ସଚିବ ଅରବିନ୍ଦ ପାଢ଼ୀ ଅନୁରୋଧ କରିଛନ୍ତି। ଚଳିତ ଖରିଫ୍ ଋତୁରେ (ଜୁନ୍ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ) ରାଜ୍ୟରେ ୧୦୦% ବର୍ଷା ସାଧାରଣ ଭାବେ ହୋଇଛି। ଏହି କାରଣରୁ ଭଲ ଫସଲ ଅମଳ ଆଶା କରାଯାଉଛି। ଚାଷୀ ଭଉଣୀଭାଇମାନେ କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟ ଶୁଣି ଭୟଭୀତ ନ ହେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଚାଷୀମାନେ ୧୫୫୩୩୩ ନମ୍ବରରେ କିମ୍ବା ନିକଟସ୍ଥ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର/କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ବୈଠକରେ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ନୂଆପଡ଼ା: ୧୪ ଜଣଙ୍କ ନାମାଙ୍କନ କାଏମ, ୫ ନାକଚ

**ଉପନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଯାଞ୍ଚ ଶେଷ**

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ବୁଧବାର ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଯାଞ୍ଚ ଶେଷ ହୋଇଛି। ଦାଖଲ ହୋଇଥିବା ୧୯ ନାମାଙ୍କନ ପତ୍ର ମଧ୍ୟରୁ ୧୪ଜଣଙ୍କ ନାମାଙ୍କନ କାଏମ ରହିଥିବାବେଳେ ୫ଜଣଙ୍କ ନାକଚ ହୋଇଯାଇଛି। ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ ଭାବେ ଭାଜପାର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝୀଙ୍କ ନାମାଙ୍କନ କାଏମ ରହିଛି। ସେହିପରି ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ହିନ୍ଦୁ ମନ୍ଦିରର କ୍ରମବିକାଶ









## ଦିଲ୍ଲୀରେ ଆଜି




ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତି ଖରାପ ସ୍ତରରେ ପହଞ୍ଚିଛି। ଦିଲ୍ଲୀର ସାଉଥ୍ ବ୍ଲକ, ନର୍ଥ ବ୍ଲକ ଓ ରାଷ୍ଟ୍ରପତି ଭବନ ଆକାଶରେ ବୁଧବାର ଧୂଆଁର ଘନ ଆସ୍ତରଣ। (ଫଟୋ- ଚମନ ଗୌତମ)

# ୧୬% ପର୍ଯ୍ୟନ୍ତ କମିପାରେ ଟ୍ରମ୍ପ୍ ଟାରିଫ୍

**ଭାରତ ଓ ଆମେରିକା ଏକ ବହୁପ୍ରତୀକ୍ଷିତ ବାଣିଜ୍ୟିକ ଚୁକ୍ତି ଚୂଡ଼ାନ୍ତ କରିବାକୁ ଯାଉଛନ୍ତି। ଭାରତରୁ ସାମଗ୍ରୀ ଆମଦାନୀ ଉପରେ ଆମେରିକା ବର୍ତ୍ତମାନ ୫୦% ଟାରିଫ୍ କଷୁଥିବାବେଳେ ଏହାକୁ ୧୫%ରୁ ୧୬% ପର୍ଯ୍ୟନ୍ତ ହ୍ରାସ କରିପାରେ ବୋଲି କୁହାଯାଉଛି। ପ୍ରସ୍ତାବିତ ଚୁକ୍ତିରେ ବିଶେଷକରି ଶକ୍ତି ଓ କୃଷି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଥିବା ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକାଧିକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ କରି ଦୀପାବଳି ଶୁଭେଚ୍ଛା ଜଣାଇବା ସହ ବାଣିଜ୍ୟିକ ଆଲୋଚନା କରିଥିବା ସୂଚନା ଦେଇଛନ୍ତି। ତେଣୁ ଆମେରିକା ଆମଦାନୀ ଶୁଳ୍କ ହ୍ରାସ କରିବା ନେଇ ଆଶା ଉଜ୍ଜ୍ୱଳ ହୋଇଛି।**



ହ୍ୱାଇଟ୍ ହାଉସ୍ ଓଭାଲ୍ ଅଫିସରେ ଦୀପାବଳି ପାଳନ ଅବସରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

### ମୋଦିଙ୍କୁ ଦୀପାବଳି ଶୁଭେଚ୍ଛା ଜଣାଇଲେ ଟ୍ରମ୍ପ୍

### ଉଭୟଙ୍କ ମଧ୍ୟରେ ବାଣିଜ୍ୟିକ ଆଲୋଚନା

ନୂଆଦିଲ୍ଲୀ/ୱାଶିଂଟନ୍, ୨୨।୧୦

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗତ ଅଗଷ୍ଟରେ ୨ଟି ପର୍ଯ୍ୟାୟରେ ଭାରତୀୟ ସାମଗ୍ରୀ ଉପରେ ୫୦% ଆମଦାନୀ ଶୁଳ୍କ କଷିଥିଲେ। ସେଥିରୁ ୨୫% ଟାରିଫ୍ ହୋଇଥିବାବେଳେ ଅତିରିକ୍ତ ୨୫% ହେଉଛି ରୁଷୀୟ ତୈଳ କ୍ରୟ ବାବଦକୁ ଜରିମାନା। ଏହି ଉଚ୍ଚ ଟାରିଫ୍ ଯୋଗୁ ନୂଆଦିଲ୍ଲୀ-ୱାଶିଂଟନ୍ ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିବାବେଳେ ଭାରତରୁ ଆମେରିକାକୁ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଛି। ଫଳରେ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ୍ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି, ଯାହାକି ଗତ ୧୩ ମାସରେ ସର୍ବାଧିକ। ଇତିମଧ୍ୟରେ ଭାରତ ରୁଷୀୟ ତୈଳ କ୍ରୟ ବନ୍ଦ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଶ୍ୱାସନା ଦେଇଥିବା ବିଷୟ ଟ୍ରମ୍ପ୍ କହିଥିଲେ, ଯାହାକୁ ନୂଆଦିଲ୍ଲୀ ଖଣ୍ଡନ କରିଥିଲା। ଏହି ପରିପ୍ରେକ୍ଷୀରେ ଦୁଇଦେଶ ଟ୍ରେଡ୍ ଉପରେ ଆଲୋଚନା ଜାରି ରଖିଛନ୍ତି। ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହେଉଛି ଭାରତ କ୍ରମଶଃ ରୁଷୀୟ କ୍ରୁଡ୍ ଅଏଲ୍ ଆମଦାନୀ ହ୍ରାସ କରିବ। ରୁଷୀୟ ଶକ୍ତି ଯୋଗାଣ ଉପରେ ବୈଶ୍ୱିକ ନିର୍ଭରଶୀଳତାକୁ ସୀମିତ କରିବା ପାଇଁ ୱାଶିଂଟନ୍‌ର ଉଦ୍ୟମ କ୍ରମେ ନୂଆଦିଲ୍ଲୀ ଏଭଳି ପଦକ୍ଷେପ ନେଇପାରେ।

ଆମେରିକା ସହ ଚାଲିଥିବା ଆଲୋଚନା ସମ୍ପର୍କରେ ଅବଗତ ଥିବା ଅଧିକାରୀମାନେ କହିଛନ୍ତି, ଚଳିତ ମାସରେ ହେବାକୁ ଥିବା ଏସିଆନ୍ ସମିଟ୍ ପୂର୍ବରୁ ଡିଲ୍ ଚୂଡ଼ାନ୍ତ କରିବା ପାଇଁ ଉଭୟ ପକ୍ଷ ଆଲୋଚନା ଜାରି ରଖିଛନ୍ତି। ଉକ୍ତ ସମ୍ମିଳନୀରେ ଏନେଇ ଚୂଡ଼ାନ୍ତ ଘୋଷଣା କରାଯାଇପାରେ। ତେବେ ଏହା ଉପରେ ଭାରତର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏବଂ ହ୍ୱାଇଟ୍ ହାଉସ୍ ପକ୍ଷରୁ ତତ୍କାଳ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏ ଦିଗରେ ଅନ୍ୟ ଏକ ଘଟଣାକ୍ରମ ହେଲା ଟ୍ରମ୍ପ୍-ମୋଦିଙ୍କ ସଦ୍ୟ ଆଲୋଚନା। ଟ୍ରମ୍ପ୍ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରି ଦୀପାବଳି ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଦୁଇନେତାଙ୍କ ମଧ୍ୟରେ ଆଲୋଚନାବେଳେ ଫୋକସ୍‌ରେ ମୁଖ୍ୟତଃ ଟ୍ରେଡ୍ ରହିଥିଲା। ଟ୍ରମ୍ପ୍ କହିଛନ୍ତି, ଏନର୍ଜି ସେକ୍ଟର ଉପରେ ମଧ୍ୟ ମୋଦିଙ୍କ ସହ ଆଲୋଚନା ହୋଇଛି। ରୁଷିଆଠାରୁ ତୈଳ କିଣିବା ସୀମିତ କରାଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ୍ ପୁଣି ଥରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମଧ୍ୟ ଟ୍ରମ୍ପଙ୍କ ସହ ଆଲୋଚନା ହୋଇଥିବା କହିଛନ୍ତି, କିନ୍ତୁ ନିର୍ଦ୍ଦିଷ୍ଟ ଭାବେ କେଉଁ ବିଷୟରେ କଥା ହୋଇଛନ୍ତି ତାହାର ସବିଶେଷ ବିବରଣୀ ଦେଇନାହାନ୍ତି। ଆଲୋକର ପର୍ବ ଦୀପାବଳିରେ ଆମ ଦୁଇ ମହାନ୍ ଗଣତନ୍ତ୍ର ବିଶ୍ୱକୁ ଆଲୋକିତ କରୁ। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ ଓ ଆମେରିକା ଏକଜୁଟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ 'X'ରେ ଉଲ୍ଲେଖ କରିବା ସହ ଟ୍ରମ୍ପଙ୍କୁ ଫୋନ୍ କଲ୍ ଓ ଦୀପାବଳି ଅଭିନନ୍ଦନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ପ୍ରକାଶ ଯେ, ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାରତ ପୂର୍ବରୁ ନିଜ ଚାହିଦା ପୂରଣ ପାଇଁ ମଧ୍ୟପ୍ରାଚ୍ୟ ତୈଳ ଉପରେ ନିର୍ଭରଶୀଳ ରହିଆସିଥିଲା। ତେବେ ୨୦୨୨ ଫେବୃଆରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠାରୁ ମସ୍କୋଠାରୁ ରିହାତି ମୂଲ୍ୟରେ ଭାରତର ତୈଳ କ୍ରୟ ପରିମାଣ ଅହେତୁକ ବୃଦ୍ଧି ପାଇଛି। ପୂର୍ବରୁ ଭାରତ ରୁଷିଆଠାରୁ ୧% କ୍ରୁଡ୍ ଅଏଲ୍ କିଣୁଥିବାବେଳେ ଏଥିରେ ହଠାତ୍ ପ୍ରାୟ ୪୦% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଛି। ଟ୍ରମ୍ପ୍ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରଠୁ ଯୁଦ୍ଧ ବନ୍ଦ ଦିଗରେ ପଦକ୍ଷେପ ନେବା ସହ ରୁଷିଆ ପାଇଁ ଯୁଦ୍ଧର ଇନ୍ଧନ ରୂପକ ତୈଳ ନ କିଣିବାକୁ ଭାରତକୁ ପରାମର୍ଶ ଦେଇଆସିଛନ୍ତି। କିନ୍ତୁ ନୂଆଦିଲ୍ଲୀ ଦେଶର ଉପଭୋକ୍ତାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ମସ୍କୋଠାରୁ ତୈଳ କିଣିବା ଜାରି ରଖିଥିବାରୁ ଟ୍ରମ୍ପ୍ ଭାରତ ଉପରେ ଉଚ୍ଚ ଟାରିଫ୍ କଷିଥିଲେ। ଟ୍ରମ୍ପ୍ ଏହି ଟାରିଫ୍‌କୁ ୧୫-୧୬%ରେ ସୀମିତ ରଖିଲେ ଆମେରିକା ବଜାରକୁ ଭାରତୀୟ ସାମଗ୍ରୀଗୁଡ଼ିକର ପ୍ରବେଶ ସୁଗମ ହେବ ବୋଲି ଆଶା କରାଯାଉଛି।

# କାନାଡାରେ ପଞ୍ଜାବୀ ଗାୟକଙ୍କୁ ରୋହିତ ଗୋଦାରା ଗ୍ୟାଙ୍ଗର ଗୁଳିମାଡ଼

ଓଟ୍ଟାୱା, ୨୨।୧୦



ତେଜି କହଲୋଁ

କାନାଡାରେ ପଞ୍ଜାବୀ ଗାୟକ ତେଜି କହଲୋଁଙ୍କ ଉପରକୁ ଗୁଳିମାଡ଼ ହୋଇଥିବାର ମାମଲା ସାମ୍ନାକୁ ଆସିଛି। ଏହି ଫାୟାରିଂ ନେଇ ରୋହିତ ଗୋଦାରା ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଛି। ଏନେଇ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ଫେସ୍‌ବୁକରେ ସୂଚନା ଦେଇଛନ୍ତି। ସେ ଏକ ପୋଷ୍ଟକରି ଲେଖିଛନ୍ତି, ''କାନାଡାରେ ତେଜି କହଲୋଁଙ୍କ ଉପରକୁ ହୋଇଥିବା ଗୁଳିମାଡ଼ ଆମେ କରାଇଛୁ। ତାଙ୍କ ଉପରେ ୩ ରାଉଣ୍ଡର ଫାୟାରିଂ ହୋଇଛି। ତେଜିଙ୍କ ପେଟରେ ଗୁଳି ଲାଗିଛି। ଏହାର ସନ୍ଦେଶ ଯଦି ସେ ବୁଝିପାରିଥିବେ ତ ଠିକ୍, ନଚେତ ପରବର୍ତ୍ତୀ ଥର ତାଙ୍କୁ ହତ୍ୟା କରିବୁ। ତେଜି ଆମର ଶତ୍ରୁମାନଙ୍କୁ ଅସ୍ତ୍ର ଯୋଗାଇବା ସହ ସେମାନଙ୍କୁ ଆର୍ଥିକ ସହାୟତା କରୁଥିଲେ। ସେ କାନାଡାରେ ରୋହିତ ଗୋଦାରା ଗ୍ୟାଙ୍ଗ୍‌ର ସୂଚନା ରଖିବା ସହ ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ଆକ୍ରମଣର ଯୋଜନା କରୁଥିଲେ। ଆଗାମୀ ଥର ଏପରି କୌଣସି ସୂଚନା ମିଳିଲେ ତେଜି ଓ ତାଙ୍କ ପରିବାରକୁ ଛଡ଼ାଯିବ ନାହିଁ।'' ସୋସିଆଲ ମିଡିଆରେ ଉକ୍ତ ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ତେବେ ତେଜିଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସୂଚନା ମିଳିପାରି ନାହିଁ। ୨୦୧୯ରେ ପଞ୍ଜାବୀ ଗୀତ 'ମିଠି ଜେଲ୍' ତେଜିଙ୍କୁ ଲୋକପ୍ରିୟ କରାଇଥିଲା। ତାଙ୍କର ହିଟ୍ ହୋଇଥିବା ପଞ୍ଜାବୀ ଗୀତଗୁଡ଼ିକ ମଧ୍ୟରେ 'ଝୁମର', '୮ କିତିୟାଁ', 'ଦୋ କିଲ୍ଲେ', 'ଟାଇମ ଚକ୍ ଦେ', 'ଜିନ୍ନା ଚିର୍', 'ନିତ୍ ଦା ଶରାବୀ' ଆଦି ରହିଛି।

# ଡିପ୍‌ଫେକ୍‌ରେ ଲାଗିବ ଅଙ୍କୁଶ

**ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)-ଜେନେରେଟେଡ୍ ଡିପ୍‌ଫେକ୍ ଓ ସିନ୍ଥେଟିକ୍ କଣ୍ଟେଣ୍ଟରେ ଅଙ୍କୁଶ ଲଗାଇବା ପାଇଁ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଆଇଟି ନିୟମରେ ସଂଶୋଧନ ଆଣିବାକୁ ଯାଉଛି। ତଦନୁସାରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ୟୁଜର୍ସ ଥିବା ସୋସିଆଲ ମିଡିଆ ଜାଏଣ୍ଟଗୁଡ଼ିକୁ ଆର୍ଟିଫିସିଆଲ କଣ୍ଟେଣ୍ଟ ଚିହ୍ନଟ ସହ ଲେବେଲ କରିବାକୁ ପଡ଼ିବ, ଯଦ୍ଦ୍ୱାରା ୟୁଜର୍ସ ବାସ୍ତବ କଣ୍ଟେଣ୍ଟ ଓ ଏହା ମଧ୍ୟରେ ଥିବା ପ୍ରଭେଦକୁ ଜାଣିପାରିବେ। କୃତ୍ରିମ ବୁଦ୍ଧିମତ୍ତାର ଦୁରୁପଯୋଗକୁ ନେଇ ଚିନ୍ତା ବଢ଼ୁଥିବାବେଳେ ଏହି ପଦକ୍ଷେପ ଉତ୍ତରଦାୟିତ୍ୱ ସ୍ଥିର ସହ ବ୍ୟବହାରକାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି।**

ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୨୨।୧୦(ରଏଟର୍ସ/ଏଜେନ୍ସି)

### ଫୋକସ୍‌ରେ ଏଆଇ: ଆଇଟି ନିୟମରେ ସଂଶୋଧନ ପାଇଁ କେନ୍ଦ୍ରର ପ୍ରସ୍ତାବ



କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଆଇଟି ନିୟମରେ ପରିବର୍ତ୍ତନ ପାଇଁ ଏକ ପ୍ରସ୍ତାବ ଅଣାଯାଇଛି। ଡିପ୍‌ଫେକ୍ ସମେତ ଏଆଇ-ଜେନେରେଟେଡ୍ କଣ୍ଟେଣ୍ଟରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ଦିଷ୍ଟ ଏହି ପ୍ରସ୍ତାବ ଉପରେ ନଭେମ୍ବର ୬ ସୁଦ୍ଧା ଜନମତ ଲୋଡ଼ାଯାଇଛି। ଚିଠା ପ୍ରସ୍ତାବରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ଅଧିକ ଉତ୍ତରଦାୟୀ କରିବାକୁ ସ୍ଥିର ହୋଇଛି। ତଦନୁସାରେ ୟୁଜର୍ସ କିପରି ବାସ୍ତବ ସୂଚନା ପାଇପାରିବେ, ତାହା ସମ୍ପୃକ୍ତ ପ୍ଲାଟ୍‌ଫର୍ମଗୁଡ଼ିକ ସୁନିଶ୍ଚିତ କରିବେ। କୃତ୍ରିମ ଭାବେ ଜେନେରେଟ୍ ହୋଇଥିବା ସୂଚନାକୁ ଏଥିରେ କଣ୍ଟେଣ୍ଟ କ୍ରିଏଟେଡ୍, ଅଲ୍‌ଟର୍ଡ କିମ୍ବା ମୋଡିଫାଏଡ୍ ବାଇ କମ୍ପ୍ୟୁଟର ଟୁଲ୍ସ ରୂପେ ବର୍ଗୀକୃତ କରାଯାଇଛି। ନୂଆ ନିୟମ ଅନୁସାରେ ୫୦ ଲକ୍ଷରୁ ଅଧିକ ୟୁଜର୍ସ ଥିବା ବଡ଼ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ୟୁଜର୍ସଙ୍କୁ ପ୍ରଶ୍ନ କରିବେ ଯେ ସେମାନେ ଅପ୍‌ଲୋଡ୍ କରୁଥିବା କଣ୍ଟେଣ୍ଟ ସିନ୍ଥେଟିକ୍ କି? ଏହା ପରେ ପ୍ଲାଟ୍‌ଫର୍ମ ଏହି ଦାବିକୁ ଯାଞ୍ଚ କରିବା ପାଇଁ ଯୁକ୍ତିଯୁକ୍ତ ପଦକ୍ଷେପ ନେବ। କଣ୍ଟେଣ୍ଟକୁ ଚିହ୍ନଟ କରି ସେଥିରେ 'ସିନ୍ଥେଟିକ୍ କଣ୍ଟେଣ୍ଟ' ଲେବେଲ୍ ଲଗାଇବେ। ଏହା ଦେଖିବା ପରେ ଅନ୍ୟ ୟୁଜର୍ସ ତାକୁ ଅଥେଣ୍ଟିକ୍ ନୁହେଁ ବୋଲି ଜାଣିପାରିବେ। ଲେବେଲ କିମ୍ବା ମାର୍କର ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ଉଲ୍ଲେଖ ରହିବ, ଯେପରି କି ଭିଡିଓର ଅନ୍ୟୂନ ୧୦% ସ୍କ୍ରିନ୍‌ରେ ତାହା ଦୃଶ୍ୟମାନ ହେବ। ସେହିପରି ଅଡିଓ କ୍ଲିପ୍ ହୋଇଥିଲେ ତାହାର ପ୍ରଥମ ୧୦% ଭଏସ୍‌ରେ ଏହା ସିନ୍ଥେଟିକ୍ ବୋଲି କୁହାଯିବ। ଏହି ମାର୍କରକୁ ପ୍ଲାଟ୍‌ଫର୍ମଗୁଡ଼ିକ ହଟାଇ କିମ୍ବା ବଦଳାଇ ପାରିବେ ନାହିଁ। ତେବେ ପ୍ରସ୍ତାବିତ ନିୟମରେ ପ୍ଲାଟ୍‌ଫର୍ମଗୁଡ଼ିକୁ ଆଇନଗତ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଛି। ଅଭିଯୋଗ ଆସିଲେ ସେମାନେ ତାର ତର୍ଜମା କରି ସମ୍ପୃକ୍ତ ପୋଷ୍ଟକୁ ହଟାଇପାରିବେ କିମ୍ବା ବ୍ଲକ୍ କରିପାରିବେ।

# ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଆକ୍ରମଣ, ବଳାତ୍କାର ଧମକ

କୋଲ୍‌କାତା, ୨୨।୧୦

### ୩ ଗିରଫ

ପଶ୍ଚିମବଙ୍ଗର ହାଓଡ଼ା ଜିଲା ଉଲୁବେରିଆସ୍ଥିତ ଏକ ସରକାରୀ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ଆକ୍ରମଣ କରାଯିବା ସହ ବଳାତ୍କାର ଧମକ ଦିଆଯାଇଥିବାର ମାମଲା ସାମ୍ନାକୁ ଆସିଛି। ଘଟଣାକୁ ନେଇ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ସୋମବାର ଏହି ଘଟଣା ଘଟିଛି। ଅଭିଯୁକ୍ତମାନେ ଜଣେ ରୋଗୀଙ୍କ ସମ୍ପର୍କୀୟ ହୋଇଥିବା ଜଣାପଡ଼ିଛି। ସୋମବାର ଦ୍ୱିପ୍ରହର ସମୟରେ ଜଣେ ମହିଳା ଡାକ୍ତରଙ୍କ ସହ ସେମାନଙ୍କର ଝଗଡ଼ା ହୋଇଥିଲା। ଝଗଡ଼ା ବଢ଼ିବାରୁ ସେମାନେ ଉତ୍ତେଜିତ ହୋଇ ମହିଳା ଡାକ୍ତରଙ୍କୁ ମାଡ଼ ମାରିବା ସହ ତାଙ୍କୁ ବଳାତ୍କାର କରିବା ପାଇଁ ଧମକ ଦେଇଥିଲେ। ମହିଳା ଡାକ୍ତରଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ବୁଧବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରେ ଟ୍ରାଫିକ ପୋଲିସ ଭାବେ କାର୍ଯ୍ୟରତ ହୋମଗାର୍ଡ ଶେଖ୍ ହସିବୁଲ୍ ରହିଛନ୍ତି। ୨ ଅନ୍ୟ ଅଭିଯୁକ୍ତ ହେଉଛନ୍ତି ଶେଖ୍ ସମ୍ରାଟ ଏବଂ ଶେଖ ବାବୁଲାଲ୍। କୋଲକାତାର ଆର. ଜି. କର୍ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ନିର୍ମମ ହତ୍ୟାର ବର୍ଷେ ପରେ ଏହି ଘଟଣା ସାମ୍ନାକୁ ଆସିଛି। ପଶ୍ଚିମବଙ୍ଗରେ ମହିଳା ଡାକ୍ତର ସୁରକ୍ଷିତ ନାହାନ୍ତି ବୋଲି ବିରୋଧୀ ଭାଜପା କହିଛି।

# ହେଲିପ୍ୟାଡ୍‌ରେ ଫସିଲା ରାଷ୍ଟ୍ରପତିଙ୍କ ହେଲିକପ୍ଟର

ଥିରୁଭାନନ୍ତପୁରମ, ୨୨।୧୦



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୁରକ୍ଷାରେ ବଡ଼ ଅବହେଳା ହୋଇଥିବାର ମାମଲା ସାମ୍ନାକୁ ଆସିଛି। ରାଷ୍ଟ୍ରପତି ମୁର୍ମୁଙ୍କୁ କେରଳର ସାବରିମାଳା ମନ୍ଦିର ଗସ୍ତରେ ନେଇ ଯାଉଥିବା ହେଲିକପ୍ଟରଟି ବୁଧବାର ପଥାନାମଥିଟ୍ଟାସ୍ଥିତ ପ୍ରମଦମ ଷ୍ଟାଡିୟମରେ ନିର୍ମିତ ଏକ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଫସିଯାଇଥିଲା। ହେଲିପ୍ୟାଡ୍‌ଟି ହେଲିକପ୍ଟରର ଓଜନ ସହ୍ୟ କରିପାରି ନ ଥିଲା। ଫଳରେ ହେଲିକପ୍ଟରର ଏକ ଅଂଶ ହେଲିପ୍ୟାଡ୍‌ର ଓଦା କଂକ୍ରିଟରେ ଫସି ଯାଇଥିଲା। ହେଲିକପ୍ଟର ମଧ୍ୟରୁ ରାଷ୍ଟ୍ରପତି ମୁର୍ମୁ ଓ ଅନ୍ୟ ଅଧିକାରୀ ସୁରକ୍ଷିତ ଓହ୍ଲାଇ ସଡ଼କ ମାର୍ଗରେ ସାବରିମାଳା ମନ୍ଦିର ଗସ୍ତ କରିଥିଲେ। ପରେ ଘଟଣାସ୍ଥଳରେ ନିୟୋଜିତ ପୋଲିସ ଏବଂ ଅଗ୍ନିଶମବିଭାଗର କର୍ମୀମାନେ ହେଲିକପ୍ଟରକୁ ଠେଲି ଫସି ରହିଥିବା ସ୍ଥାନରୁ ବାହାର କରିଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି, ଖରାପ ପାଗ ଯୋଗୁ ଶେଷ ମୁହୂର୍ତ୍ତରେ ରାଷ୍ଟ୍ରପତିଙ୍କ ହେଲିକପ୍ଟରର ଲ୍ୟାଣ୍ଡିଂ ପାଇଁ ପ୍ରମଦମ ଷ୍ଟାଡିୟମରେ ଅସ୍ଥାୟୀ ହେଲିପ୍ୟାଡ୍ ନିର୍ମାଣ କରାଯାଇଥିଲା। ମଙ୍ଗଳବାର ରାତିରେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ତେଣୁ ହେଲିପ୍ୟାଡ୍‌ର କଂକ୍ରିଟ୍ ସମ୍ପୂର୍ଣ୍ଣ ଭାବେ ଟାଣ ହୋଇ ନ ଥିଲା ଏବଂ ଅବତରଣ ସମୟରେ ଏହା ହେଲିକପ୍ଟରର ଓଜନକୁ ସହ୍ୟ କରିପାରି ନ ଥିଲା।

## ଫୁରସତ୍

# ଚାଟ୍‌ଜିପିଟି ଜିତାଇଲା ୮୮ ଲକ୍ଷର ଲଟେରି

ୱାଶିଂଟନ




୧ ଲକ୍ଷ ଡଲାର ଚେକ୍ ସହ ଟାମି କାର୍ଭେ (ଡାହାଣ)।

ଆମେରିକାର ମିଶିଗାନ୍ ନିବାସୀ ଟାମି କାର୍ଭେ (୪୫) ଏଆଇ ପ୍ଲାଟ୍‌ଫର୍ମ ଚାଟ୍‌ଜିପିଟିର ସାହାଯ୍ୟ ନେଇ ୧ ଲକ୍ଷ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା)ର ଲଟେରି ଜିତିଛନ୍ତି।

କାର୍ଭେ କହିଛନ୍ତି, ଗତ ସେପ୍ଟେମ୍ବରରେ ସେ ଅନ୍‌ଲାଇନରେ ପାୱାରବଲ୍ ଲଟେରି ଟିକେଟ୍ କିଣିଥିଲେ। ତାଙ୍କ ପାଇଁ ପାୱାରବଲ୍ ଲଟେରି ନମ୍ବର ବାଛିବା ପାଇଁ ସେ ଚାଟ୍‌ଜିପିଟିକୁ କହିଥିଲେ। ଚାଟ୍‌ଜିପିଟି ତୁରନ୍ତ କିଛି ର୍ୟାଣ୍ଡମ ନମ୍ବର ଜେନେରେଟ କରିଥିଲା। ଚାଟ୍‌ଜିପିଟି ଚୟନ କରିଥିବା ନମ୍ବରଗୁଡ଼ିକୁ ନେଇ କାର୍ଭେ ଲଟେରି ଖେଳିଥିଲେ। କାର୍ଭେଙ୍କ ପାଇଁ ଚାଟ୍‌ଜିପିଟି ହ୍ୱାଇଟ ବଲ୍ ଶ୍ରେଣୀରେ ୧୧,୨୩,୪୪,୬୧ ଏବଂ ୬୨ ଏବଂ ରେଡ ପାୱାରବଲ୍ ଶ୍ରେଣୀରେ ୧୭ ନମ୍ବରକୁ ବାଛିଥିଲା। ଗତ ସେପ୍ଟେମ୍ବର ୬ରେ ହୋଇଥିବା ଡ୍ରରେ, କାର୍ଭେଙ୍କ ୪ଟି ହ୍ୱାଇଟ ବଲ୍ ମେଳ ଖାଇଥିଲା, ଯାହା ତାଙ୍କୁ ୫୦ ହଜାର ଡଲାର (ପ୍ରାୟ ୪୪ ଲକ୍ଷ ଟଙ୍କା)ର ପୁରସ୍କାର ରାଶି ଜିତାଥିଲା। ତେବେ ପାୱାର ପ୍ଲେ ବିକଳ୍ପ ବାଛିଥିବା ଯୋଗୁ ତାଙ୍କ ବିଜୟ ମୂଲ୍ୟ ୨ ଗୁଣା ହୋଇ ୧ ଲକ୍ଷ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା)କୁ ବୃଦ୍ଧି ପାଇଥିଲା।

# ସ୍ୱାଧୀନତା ସଂଗ୍ରାମୀ ପ୍ରଭାସ

ହାଇଦ୍ରାବାଦ



ପ୍ରଭାସ

ସାଉଥ୍ ସୁପରଷ୍ଟାର ପ୍ରଭାସ ଆଗାମୀ ଚଳଚ୍ଚିତ୍ର 'ଦି ରାଜା ସାବ'କୁ ନେଇ ଚର୍ଚ୍ଚାରେ। ତାଙ୍କର ଆଉ ଏକ ଫିଲ୍ମ ସମ୍ପର୍କରେ ବୁଧବାର ସୂଚନା ମିଳିଛି। ମାଇଥ୍ରୀ ମୁଭି ମେକର୍ସ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟର ଶେୟାର କରାଯାଇଛି, ଯେଉଁଥିରେ ପ୍ରଭାସ୍‌ଙ୍କୁ ଟ୍ୟାଗ୍ କରାଯାଇଛି। ଏଥିରେ ପ୍ରଭାସଙ୍କ ସମ୍ପୂର୍ଣ୍ଣ ଲୁକ୍‌କୁ ପ୍ରକାଶ କରାଯାଇନାହିଁ। ପୋଷ୍ଟରରେ ଗ୍ରେଟ୍ ବ୍ରିଟେନ୍‌ର ପତାକା ଥିବାର ଦେଖିବାକୁ ମିଳିଛି। କ୍ୟାପ୍‌ଶନ୍‌ରେ ଲେଖାହୋଇଛି, '୧୯୩୨ ମସିହାରୁ ମୋଷ୍ଟ ୱାଣ୍ଟେଡ୍।' ଏହି ଫିଲ୍ମ ଭାରତରେ ବ୍ରିଟିଶ୍ ଶାସନକୁ ନେଇ ଆଧାରିତ। ଏଥିରେ ପ୍ରଭାସଙ୍କୁ ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଗୁରୁବାର ପ୍ରଭାସଙ୍କ ୪୬ତମ ଜନ୍ମଦିନ ଅବସରରେ ଏହି ଫିଲ୍ମର ଟାଇଟଲ ଘୋଷଣା ହେବ। ଫିଲ୍ମରେ ଅଭିନେତା ମିଥୁନ ଚକ୍ରବର୍ତ୍ତୀ, ଅନୁପମ ଖେର୍, ଅଭିନେତ୍ରୀ ଜୟା ପ୍ରଦାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ଆସନ୍ତା ବର୍ଷ ଅଗଷ୍ଟରେ ଏହି ଫିଲ୍ମ ରିଲିଜ୍ ହେବ।

**ଡ୍ୟାମ୍ ସୁରକ୍ଷା କମିଟି ପୁନର୍ଗଠିତ**

ଭୁବନେଶ୍ୱର(ରବିନାରାୟଣ ଜେନା): ରାଜ୍ୟରେ ଥିବା ବିଭିନ୍ନ ନଦୀବନ୍ଧର ସୁରକ୍ଷା ଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ଡ୍ୟାମ୍ ସୁରକ୍ଷା କମିଟିର ପୁନର୍ଗଠନ କରାଯାଇଛି। ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ସରକାରଙ୍କ ଡ୍ୟାମ୍ ସୁରକ୍ଷା ଆଇନ-୨୦୨୧ ଅନୁସାରେ ପୂର୍ବ କମିଟିର ଅବଧି ଶେଷ ହୋଇଛି ଏବଂ ନୂତନ କମିଟି ପୁନର୍ଗଠନ ହୋଇଛି। ଏହି ୧୫ ଜଣିଆ କମିଟିରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅଧକ୍ଷ ରହିଥିବାବେଳେ ମୁଖ୍ୟଯନ୍ତ୍ରୀ(ଡ୍ୟାମ୍ ସେଫ୍ଟି) ଆବାହକ ରହିଛନ୍ତି। ଏହାବାଦ୍ ୧୩ ଜଣ ସଦସ୍ୟ ଏହି ପୁନର୍ଗଠିତ କମିଟିରେ ସ୍ଥାନ ପାଇଛନ୍ତି।




# ଯୁକ୍ତ୨ ନାମଲେଖା ପାଇଁ ତୃତୀୟ ପର୍ଯ୍ୟାୟ ମେଧାତାଲିକା

## ୧୦୫୭୬ ଜଣ ଛାତ୍ରୀଛାତ୍ର ଚୟନ, ୮୫୮୭ଜଣ ନୂଆ ଆବେଦନକାରୀ

ଭୁବନେଶ୍ୱର,୨୨।୧୦(ସୁଚିସ୍ମିତା ସାହୁ)

ଯୁକ୍ତ୨ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରଥମ ରାଉଣ୍ଡ୍ ମେଧା ତାଲିକା ପ୍ରକାଶ ପାଇଛି। ମୋଟ୍ ୧୦୫୭୬ ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ଏଥିମଧ୍ୟରେ ନୂତନ ଭାବେ ଆବେଦନ କରିଥିବା ୮୫୮୭ଜଣ ଛାତ୍ରୀଛାତ୍ର ଚୟନ ହୋଇଥିବାବେଳେ ଅବଶିଷ୍ଟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚୟନ ହୋଇ ନାମଲେଖାଇ ନ ଥିବା ଛାତ୍ରୀଛାତ୍ର ରହିଛନ୍ତି। କଳାରେ ନାମ ଲେଖାଇବା ପାଇଁ ସର୍ବାଧିକ ୬୫୮୪ଜଣ ପିଲା ମନୋନୀତ ହୋଇଥିବାବେଳେ ବିଜ୍ଞାନରେ ୨୪୩୯, ସଂସ୍କୃତରେ ୯୪୬, ବାଣିଜ୍ୟରେ ୪୧୬ ଓ ଧନ୍ଦାମୂଳକ ଶିକ୍ଷାରେ ୧୯୧ଜଣ ଚୟନ ହୋଇଛନ୍ତି। ଚୟନ ହୋଇଥିବା ପିଲାଙ୍କ ମଧ୍ୟରେ ୫୩୬୯ ଜଣ ଛାତ୍ର ଥିବାବେଳେ ୫୨୦୭ ଜଣ ଛାତ୍ରୀ ରହିଛନ୍ତି। ଆସନ୍ତା ୨୩ରୁ ୨୮ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ସମ୍ପୃକ୍ତ ଛାତ୍ରୀଛାତ୍ର ନାମଲେଖାଇପାରିବେ। ୨୯ ତାରିଖରେ ୱେଟିଂରେ ଥିବା ଛାତ୍ରୀଛାତ୍ର ପଞ୍ଜୀକରଣ କରିବାକୁ ଥିବାବେଳେ ୩୦ତାରିଖରେ ୱେଟିଂ ଲିଷ୍ଟ ମେଧା ତାଲିକା ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ର ୩୧ତାରିଖରେ ନାମଲେଖାଇବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ନଭେମ୍ବର ୩କୁ ଘୁଞ୍ଚିଲା

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

କଟକ,୨୨।୧୦(କାର୍ତ୍ତିକ ସାହୁ)

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ହାଇକୋର୍ଟରେ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ବିଚାରପତି ଗୌରୀଶଙ୍କର ଶତପଥୀ ବୁଧବାର ମାମଲାର ଶୁଣାଣି କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଅଦାଲତରେ କେସ ଡାଏରୀ ଦାଖଲ କରାଯାଇଥିଲା। ନଭେମ୍ବର ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜୀତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ନିୟମିତ ଜାମିନ ଆବେଦନଗୁଡ଼ିକ ଏକତ୍ର ଶୁଣାଣି ହୋଇଥିଲା।

ସୂଚନାଯୋଗ୍ୟ ଯେ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ପୂର୍ବତନ ଉପସଭାପତି ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜୀତନ ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଜେଏସ୍‌ପିଏଲ୍ ରୋଇଡ଼ା ଖଣିର କାର୍ଯ୍ୟାଦେଶ ପ୍ରତ୍ୟାହାର

- ଜଙ୍ଗଲ ନିୟମ ଉଲ୍ଲଂଘନ
- ୨ ଗାଡ଼ି ଜବତ, ମାମଲା ରୁଜୁ

ଯୋଡ଼ା/କେନ୍ଦୁଝର,୨୨।୧୦ (ମାନସ ମହାନ୍ତି/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ା-୧ ଲୁହାପଥର ଖଣି ଜଙ୍ଗଲ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍(ଜେଏସ୍‌ପିଏଲ୍) କମ୍ପାନୀର ଖଣି କାର୍ଯ୍ୟାଦେଶକୁ ବନ ବିଭାଗ ଦ୍ୱାରା ପ୍ରତ୍ୟାହୃତ କରାଯାଇଛି। ଏଥିସହ ଏକ ମାମଲା ରୁଜୁହୋଇ ୨ ଗାଡ଼ି ଜବତ କରାଯାଇଥିବା କେନ୍ଦୁଝର ଜିଲା ବନ ଅଧିକାରୀ ଏଚ୍‌ଡି ଧନ୍‌ରାଜ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୨୫ରେ ନିଲାମ ପ୍ରକ୍ରିୟାରେ ରୋଇଡ଼ା-୧ ଲୁହାପଥର ଖଣି ଜେଏସ୍‌ପିଏଲ୍‌କୁ ହାତକୁ ଯାଇଥିଲା। ପ୍ରକ୍ରିୟା ଅନୁଯାୟୀ ପୂର୍ବ ଲିଜ୍‌ଧାରୀଙ୍କ ଦ୍ୱାରା ଧାରଣ ସମସ୍ତ ଅଧିକାର ଏବଂ ବୈଧାନିକ ମଞ୍ଜୁରୀ ଅନୁଯାୟୀ କାର୍ଯ୍ୟ ଜାରି ରଖିବା ପାଇଁ ଜେଏସ୍‌ପିଏଲ୍‌କୁ ଅନୁମିତ ଦିଆଯାଇଥିଲା। ୨୦୨୫ ନିଲାମ ପ୍ରକ୍ରିୟା ପୂର୍ବରୁ ଏହି ଖଣି ବଡ଼ବିଲସ୍ଥିତ ମିଡ୍ ଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ଅଧୀନରେ ଥିଲା। ଏହି କମ୍ପାନୀ ମଧ୍ୟ ସେତେବେଳେ ବୈଧାନିକ ସରକାରୀ ଅନୁମୋଦନରେ କିଛି ସର୍ତ୍ତକୁ ଖିଲାପ କରିଥିଲା। ଏଥିସହ ଏହି କମ୍ପାନୀ ସେତେବେଳେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ଏକ ରାସ୍ତା ବ୍ୟବହାର କରୁଥିଲା। ଜେଏସ୍‌ପିଏଲ୍ ନିଲାମରେ ଖଣି ପାଇବା ପରେ ସିଦ୍ଧମଠ ଜଙ୍ଗଲ ଦେଇ ଯାଇଥିବା ସେହି ରାସ୍ତା ବ୍ୟବହାର କରୁଛି। ଯଦିଓ ପୂର୍ବରୁ ଏହା ଅଣ ଜଙ୍ଗଲରେ ରୂପାନ୍ତରିତ ପାଇଁ ଡାଇଭର୍ସନ ପ୍ରସ୍ତାବ ଦାଖଲ କରାଯାଇଥିଲା। ଏଥିରେ ସର୍ତ୍ତାବଳୀ ପାଳନ ହୋଇ ନ ଥିବାରୁ ଜଙ୍ଗଲ ଅନୁମୋଦନ ମିଳି ନ ଥିଲା। କିନ୍ତୁ ଜେଏସ୍‌ପିଏଲ୍ ରୋଇଡ଼ା ଜଙ୍ଗଲ ଜମି ଡାଇଭର୍ସନ ଲାଗି ପୂର୍ବ ଅନୁମୋଦନ ନ ନେଇ ଖଣିଜ ପରିବହନ ପାଇଁ ଉକ୍ତ ରାସ୍ତାକୁ ବ୍ୟବହାରକରି ଆସୁଥିଲା। ଯାହା ଆବଶ୍ୟକ ଅନୁମତି ବିନା ରାସ୍ତା ବ୍ୟବହାର ଜଙ୍ଗଲ ସଂରକ୍ଷଣ ଆଇନ ଏବଂ ଓଡ଼ିଶା ଜଙ୍ଗଲ ଆଇନର ସ୍ପଷ୍ଟ ଉଲ୍ଲଂଘନ। ଏ ନେଇ ବନ ବିଭାଗ ପକ୍ଷରୁ ଜେଏସ୍‌ପିଏଲ୍ ରୋଇଡ଼ାର ଅଧିକାରୀ ପ୍ରମୋଦ ପାତ୍ରଙ୍କ ବିରୋଧରେ ୨୦୨୫-୨୬ ଜଙ୍ଗଲ ମାମଲା ନଂ.୫ ବିଏଲ୍ ପଞ୍ଜୀକୃତ କରାଯାଇଛି। ଏଥିସହ ସିଦ୍ଧମଠ ରିଜର୍ଭ ଜଙ୍ଗଲ ମଧ୍ୟରୁ ୨ଟି ଗାଡ଼ିକୁ ବନ ବିଭାଗ ଜବତ କରିଛି। ବନ ସଂରକ୍ଷଣ ଅଧିନିୟମ ୨୦୨୩ ଏବଂ ଓଡ଼ିଶା ବନ ଆଇନ୍‌ର କ୍ରମାଗତ ଉଲ୍ଲଂଘନ ଯୋଗୁ (ଆଦେଶ ନଂ. ୩୦୫, ୩୦ ଜୁଲାଇ ୨୦୨୫ରେ) ପ୍ରଦାନ କରାଯାଇଥିବା କାର୍ଯ୍ୟ ଅନୁମତିକୁ ପ୍ରତ୍ୟାହାର କରାଯାଇଛି। ୧୯୮୦ ପୂର୍ବରୁ ୨୩ ହେକ୍ଟର ବ୍ରୋକେନ୍ ଲ୍ୟାଣ୍ଡରେ ହୋଇଥିବା ଅନିୟମିତତା ପାଇଁ ଏହା ଜଙ୍ଗଲ ଆଇନ୍‌ର ସମ୍ପୂର୍ଣ୍ଣ ଅବମାନନା ବୋଲି ଦର୍ଶାଯାଇଛି। ସେହିପରି ଜେଏସ୍‌ପିଏଲ୍ କମ୍ପାନୀର ଦେଓଝର ପିଲେଟ ପ୍ଲାଣ୍ଟକୁ ମଧ୍ୟ ବାରମ୍ବାର ବନ ବିଭାଗର ଚିଠି ସତ୍ତ୍ୱେ କମ୍ପାନୀ ଜଙ୍ଗଲ ଜମି ୨୦୧୫ର ଡାଇଭର୍ସନ କାର୍ଯ୍ୟ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ତଥ୍ୟ ପ୍ରଦାଦ କରିନାହିଁ। ଏହି ବନ ଆଇନ ଉଲ୍ଲଂଘନର ସମସ୍ତ ତଥ୍ୟ ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ, ଖଣି ନିର୍ଦ୍ଦେଶକ, ପିସିସିଏଫ୍(ପ୍ରଧାନ ମୁଖ୍ୟ ବନ ସଂରକ୍ଷକ), କେନ୍ଦୁଝର ଜିଲାପାଳଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ବନ ବିଭାଗ ପଠାଇଥିବା ଡିଏଫ୍‌ଓ ଧନ୍‌ରାଜ କହିଛନ୍ତି।



କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ ଜଙ୍ଗଲ ରାସ୍ତା ତଦାରଖ କରୁଛନ୍ତି।

# ମଳଦ୍ୱାରରେ ଭାକ୍ୟୁମ୍ କ୍ଲିନର ମେଶିନ ଲାଗି ଯୁବକଙ୍କ ମୃତ୍ୟୁ

## କାଳହେଲା ଥଟ୍ଟାମଜା

ଯାଜପୁର,୨୨।୧୦ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତେନ୍ତୁଲିଖୁଣ୍ଟା ନିକଟରେ ଥିବା ହ୍ୟୁଣ୍ଡାଇ କାର ଶୋ'ରୁମରେ ଏକ ଅଭାବନୀୟ ଘଟଣା ଘଟିଛି। ଶୋ' ରୁମ୍‌ର କାର୍ ୱାଶିଂ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଥଟ୍ଟାମଜା ଯୋଗୁ ଭାକ୍ୟୁମ କ୍ଲିନର ମେଶିନ ଲାଗି ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜେନାପୁର ହୋତାସାହି ଗ୍ରାମର ସିପୁନ ବେହେରା(୨୩)।

ମଙ୍ଗଳବାର ସନ୍ଧ୍ୟାରେ ସିପୁନ ଓ ତାଙ୍କ କେତେଜଣ ସାଙ୍ଗ ଭ୍ୟାକ୍ୟୁମ କ୍ଲିନର ମେଶିନ ଧରି ଥଟ୍ଟାମଜା ହେଉଥିଲେ। ଏହି ସମୟରେ ଜଣେ ସାଙ୍ଗ ସିପୁନଙ୍କ ମଳଦ୍ୱାରରେ ଭାକ୍ୟୁମ କ୍ଲିନର ମେଶିନ ପାଇପ ଲଗାଇ ମେଶିନ ଚଲାଇ ଦେଇଥିଲେ। ଫଳରେ ସିପୁନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ତାଙ୍କୁ ତୁରନ୍ତ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଆହୁରି ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୩ଟା୩୦ରେ ତାଙ୍କର ମୃତ୍ୟୁ ଘଟିଛି। ସିପୁନଙ୍କ ବାପା ନ ଥିବାବେଳେ ସେ ଅତ୍ୟନ୍ତ ଗରିବ ଶ୍ରେଣୀର। ଶୋ'ରୁମ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୋରେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ରାକେଶ ତ୍ରିପାଠୀ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସମନ୍ୱୟ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ ପକ୍ଷରୁ ରାଜ୍ୟସ୍ତରୀୟ ୬୪ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଭଗବତୀ ଚରଣ ପାଣିଗ୍ରାହୀ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଭଗବତୀ ଭବନ, ଅଶୋକ ନଗର, ସମୟ: ସନ୍ଧ୍ୟା ୫ଟା ୩୦।
- ନୃତ୍ୟାଞ୍ଜଳୀ ପକ୍ଷରୁ ୨୦ତମ ବାର୍ଷିକ ନୃତ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଏକ ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ, ବାଲେଶ୍ୱର, ସମୟ: ସକାଳ ୭ଟା।
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ସୋହରିଆ ହାଇସ୍କୁଲ, ଭୋଗରାଇ, ସମୟ: ସକାଳ ୯ଟା।
- କ୍ଲଷ୍ଟରସ୍ତରୀୟ ସୁରଭି, ସ୍ଥାନ: ବାରବାଟିଆ ମହାବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ୨୬ତମ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଓ କଳାକାରର ୩୫ତମ ବାର୍ଷିକ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ୫୮ତମ ମା' ଶ୍ୟାମାକାଳୀ ପୂଜା ଉତ୍ସବର ଚତୁର୍ଥ ଦିବସ, ସ୍ଥାନ: ପୋଡ଼ାଶୂଳ ବଜାର, ନୀଳଗିରି, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମା' ଭଦ୍ରକାଳୀଙ୍କ ସିଂହବାହିନୀ ବେଶ, ସ୍ଥାନ: ଭଦ୍ରକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୬ଟା।
- କାଳୀପୂଜା ତୃତୀୟ ଦିନ, ସ୍ଥାନ: ଚରମ୍ପା, ଭଦ୍ରକ, ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ପ୍ରଚାର ସମିତି ପକ୍ଷରୁ ମହା ସଂସ୍କୃତି ଜାଗରଣ ଉତ୍ସବ, ସ୍ଥାନ: ଚରମ୍ପା ରେଲୱେ ଷ୍ଟେଶନ ସମ୍ମୁଖ,ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଅଖିଳ ଭାରତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ, ସ୍ଥାନ: କେନ୍ଦୁଝର ଜେଲ ରୋଡ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଓମ୍ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଡୁମାପଦା କପ୍-୨୦୨୫, ସ୍ଥାନ:ଡୁମାପଦା, ବାରିପଦା ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କ ସତସଙ୍ଗ ମହୋତ୍ସବ,ସ୍ଥାନ:ଉଦଳା ଅତୁଲ ବାବୁଙ୍କ ପଡ଼ିଆ,ସମୟ:ସନ୍ଧ୍ୟା ୬ଟା୩୦।

## ବ୍ରହ୍ମପୁର

- ଜିଲା ବିଜେଡିର ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା, ସ୍ଥାନ: ବ୍ରହ୍ମପୁର ହିଲପାଟଣା ଗଣେଶ ମନ୍ଦିର, ସମୟ: ଅପରାହ୍ନ ୩ ଟା।
- ବୃନ୍ଦାବନ ନାୟକଙ୍କ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ବ୍ରହ୍ମପୁର କମାପଲୀ, ସମୟ: ସକାଳ ୯ଟା।

## ଗଞ୍ଜାମ

- ୨୨ତମ ଧର୍ମ ସମ୍ମିଳନୀ, ସ୍ଥାନ: ବାଲିପଦର ମକର ପଡିଆ, ସମୟ: ସନ୍ଧ୍ୟା ୬ ଟା।

## ଜଗତ୍‌ସିଂହପୁର

- ଭାରତୀୟ ମଜଦୁର ୟୁନିୟନ ପକ୍ଷରୁ ଏକ କମ୍ପାନୀ ଫାଟକ ଆଗରେ ଶ୍ରମିକ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: ଲକପଡା ପାଖ କମ୍ପାନୀ ଫାଟକ ଆଗ, ପାରାଦୀପ, ସମୟ: ସକାଳ ୮ ଟା।

## କେନ୍ଦ୍ରାପଡ଼ା

- ମା' ଶ୍ୟାମାକାଳୀଙ୍କ ପୂଜାସ୍ତୋବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଳାବାଙ୍କ, ଡେରାବିଶ, ଜଗତିଜୋର ପୀଠ, ଛପାଲି, ପ୍ରଭାକରପୁର, ରାମନଗର, ବଡିଘର, ତନ୍ତିଆପାଳ, ପଙ୍କପାଳ, ଟିକରପଙ୍ଗା, ମହାକାଳପଡା, ନୂଆପଡା, ଖରିଷଣ, ସଟଲା, ମଇଁଦପୁର, ଚମ୍ପୁର, ଗରଦପୁର, ପଞ୍ଚପଲ୍ଲୀ, ରାଧାନଗର ପଡ଼ିଆ, ଆଳି, ଗରାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଆସ ସ୍କୁଲ ଯିବା ଅଭିଯାନରେ ଜିଲାସ୍ତରୀୟ ପଦଯାତ୍ରା, ସ୍ଥାନ: ଯାଜପୁର ଜିଲା ସ୍କୁଲ ଠାରୁ ସରକାରୀ ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।
- ଯାଜପୁରରୋଡ୍ ପ୍ରେସ କ୍ଲବ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ : ଯାଜପୁର ରୋଡ ବ୍ୟାସଦେବ ଟାଉନ ହଲ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଅୟମାରମ୍ଭ, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସକାଳ ୬ଟା ।
- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଓଡଗାଁ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନୂଆଗାଁ ବ୍ଲକ ବାହାଡାଖୋଲା ସରକାରୀ ଏମ୍ଇ ସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ।
- ଓଡଗାଁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ , ସ୍ଥାନ:ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ପୁରସ୍କାର ବିତରଣ ଓ ଉଦ୍‌ଯାପନ ଉତ୍ସବ, ସମୟ:ଅପରାହ୍ନ ୩ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ସେବା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନ ଉତ୍ସବ, ସ୍ଥାନ:ଭାପୁର ବ୍ଲକ ବାଇଗୁଣିଆସ୍ଥିତ ପଠାଣୀ ସାମନ୍ତ ମହାବିଦ୍ୟାଳୟ ଖଣ୍ଡପଡା,ସମୟ:ଅପରାହ୍ନ ୧ଟା ୩୦।
- ପଞ୍ଚମ ବାର୍ଷିକ ରାମଚରିତ ମାନସ ପାରାୟଣ ପ୍ରବଚନ, ସ୍ଥାନ:ଖାଙ୍କି ମଠ ନୟାଗଡ, ସମୟ: ସଂଧ୍ୟା ୬ଟା ।
- ପଞ୍ଚମ ବାର୍ଷିକ ଭାଗବତ କଥାମୃତ ଅୟମାରମ୍ଭ ଦିବସରେ ଭାଗବତ ସଭା, ସ୍ଥାନ: ଗୋଡିପଡା ନିକଟସ୍ଥ ପଞ୍ଚୁମୁ ପଞ୍ଚାୟତ ମଝିଆଖଣ୍ଡ, ସମୟ: ସଂଧ୍ୟା ୬ଟା ।
- ଗିରି ଗୋବର୍ଦ୍ଧନ ପୂଜାର ୨ୟ ଦିବସରେ ବାଦୀ ପାଲା, ସ୍ଥାନ: ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ପଥରଦ୍ୱାର ପୂର୍ଣ୍ଣବାସୀ ପୀଠ, ସମୟ:ସଂଧ୍ୟା ୭ଟା ।
- ଶ୍ୟାମାକାଳୀ ପୂଜାର ୫୨ ବର୍ଷ ପୂର୍ତ୍ତି ଅବସରରେ ଓଡିଶୀ ନୃତ୍ୟ ଓ ଡ୍ୟାନ୍ସ ଧମାକା, ସ୍ଥାନ: ନୟାଗଡ ବ୍ଲକ ଷଠିଆପଲ୍ଲୀ ଶ୍ୟାମାକାଳୀଙ୍କ ପୀଠ, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା

- ସାଇବର ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସମବାୟ କର୍ମଶାଳା, ସ୍ଥାନ: ଜୟପୁର ଗାନ୍ଧୀ ଛକସ୍ଥିତ ସନ୍ଧ୍ୟା ଫଙ୍କଶନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସ୍ଥାନ: କୋରୁକୋଣ୍ଡା ସଦରରେ ଥିବା ନୋଡାଲ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ଶିଶୁ ମିତ୍ର ଗୃହ ଉଦ୍‌ଘାଟନ, ସ୍ଥାନ: ଓର୍କେଲ ଥାନା ପରିସର, ସମୟ: ପୂର୍ବାହ୍ନ ୧୧ ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଚିତ୍ରଗୁପ୍ତ କଲ୍ୟାଣ ସଂଘ ଆୟୋଜନରେ ଚିତ୍ରଗୁପ୍ତ ଦେବଙ୍କ ପୂଜା, ସ୍ଥାନ : ମହାନ୍ତିପଡା ଛକ, ସମୟ : ସକାଳ ୮ଟା।
- ସମ୍ବଲପୁର କରଣ ସମାଜ ଆୟୋଜନରେ ଚିତ୍ରଗୁପ୍ତ ପୂଜାର୍ଚ୍ଚନା, ସ୍ଥାନ : ଫ୍ରେଜର କ୍ଲବ, ସମୟ : ସକାଳ ୯ଟା୩୦।
- ଦ୍ୱିତୀୟ ସମ୍ବଲପୁର ଅର୍ନ୍ତଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।

## ରାଉରକେଲା

- ଛଟ୍ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଝିରପାଣି କୋଏଲନଦୀ ସେତୁ, ସମୟ: ପୂର୍ବାହ୍ନ ୧୧ଟା।
- ଏକ ପେଡ୍ ମା' କେ ନାମ୍, ସ୍ଥାନ: ସେକ୍ଟର-୨୦, କୋଏଲ ବିଦ୍ୟାପୀଠ, ସମୟ: ଅପରାହ୍ନ ୩ଟା।
- କାଳୀପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨ ଦ୍ୱିତାଲା ମାର୍କେଟ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ମାଁ ଶ୍ୟାମାକାଳୀଙ୍କ ବାର୍ଷିକ ପୂଜା ମହୋତ୍ସବ, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ:ସକାଳ ୬ଟା।
- ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ:ଗୋବିନ୍ଦପାଲି, ବରଗଡ଼,ସମୟ:ସକାଳ ୭ଟା।
- ୨୭ତମ ଲକ୍ଷ୍ମୀ ପୂଜା, ସ୍ଥାନ:ବଣିକ ସଂଘ, ଗାଇସିଲେଟ, ସମୟ:ପୂର୍ବାହ୍ନ ୮ଟା।
- ଜିଲାସ୍ତରୀୟ 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଦ୍ମପୁର, ସମୟ: ସକାଳ ୯ଟା ୩୦।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ଅତାବିରା, ସମୟ:ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କୃଷି ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟସ୍ଥିତ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ମା' ଶ୍ୟାମାକାଳୀ ପୂଜାର ଚତୁର୍ଥ ଦିବସରେ ରାମାୟଣ ପରାୟଣ, ସ୍ଥାନ: ବିନିକା ଗଡ଼ଭିତର, ସମୟ: ସକାଳ ୮ ଟା।
- ବିନିକା-ଅରିଙ୍ଗା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ, କଂସ ମହାରାଜ ବରଣ, ସ୍ଥାନ: ଅରିଙ୍ଗା ଖେଳ ପଡିଆ, ସମୟ: ସକାଳ ୯ଟା।
- ତରଭା ବ୍ଲକ ଭାଲୁଡୁଙ୍ଗୁରି ଗିରି ଗୋବର୍ଦ୍ଧନ ପୂଜାର ପୂର୍ଣ୍ଣାହୁତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ରବି ଓ ଚନ୍ଦ୍ରଙ୍କ ସ୍ଥିତି ପାରିବାରିକ ଖର୍ଚ୍ଚକୁ ବୃଦ୍ଧି କରିବା ସହ ସନ୍ତାନଙ୍କ ସମସ୍ୟା ବିଷୟରେ ଚିନ୍ତିତ କରାଇବ। ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ କରି ଖୁସି ହେବେ। ବନ୍ଧୁଙ୍କ ସହ ଆଲୋଚନା, ଯାନବାହନ, ପରିବହନ, ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ। ଅଶ୍ୱିନୀ ନକ୍ଷତ୍ର ଖଳଲୋକଙ୍କ କଥାକୁ ସତ୍ୟ ମଣି ଘର ଲୋକଙ୍କୁ ଭୁଲ୍ ବୁଝିବେ।

**ବୃଷ** ଆକସ୍ମିକ କୌଣସି ଜିନିଷ କିମ୍ବା ଖବର ପାଇ ବିଶେଷ ଖୁସି ଅନୁଭବ କରିବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବାରୁ ଆଶ୍ୱସ୍ତି ଲାଭ କରିବେ। ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ହଡ଼ବଡ଼େଇ ଯାଇପାରନ୍ତି।

**ମିଥୁନ** ଆଜି ପାରିବାରିକ ସ୍ଥିତି, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ଦୂରଯାତ୍ରା ସାଙ୍ଗକୁ ବ୍ୟବସାୟ ଦିଗଟି ଭଲ ରହିବ। ଆର୍ଦ୍ରା ନକ୍ଷତ୍ର ଯେଉଁ ବିଷୟରେ ଚିନ୍ତିତ ରହିଛନ୍ତି ତାହା ଅଚିରେ ସମାଧାନ ହେବ। ଦୀର୍ଘଦିନର ଆଶା ଫଳବତୀ ହେବାରେ ଅସୁବିଧା ରହିବ ନାହିଁ। କିନ୍ତୁ କେତେକ କ୍ଷେତ୍ରରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

**କର୍କଟ** ଆଜି ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବେନାହିଁ। ସାମାଜିକ ସ୍ତରରେ ପରିସ୍ଥିତି ବଦଳିଯିବାରୁ ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ। ଅଶ୍ଳେଷା ନକ୍ଷତ୍ର ଲେଖାପଢ଼ା,ଆଲୋଚନା,ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥକରି ସଫଳତା ହାସଲକରିବେ। ପରିବାରରେ ମଘା ନକ୍ଷତ୍ର ଅଭିମାନକରି ରାଗରେ ଜରଜର ହୋଇପାରନ୍ତି।

**କନ୍ୟା** ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ୍ଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା** ଆଜି ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପର କଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବା ସହ ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ବିଶାଖା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବିବା ଠିକ୍ ହେବନାହିଁ। ଆବଶ୍ୟକତା ପୂରଣ ସକାଶେ ପରପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ।

**ବିଛା** ପ୍ରତ୍ୟେକ କଥାରେ ଅତୀତକୁ ଖୋଜିବସିଲେ ଲାଭହେବନାହିଁ। ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିପାରନ୍ତି। ବନ୍ଧୁମାନଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବା ଯୋଗ ରହିଛି। ଅନୁରାଧା ନକ୍ଷତ୍ର ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ କାମ ହାସଲ କରିବେ।

**ଧନୁ** ପାରିବାରିକ କଳହ, ଟଙ୍କା ପଇସାର ଦେଣନେଣ, କଚେରି ମାମଲାର ଟେନ୍‌ସନ ରହିପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ଦେବେ ଯାହା ବନ୍ଧୁଙ୍କ ମନକୁ ପାଇବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇବେ। ପୂର୍ବାଷାଢ଼ା ନକ୍ଷତ୍ର ପାଇଁ ରାସ୍ତାରେ ଅପରିଚିତ ବ୍ୟକ୍ତି ଚିନ୍ତାର କାରଣ ହେବେ।

**ମକର** ଅନୁକୂଳତା ପ୍ରାପ୍ତହୋଇ କାର୍ଯ୍ୟସିଦ୍ଧି ସାଙ୍ଗକୁ ସମସ୍ୟାର ଦୂରୀକରଣ ଦିଗରେ ଯତ୍ନବାନ୍ ହେବେ। ଅଭାବବୋଧ ପ୍ରଭୃତି ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିପାରେ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** ଆଜି ସ୍ଥଗିତ କାମକୁ ପୂରା ଦମ୍ଭରେ କରିବାପାଇଁ ନିଷ୍ପତ୍ତି ନେଇ କୃତକାର୍ଯ୍ୟ ହେବେ। ଶତଭିଷା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବନ୍ଧୁଙ୍କ ସହ କଥା କଟା କଟି କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ିହେବ ନାହିଁ।

**ମୀନ** ପରିବାରରୁ ଶ୍ରଦ୍ଧା,ବନ୍ଧୁଙ୍କ ଆଦର, ସମ୍ମାନନୀୟ ବ୍ୟକ୍ତିଙ୍କ ପ୍ରଶଂସାରେ ଉତ୍‌ଫୁଲ୍ଲ ହେବେ। ହିତୈଷୀଙ୍କ ଜରିଆରେ ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସି ହେବେ। ଉତ୍ତରଭାଦ୍ରପଦ ନକ୍ଷତ୍ରର ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇଯିବ। ଆନୁଷ୍ଠାନିକ କାମରେ ବ୍ୟସ୍ତ ସାଙ୍ଗକୁ ଆତ୍ମୀୟଙ୍କ ସହ କଳହ ସୃଷ୍ଟିହେବ।

ଆଜି ଅକ୍ଟୋବର ୨୩ ତାରିଖ, କାର୍ତ୍ତିକ ଶୁକ୍ଳପକ୍ଷର ଯମ ଦ୍ୱିତୀୟା ଗୁରୁବାର, ଶ୍ରୀମନ୍ଦିରରେ ଯମେଶ୍ୱରଙ୍କ ଦର୍ଶନ, ବନ୍ଦାପନାଦି ଅଙ୍ଗଯାତ୍ରା, ଚାତୁର୍ମାସ୍ୟା ଗୁରୁବାର ବ୍ରତ। ରାଶି ନକ୍ଷତ୍ର-ବିଶାଖା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୭ ଗତେ, ଘ. ୦୭।୧୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୧୨।୫୬ ଗତେ, ଘ.୦୨।୨୨ ମଧ୍ୟେ ରାହୁକାଳ ।

# ଲୋକପାଳଙ୍କୁ ଲୋଡ଼ା ୭ ବିଏମ୍‌ଡବ୍ଲ୍ୟୁ

**ନୂଆଦିଲ୍ଲୀ, ୨୨।୧୦**

ଦେଶର ଦୁର୍ନୀତି ବିରୋଧୀ ପ୍ରହରି ଲୋକପାଳ ଅଫ୍ ଇଣ୍ଡିଆ ନିଜର ପ୍ରଶାସନିକ ଏବଂ ଲଜିଷ୍ଟିକ୍ ବ୍ୟବସ୍ଥାକୁ ଅଧିକ ଉନ୍ନତ କରିବା ପାଇଁ ୭ ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ କାର୍ କିଣିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଲୋକପାଳଙ୍କ ପକ୍ଷରୁ ଗତ ୧୬ ତାରିଖରେ ସାର୍ବଜନୀନ ଭାବେ ଟେଣ୍ଡର ଜାରି କରାଯାଇଛି। ପ୍ରତି କାର୍‌ର ମୂଲ୍ୟ ୭୦ ଲକ୍ଷ ଟଙ୍କା ହୋଇଥିବା ବେଳେ ଲୋକପାଳଙ୍କ ପକ୍ଷରୁ ୫ କୋଟି ଟଙ୍କା ମୂଲ୍ୟର ଏହି ଟେଣ୍ଡର ଜାରି ହୋଇଛି। ଲୋକପାଳଙ୍କ ନୋଟିସ ଅନୁଯାୟୀ, ବିଡ୍ ଦାଖଲ ପ୍ରକ୍ରିୟା ଅକ୍ଟୋବର ୧୭ରୁ ଆରମ୍ଭହୋଇ ନଭେମ୍ବର ୬ ପର୍ଯ୍ୟନ୍ତ ଚାଲିବ। ବିଡ୍‌ର ବୈଷୟିକ ଯାଞ୍ଚ ନଭେମ୍ବର ୭ରୁ ଆରମ୍ଭ ହେବ। କାର୍ ଡେଲିଭରି ହେବା ପରେ ଲୋକପାଳ କାର୍ଯ୍ୟାଳୟର ଡ୍ରାଇଭର ଏବଂ କର୍ମଚାରୀମାନଙ୍କୁ ସପ୍ତାହେ ବ୍ୟାପୀ ତାଲିମ ପ୍ରଦାନ କରିବାକୁ ବିଏମ୍‌ଡବ୍ଲ୍ୟୁ ଏହାର ବିଶେଷଜ୍ଞଙ୍କୁ ପଠାଇବ। ତେବେ ଲୋକପାଳ ଅଫ୍ ଇଣ୍ଡିଆର ଏହି ଟେଣ୍ଡରକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ କହିଛନ୍ତି, ୨୦୧୧ରେ ଇଣ୍ଡିଆ ଏଗେନ୍‌ଷ୍ଟ କରପ୍ସନ ଆନ୍ଦୋଳନ ପରେ ଦୁର୍ନୀତି ବିରୋଧୀ ଲଢ଼େଇ ପାଇଁ ଲୋକପାଳଙ୍କୁ ନିଯୁକ୍ତ କରାଯାଇଥିଲା। ତତ୍କାଳୀନ କଂଗ୍ରେସ ସରକାରଙ୍କୁ ଭାଙ୍ଗିବା ପାଇଁ ଏହି ସଂସ୍ଥା ଗଠନ କରାଯାଇଥିଲା। ଏହି ସଂସ୍ଥା କେବଳ କାଗଜପତ୍ରରେ ରହି କରଦାତାଙ୍କ କଷ୍ଟାର୍ଜିତ ଅର୍ଥକୁ ନଷ୍ଟ କରୁଥିବା ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରୁଣ୍ଡୁଝୁଣ୍ଡୁ ହୋଇ ଯାଏ ଛଟକୀ**
**ଦେଖିଲା ବେଳକୁ ଖଣ୍ଡିଆ ନାକୀ।**

ମହିଳାମାନେ ସାଧାରଣତଃ ଫେଶନ ପ୍ରିୟ ହୋଇଥାନ୍ତି। ନିଜ ରୂପ ବର୍ଣ୍ଣକୁ ଦେଖି ପ୍ରସାଧାନ ପ୍ରତି ମନ ବଳେଇଥାନ୍ତି। ତେବେ ଅସୁନ୍ଦରୀ ଯୁବତୀଙ୍କ କ୍ଷେତ୍ରରେ ନିଜ ରୂପକୁ ନେଇ ସଜେଇହେବା ଅନେକଙ୍କ ପକ୍ଷେ ଚକ୍ଷୁଶୂଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଋଷି ଘରକୁ ମହାଋଷି ଗଲେ**
**ଜିରା ଭିତରୁ ଶିରା କାଢ଼ିଲେ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ହିଁ ଦେଖିଥାନ୍ତି। ଏହିପରି ଅନ୍ୟର ଦୋଷ ଯିଏ ଦେଖାଉଥାଏ ତା'ର ଦୋଷ ଦୁର୍ବଳତା ଦେଖାଇବାକୁ ମଧ୍ୟ କେହି ଜଣେ ରହିଥାଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରିଥିବା ମାନିଲେ ଦୀପକ

## ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ହତ୍ୟା ଘଟଣା

## ଜେଲରେ ଜେରା, ଅଧିକ ପ୍ରମାଣ ଖୋଜୁଛି ଖୁଣ୍ଟୁଣୀ ପୋଲିସ

**ଭୁବନେଶ୍ୱର,୨୨।୧୦**
**(ସତ୍ୟଜିତ ରାଉତ)**

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଝାରପଡ଼ା ଜେଲରେ ଥିବା ଅଭିଯୁକ୍ତ କନ୍‌ଷ୍ଟେବଲ ସ୍ୱାମୀ ଦୀପକ ରାଉତଙ୍କ ଅପରାଧ ଇତିହାସକୁ ନେଇ ଖୋଳତାଡ଼ ଜାରି ରହିଛି। ପ୍ରଥମ ସ୍ତ୍ରୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇ ନ ଥିଲା, ଦୀପକ ହିଁ ତାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। କଟକ ଜିଲା ଖୁଣ୍ଟୁଣୀ ଥାନା ପୋଲିସ ଟିମ୍ ମଙ୍ଗଳବାର ଝାରପଡ଼ା ଜେଲରେ ପହଞ୍ଚି ଦୀପକଙ୍କୁ ଜେରା କରିଥିଲା। ପୋଲିସ ଟିମ୍ ଦୀପକଙ୍କୁ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିବା ସମୟରେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ସାଢ଼େ ୩ ବର୍ଷ ତଳେ ଦୀପକ ଦେଇଥିବା ବୟାନରେ ତାଳମେଳ ରହି ନ ଥିଲା। ଶେଷରେ ସେ ହତ୍ୟା କରିଥିବା ପୋଲିସ ଆଗରେ ମାନିଛନ୍ତି। ଏପରିକି ଅପର୍ଣ୍ଣାଙ୍କ ବ୍ୟବଚ୍ଛେଦ ରିପୋର୍ଟର ପୁନଃ ଯାଞ୍ଚରେ ବି ହତ୍ୟା ବୋଲି ସ୍ପଷ୍ଟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଖୁଣ୍ଟୁଣୀ ପୋଲିସ ଏହି ହତ୍ୟା ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ ଆଉ ଅଧିକ ପ୍ରମାଣ ଯୋଗାଡ଼ କରିବାରେ ଲାଗିଛି। ଦୀପକଙ୍କ ବିରୋଧରେ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାରେ ପୋଲିସ ପ୍ରୟାସ କରୁଛି। ଅପରପକ୍ଷରେ କ୍ୟାପିଟାଲ ଥାନା ପୋଲିସ ଦୀପକଙ୍କ ହତ୍ୟାର ଶିକାର ହୋଇଥିବା ଦ୍ୱିତୀୟ ସ୍ତ୍ରୀ ଶୁଭମିତ୍ରାଙ୍କ ଶରୀରର ବିଭିନ୍ନ ନମୁନାକୁ ଡିଏନ୍‌ଏ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଇ ରିପୋର୍ଟକୁ ଅପେକ୍ଷା କରିଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ଅଧୀନ କନ୍ଦରସିଂହା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଭାବେ କରୁଥିବା ଅପର୍ଣ୍ଣାଙ୍କୁ ୨୦୧୮ ଏପ୍ରିଲ ୨୫ରେ ଦୀପକ ବିବାହ କରିଥିଲେ। ମୃତ୍ୟୁ ସମୟରେ ସେ ୬ ମାସର ଗର୍ଭବତୀ ଥିଲେ। ୨୦୨୨ ମାର୍ଚ୍ଚ ୧୭ରେ ରାତି ପ୍ରାୟ ୮ଟା ବେଳେ ଖୁଣ୍ଟୁଣୀ ନିକଟରେ ଅପର୍ଣ୍ଣାଙ୍କ ଦୁର୍ଘଟଣା ଘଟିଛି ବୋଲି ଦୀପକ ପରିବାର ଲୋକଙ୍କୁ ଜଣାଇଥିଲେ। ସେତେବେଳେ ପୋଲିସ ଓ ପରିବାର ଲୋକେ ଦୀପକଙ୍କ କଥାକୁ ସତ ମାନିଯାଇଥିଲେ। ଏହାପରେ ଦୀପକ କମିଶନରେଟ୍ ପୋଲିସରେ କାର୍ଯ୍ୟ କରୁଥିବା ଶୁଭମିତ୍ରାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିବା ପରେ ତାଙ୍କୁ ହତ୍ୟା କରିଥିଲେ। ତେବେ ଶୁଭମିତ୍ରାଙ୍କ ହତ୍ୟା ଘଟଣାର ତଦନ୍ତବେଳେ ଦୀପକ ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ପଦାକୁ ଆସିଥିଲା।

## ପ୍ରଥମ ପୃଷ୍ଠାରୁ...

### 'ବିକ୍ରମ, ପିଣ୍ଟୁ ମୁଖ୍ୟ ...

କରିଥିବାବେଳେ ୫୦୦ରୁ ଉର୍ଦ୍ଧ୍ୱ ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ଏହି ହତ୍ୟା ଘଟଣାରେ ରାଜନୈତିକ, ବ୍ୟବସାୟିକ ଏବଂ ବ୍ୟକ୍ତିଗତ ଶତ୍ରୁତା ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ଏପରି କି ପୀତବାସଙ୍କୁ ହତ୍ୟା ପାଇଁ ମାସକରୁ ଉର୍ଦ୍ଧ୍ୱ ସମୟ ଧରି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଏଥିପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ହୋଇଥିଲା। ଏହି ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ୧୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଏହି ଘଟଣାରେ ବିଏମ୍‌ସିର ଜଣେ କର୍ପୋରେଟର, ଜଣେ ଆଇନଜୀବୀଙ୍କ ମଧ୍ୟ ସମ୍ପୃକ୍ତି ରହିଛି। ବିକ୍ରମ ଓ ପିଣ୍ଟୁ ମିଳିତ ଭାବେ ହତ୍ୟା ଷଡ଼ଯନ୍ତ୍ର କରିଥିବା ବେଳେ ଅନ୍ୟମାନେ ଏହାକୁ କାର୍ଯ୍ୟକାରୀ କରାଇଥିଲେ। ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ(୫୧), ପୂର୍ବତନ ମେୟର ପିଣ୍ଟୁ (୪୯)ଙ୍କ ସମେତ ୪୧ ନଂ. ୱାର୍ଡ କର୍ପୋରେଟର ମଳୟ ବିଷୋୟୀ (୫୮), ବିଜେଡି ନେତା ମଦନ ଦଳାଇ (୫୦), ଦିଗପହଣ୍ଡି ଥାନା ଅନ୍ତର୍ଗତ ବନ୍ଧପଲିର ଛାତ୍ରନେତା ଯୋଗୀ ରାଉତ (୨୫), ବନ୍ଧପଲିର କାଳୁଚରଣ ଭୂୟାଁ(୩୯), ଟିଣ୍ଟୁ ପ୍ରଧାନ (୨୫), ହିଞ୍ଜିଳିକାଟୁର ବିପିନ ସ୍ୱାଇଁ (୩୫), ବଡ଼ଗଡ଼ ଥାନା ଅନ୍ତର୍ଗତ ହରିପ୍ରିୟାପୁର ଖଦାଳ ସାହିର ସୀମାଞ୍ଚଳ ନାଇକ (୩୦), ନୟାଗଡ଼ ଜିଲା ଚାନ୍ଦପୁରର ରାଜେନ୍ଦ୍ର ସାହୁ(୨୩), ବିହାର ରାଜ୍ୟ ସିସିପାଲର କୁମାର ପାସୱାନ (୨୫) ଓ କୁନ୍ଦନ କୁମାର (୨୨)ଙ୍କୁ ଗିରଫ କରାଯାଇଛି। ବୈଦ୍ୟନାଥପୁର ଥାନା ମାମଲା ନଂ. ୫୧୮/୨୫ରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ଏସ୍‌ପି କହିଛନ୍ତି। ପୋଲିସ ୨ଟି ବନ୍ଧୁକ, ୫ ମୋବାଇଲ ଫୋନ୍ ଜବତ କରିଛି। ଅଭିଯୁକ୍ତ ସୁଦର୍ଶନ ଜେନା, କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେ ବି ଫେରାର ଥିବା ଏସ୍‌ପି ସୂଚନା ଦେଇଛନ୍ତି।

### ୨୬ ଦୋକାନ, ୫ ...

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହାଟରେ ଥିବା ଏକ ହୋଟେଲରେ ପ୍ରଥମେ ନିଆଁ ଲାଗିଥିଲା। ଦିନ ପ୍ରାୟ ୨ଟା ୫ରେ କୌଣସି କାରଣରୁ ହଠାତ୍ ହୋଟେଲର ଏକ ପାର୍ଶ୍ୱରୁ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ହୁତୁହୁତୁ ହୋଇ ନିଆଁ ଜଳିଉଠିବା ସହ ହୋଟେଲର ଛପର ସହ ଅନ୍ୟ ଦୋକାନ ଓ ପରିବାର ମାର୍କେଟକୁ ବ୍ୟାପିଯାଇଥିଲା। ଦୋକାନୀମାନେ ପାଣି ପକାଇ ନିଆଁ ଆୟତ୍ତ କରିବାକୁ ଲାଗିପଡ଼ିଥିଲେ। ହେଲେ ନିଆଁ ଆୟତ୍ତ ନ ହେବାରୁ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବିଭିନ୍ନ ଦମକଳ କେନ୍ଦ୍ରରୁ ଅଗ୍ନିଶମ ବାହିନୀ ପହଞ୍ଚି ଦିନ ପ୍ରାୟ ୨ଟା ୪୦ରୁ ନିଆଁ ଲିଭାରେ ଲାଗି ପଡିଥିଲେ। ଅଗ୍ନିଶମ ବିଭାଗର ୧୬ ଦମକଳ ଗାଡି ଓ ପ୍ରାୟ ୧୪୦ କର୍ମଚାରୀ ନିୟୋଜିତ ହୋଇଥିଲେ। ୩ଟା ୪୫ ପର୍ଯ୍ୟନ୍ତ ଅଗ୍ନିଶମ ଟିମ୍‌ଗୁଡିକର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରାଯାଇଥିଲା। ହେଲେ ସେତେବେଳକୁ ଦୋକାନ ଓ ଗୋଦାମରେ ଥିବା ବିଭିନ୍ନ ତେଜରାତି ସାମଗ୍ରୀ ଓ ପରିବା ନଷ୍ଟ ହୋଇଯାଇଥିଲା। ବଡ଼ କଥା ହେଉଛି, ନିଆଁ ଲିଭା ସମୟରେ ହାଟ ଆସୋସିଏଶନର ଦୁଇ ଗୋଷ୍ଠୀ ହାତାହାତି ହୋଇଥିଲେ। ଅଗ୍ନିକାଣ୍ଡକୁ ନେଇ ଆରୋପ ପ୍ରତ୍ୟାରୋପରୁ ଉଭୟ ଗୋଷ୍ଠୀ ଘଟଣାସ୍ଥଳରେ ଚେୟାର ଫିଙ୍ଗାଫିଙ୍ଗି ହୋଇଥିଲା। ପୋଲିସ ଉପସ୍ଥିତିରେ ହିଁ ଏଭଳି ଅପ୍ରୀତିକର ଘଟଣା ଘଟିଥିଲା। ସ୍ଥିତିକୁ ଦେଖି କ୍ୟାପିଟାଲ ଥାନା ପକ୍ଷରୁ ପ୍ରଥମେ ଗୋଟିଏ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ପରେ ଉତ୍ତେଜନା ପରିସ୍ଥିତିକୁ ଦେଖି ଅନ୍ୟ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥାଲା। ପୋଲିସ ଟିମ୍‌ର ଉଦ୍ୟମ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଇନ ଶୃଙ୍ଖଳା ସ୍ଥିତିକୁ ଦେଖି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଘଟଣାସ୍ଥଳକୁ ଯାଇ ତଦାରଖ କରିଥିଲେ। ମେୟର ସୁଲୋଚନା ଦାସ ଓ ବହୁ ରାଜନୈତିକ ବ୍ୟକ୍ତିବିଶେଷ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ତେବେ ଭୁଲ ବୁଝାବଣାରୁ ଛୋଟ ଧରଣର ଝଗଡା ହୋଇଥିବା ବେଳେ ଆପୋସ ସମାଧାନ ହୋଇଥିବା ନେଇ ଡିସିପି କହିଛନ୍ତି। ଖବର ପ୍ରସ୍ତୁତ ହେବା ଯାଏ ଏନେଇ ଥାନାରେ ମାମଲା ହୋଇ ନ ଥିବା ଜଣାପଡିଛି।

### ଏସ୍‌ଆଇ ନିଯୁକ୍ତି ଦୁର୍ନୀତିର ...

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେବା ପାଇଁ ନିର୍ଣ୍ଣୟ କରିଛନ୍ତି। ଏହାଛଡ଼ା ପୋଲିସ ଏବଂ ଅନ୍ୟାନ୍ୟ ପୋଷାକଧାରୀ ସେବାରେ କର୍ମଚାରୀ ଚୟନ ପାଇଁ ଏକ ସ୍ଥାୟୀ ଆୟୋଗ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ବିଚାର କରୁଛନ୍ତି।

### ନୂଆପଡ଼ା: ୧୪ ଜଣଙ୍କ...

ଶୁକଧର ଦଣ୍ଡସେନାଙ୍କ ସମେତ ୮ଜଣ ସ୍ୱାଧୀନ ଭାବେ ନାମାଙ୍କନ ଭରିଥିବା ବ୍ୟକ୍ତିଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଅନ୍ୟପଟେ ବହୁଜନ ସମାଜ ପାର୍ଟିର ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା, ୩ଜଣ ସ୍ୱାଧୀନ ପ୍ରାର୍ଥୀ ପୁରୁଷୋତ୍ତମ ବେହେରା, କମଲ କୁମାର ଛତ୍ରିଆ ଓ ଭୁଜବଳ ଆଡ଼ବଙ୍ଗଙ୍କ ନାମାଙ୍କନ ନାକଚ ହୋଇଛି। ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ, ରିଟର୍ନିଂ ଅଫିସର୍ ସୁର୍ମି ସୋରେନ ଉପସ୍ଥିତ ଥିଲେ।

# ହତ୍ୟା ପାଇଁ ହୋଇଥିଲା ୫୦ ଲକ୍ଷ ଡିଲ୍



## ନିର୍ବାଚନ ପରାଜୟ ଥିଲା ଅନ୍ୟତମ କାରଣ

ପୀତବାସଙ୍କୁ ହତ୍ୟା କରାଯିବା ପଛରେ ବିକ୍ରମଙ୍କ ନିର୍ବାଚନ ପରାଜୟ ଅନ୍ୟତମ କାରଣ ବୋଲି ତଦନ୍ତରୁ ଜଣାପଡ଼ିଛି। କାରଣ ୨୦୨୪ ସାଧାରଣ ନିର୍ବାଚନ ବେଳେ ପୀତବାସଙ୍କ ଯୋଗୁ ଗୋପାଳପୁର ନିର୍ବାଚନମଣ୍ଡଳୀରୁ ବିକ୍ରମ ହାରିଥିବା ସେ ଅନୁଭବ କରିଥିଲେ। ସେହିପରି ବ୍ରହ୍ମପୁରର ବର୍ତ୍ତମାନ ବିଧାୟକ କେ. ଅନିଲ କୁମାର ଭୁଲ ସତ୍ୟପାଠ ଦେଇଥିଲେ ବୋଲି ହାଇକୋର୍ଟରେ ଏକ ପିଟିଶନ ହୋଇଥିଲା। ଏ ବାବଦ ଖର୍ଚ୍ଚ ହେଉଥିବା ସମସ୍ତ ଟଙ୍କା ଉଭୟ ବିକ୍ରମ ଓ ପିଣ୍ଟୁ ବହନ କରୁଥିଲେ। ପିଟିଶନକୁ କୋର୍ଟ ଗ୍ରହଣ କରି ଯଦି ବ୍ରହ୍ମପୁର ବିଧାନସଭା ପାଇଁ ଉପନିର୍ବାଚନ ନିର୍ଦ୍ଦେଶ ଦେବେ, ତାହେଲେ ବିକ୍ରମ ବିଧାୟକ ଓ ପିଣ୍ଟୁ ମେୟର ହେବାକୁ ଆଶା ରଖିଥିଲେ। ସେହିପରି ପୀତବାସ ହତ୍ୟା ପାଇଁ ଦିଆଯାଇଥିବା ୧୧ଲକ୍ଷ ଟଙ୍କା ଉଭୟ ଖର୍ଚ୍ଚକରିଥିବା ପ୍ରମାଣ ରହିଛି ବୋଲି ଏସ୍‌ପି କହିଛନ୍ତି।

ବ୍ରହ୍ମପୁର,୨୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ତଦନ୍ତ ବେଳେ ପୋଲିସ ପ୍ରଥମେ ବିହାରର ୨ ଯୁବକ କୁମାର ପାସୱାନ ଓ କୁନ୍ଦନଙ୍କୁ ଧରିଥିଲା। ପୀତବାସଙ୍କୁ ଗୁଳି କରିବା ପାଇଁ ଉମା ବିଷୋୟୀ ସେମାନଙ୍କୁ ବ୍ରହ୍ମପୁର ଡାକି ଅଳକାପୁରୀ ଅଞ୍ଚଳରେ ଏକ ଭଡ଼ାଘରେ ରଖିଥିଲେ। କର୍ପୋରେଟର ମଳୟଙ୍କ ସହଯୋଗରେ ଉଭୟେ ସେଠାରେ ରହି ହତ୍ୟା ପାଇଁ ଦୁଇ ଦିନ ରେକି କରିଥିଲେ। ତେବେ ପୀତବାସ ଜଣେ ଆଇନଜୀବୀ ଜାଣିବା ପରେ ଲୁଚି ପଳାଇଥିଲେ ବୋଲି ବିହାରୀ ଯୁବକଦ୍ୱୟ ପୋଲିସ ନିକଟରେ କହିଥିଲେ। ଏହାପରେ କର୍ପୋରେଟର ମଳୟଙ୍କୁ ଜେରା କରାଯିବାରେ ଘଟଣାର ମୋଡ଼ ବଦଳି ଯାଇଥିଲା। ହତ୍ୟାକାଣ୍ଡ ପାଇଁ ଦୁଇ ନେତା ବିକ୍ରମ ଏବଂ ପିଣ୍ଟୁ ମଧ୍ୟସ୍ଥଙ୍କ ଜରିଆରେ ୫୦ଲକ୍ଷ ଟଙ୍କାର ଡିଲ୍ କରିଥିଲେ। ଶୁଟରଙ୍କ ଦ୍ୱାରା ପୀତବାସଙ୍କୁ ହତ୍ୟା ପାଇଁ ବାଲିପଡାରେ ରହୁଥିବା ଉମା ୧୧ ଲକ୍ଷ ଟଙ୍କା ନେଇଥିବାରୁ ବିହାରୀ ଯୁବକ ଫେରିଯିବା ପରେ ହଡ଼ବଡ଼େଇ ଯାଇଥିଲେ। ସେ ପୁଣି ହତ୍ୟାକାଣ୍ଡ ପାଇଁ ବନ୍ଧପଲିର କୁରୁପତି ଓ ଟିଣ୍ଟୁଙ୍କୁ ନିୟୋଜିତ କରିଥିଲେ। ସେମାନଙ୍କୁ ଘଟଣାର ୫ଦିନ ପୂର୍ବରୁ ପୀତବାସଙ୍କ ଘରଠାରୁ ୨୦୦ମିଟର ଦୂରରେ ଏକ ଘର ଭଡ଼ା ନେଇ ରଖାଯାଇଥିଲା। ଗତ ୬ ତାରିଖ ରାତି ୧୦ଟାରେ ପୀତବାସ ନିଜ ଚ୍ୟାମ୍ବରରୁ ଘରକୁ ଫେରୁଥିଲେ। ଘର ନିକଟରେ ପୂର୍ବରୁ ଜଗି ରହିଥିବା କୁରୁପତି ଓ ଟିଣ୍ଟୁ ତାଙ୍କ ଗାଡ଼ି ପାଖକୁ ଆସି ପଣ୍ଡାବାବୁ ଭଲ ଅଛନ୍ତି କି ବୋଲି ପଚାରିଥିଲେ। ସେ କିଛି କହିବା ପୂର୍ବରୁ କୁରୁପତି ବନ୍ଧୁକ କାଢ଼ି ପୀତବାସଙ୍କ ଛାତିକୁ ଗୁଳିମାଡ଼ କରିଥିଲେ। ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତଦ୍ୱୟ ବାଇକ୍‌ରେ ସେଠାରୁ ଲୋଚାପଡ଼ା ଗୁରୁଣ୍ଟି ହୋଇ ଶିକୁଳାପଲି କେନାଲ ନିକଟକୁ ଯାଇଥିଲେ। ସେଠାରେ ସେମାନେ ପିନ୍ଧିଥିବା ପୋଷାକ, ହେଲ୍‌ମେଟ, ୨ଟି ବନ୍ଧୁକ ଏକ ବୁଦାମୂଳେ ଲୁଚାଇ ପୁରୁଷୋତ୍ତମପୁର, ହୁମ୍ମା ଦେଇ ୧୬ ନଂ ଜାତୀୟ ରାଜପଥରେ ଟାଙ୍ଗୀ-ଚାନ୍ଦପୁର ଚାଲିଯାଇଥିଲେ। ସେଠାରେ ବାଇକକୁ ରାସ୍ତା କଡ଼ରେ ରଖି ବସ ଯୋଗେ ଭୁବନେଶ୍ୱର ଓ ପରେ ପୁରୀ ଯାଇଥିଲେ। ଉମା ପୁରୀରେ ଏକ ଲଜ୍‌ରେ ରହିଥିବାରୁ ସେଠାରେ ସମସ୍ତେ ଦେଖା ହୋଇଥିଲେ। ପରେ ଟିଣ୍ଟୁ ଟ୍ରେନରେ ଖୋର୍ଦ୍ଧା ଆସି ବେଙ୍ଗାଲୁରୁ ଚାଲିଯାଇଥିଲେ। ଅନ୍ୟପଟେ ଶୁଟର କୁରୁପତି ଓ ଅଭିଯୁକ୍ତ ଉମା କୋରାପୁଟ ଜିଲା ଜୟପୁର ଯାଇ ଏକ ଫାର୍ମ ହାଉସରେ ରହିଥିଲେ। ଉକ୍ତ ଫାର୍ମ ହାଉସ ମାଲିକଙ୍କ ସହ ବିକ୍ରମ ଓ ମଳୟଙ୍କ ଭଲ ସମ୍ପର୍କ ରହିଛି ବୋଲି ଅଭିଯୁକ୍ତ ଉମା ଓ କୁରୁପତି ଜେରା ବେଳେ କହିଥିଲେ। ପରେ କୁରୁପତି ଓ ଉମା ସେଠାରୁ ରାଞ୍ଚି ପଳାଇଥିଲେ। ଉଭୟଙ୍କ ମୋବାଇଲ ସୁଇଚ ଅଫ ରହିଥିଲା। ବେଙ୍ଗାଲୁରୁରୁ ଟିଣ୍ଟୁଙ୍କୁ ପୋଲିସ ଗିରଫ କରି ଜେରା କରି ଘଟଣାର ତଦନ୍ତ ଆଗକୁ ବଢ଼ାଇଥିଲା।



## ପୀତବାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ବିକ୍ରମ

ପୀତବାସଙ୍କୁ ହତ୍ୟା ପରେ ତାଙ୍କ ଘରକୁ ଯାଇ ବିକ୍ରମ ସମବେଦନା ଜଣାଇଥିଲେ। ଶ୍ରଦ୍ଧାଞ୍ଜଳି ବି ଦେଇଥିଲେ। ଜଣେ ନେତାଙ୍କୁ ଏଭଳି ମାରିବା ଘଟଣା ନିନ୍ଦନୀୟ। ଯେଉଁମାନେ ମାରିଛନ୍ତି ସେମାନେ ଦଣ୍ଡ ପାଇବା ଉଚିତ ବୋଲି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଗଣମାଧ୍ୟମ ନିକଟରେ ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ ଯେ, ଛାତ୍ର ଜୀବନରୁ ପୀତବାସ ତାଙ୍କର ବନ୍ଧୁ ଥିଲେ। କଂଗ୍ରେସରେ ଥିଲା ବେଳେ ବି ବନ୍ଧୁଥିଲେ। ଭାଜପା ସରକାରଙ୍କ ପକ୍ଷରୁ ଯେଉଁମାନେ ବେନିୟମ କାମ କରୁଛନ୍ତି, ସେମାନଙ୍କୁ ସୁରକ୍ଷା ଦେବା ଯୋଗୁ ଏଭଳି ଘଟଣା ଘଟିଲା ବୋଲି କହିଥିଲେ। ହେଲେ ଏବେ ପୀତବାସଙ୍କ ହତ୍ୟା ଘଟଣାରେ ବିକ୍ରମଙ୍କୁ ମୁଖ୍ୟ ଷଡଯନ୍ତ୍ରକାରୀଭାବେ ପୋଲିସ ଗିରଫ କରିବା ପରେ ଘଟଣା ନୂଆ ମୋଡ଼ ନେଇଛି।

## ରାଜନୈତିକ ଉଦ୍ଦେଶ୍ୟରୁ ବିକ୍ରମଙ୍କୁ ଗିରଫ କରାଯାଇଛି: ପ୍ରମିଳା

### ପ୍ରମାଣ ନ ଥିଲେ କୋର୍ଟରେ ସଙ୍ଗେସଙ୍ଗେ ବେଲ୍ ମିଳିଯିବ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)


ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ହତ୍ୟାକାଣ୍ଡ ଘଟଣାରେ ପୋଲିସ ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲା ସଭାପତି ବିକ୍ରମ ପଣ୍ଡାଙ୍କୁ ବୁଧବାର ଗିରଫ କରିଛି। ବିକ୍ରମ ପଣ୍ଡାଙ୍କ ଗିରଫ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଦଳର ଉପସଭାପତି



ପ୍ରମିଳା ମଲିକ କହିଛନ୍ତି, ଏହି ଘଟଣାରେ ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ହେଲେ ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ବିକ୍ରମ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି। ବିକ୍ରମଙ୍କ ସମ୍ପୃକ୍ତି ନେଇ ଗୁଡ଼ିଏ ଗପ ପୋଲିସ ଶୁଣାଇଛି, କିନ୍ତୁ ତାଙ୍କ ବିରୋଧରେ ତିଳେମାତ୍ର ପ୍ରମାଣ ଦେଇପାରି ନାହିଁ। ଗତ ୧୬ ମାସର ଭାଜପା ଶାସନରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗଞ୍ଜାମ ଜିଲା ଶୀର୍ଷରେ ରହିଛି। ଗଞ୍ଜାମ ଜିଲାରେ ୧୫୨ଟି ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୧୨୮ଟି ହତ୍ୟା ଘଟିଛି। ଭାଜପା ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା। ଭାଜପାର ପୂର୍ବତନ ଜିଲା ପରିଷଦ ସଦସ୍ୟ ଏନ୍. ଡମ୍ବରୁ ରେଡ୍ଡୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମନ୍ତ୍ରୀ ବିଭୂତି ଜେନାଙ୍କ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ଅଭିଯୋଗ କରିବା ସହିତ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରି ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଦାବି କରିଥିଲେ। ଏହା ଭାଜପା ପାଇଁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ରାଜ୍ୟ ସରକାରଙ୍କୁ ଅଡୁଆରେ ପକାଇବାକୁ ଯାଉଥିବାରୁ, ଏଭଳି ନାଟକୀୟ ଢଙ୍ଗରେ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି। ଏସ୍‌ପି ଶ୍ରବଣା ବିବେକ ଖବରଦାତା ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁସାରେ, ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତିର କୌଣସି ପ୍ରମାଣ ରଖି ନାହାନ୍ତି। କେବଳ କିଛି କାହାଣୀ କହିଛନ୍ତି। ନୂଆପଡ଼ା ଉପନିର୍ବାଚନକୁ ଆଖିଆଗରେ ରଖି ବିକ୍ରମଙ୍କୁ ଫସାଯାଇଛି। ଭାଜପା ଇଙ୍ଗିତରେ ବିଜେଡି ଜିଲା ସଭାପତିଙ୍କୁ ଅଭିଯୁକ୍ତ ସଜାଯାଇଛି। ରାଜ୍ୟରେ ଭାଜପାର ସ୍ୱାର୍ଥରକ୍ଷା ପାଇଁ ପୋଲିସ କାର୍ଯ୍ୟ କରୁଛି। ଏହାକୁ ବିରୋଧ କରି ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ପ୍ରମିଳା କହିଛନ୍ତି। ଏହି ଅବସରରେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏବଂ ମୁଖପାତ୍ର ଲେନିନ୍ ମହାନ୍ତି ଉପସ୍ଥିତ ଥିଲେ।

ଅନ୍ୟପଟେ ବିଜେଡି ଅଭିଯୋଗକୁ ଖଣ୍ଡନ କରି ଭାଜପାର ବରିଷ୍ଠ ନେତା ତଥା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସତ୍ୟର ଆଳାପ, ଅପରାଧକୁ ଉସୁକାଉଛି ବିଜେଡି। ଯଦି ପ୍ରମାଣ ନ ଥିବ ତେବେ କୋର୍ଟରେ ବେଲ୍ ସଙ୍ଗେ ସଙ୍ଗେ ମିଳିଯିବ। ହତ୍ୟା ପାଇଁ ବାହାରୁ ପେସାଦାର ଅପରାଧୀଙ୍କୁ ଡକାଯାଇଥିବା ଜାଣି ଚକିତ ଲାଗୁଛି। ଯଦି ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଗିରଫ କରିବାର ଥାଆନ୍ତା ତେବେ ଘଟଣାର ପରଦିନ କରାଯାଇଥାଆନ୍ତା। ଏତେଦିନ କାହିଁକି ଲାଗିଥାଆନ୍ତା ବୋଲି ସେ କହିଛନ୍ତି।

## ଏସ୍‌ପିଙ୍କୁ ଭେଟିଲେ ଜିଲା ବିଜେଡି ନେତା



ବ୍ରହ୍ମପୁର ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି ଗଞ୍ଜାମ ଜିଲା ବିଜେଡିର ନେତାମାନେ।

ବ୍ରହ୍ମପୁର,୨୨।୧୦(ଅଶୋକ କୁମାର ସାହୁ/ ସୁବାସ ଚନ୍ଦ୍ର ପାଢ଼ୀ)

ପୀତବାସ ପଣ୍ଡାଙ୍କୁ ଗତ ୬ ତାରିଖରେ କୁମାର ପୂର୍ଣ୍ଣିମା ରାତିରେ ବୈକୁଣ୍ଠନଗରସ୍ଥିତ ତାଙ୍କ ଘର ନିକଟରେ ୨ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ବୁଧବାର ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଜିଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ସମେତ ୧୨ଜଣଙ୍କୁ ଗିରଫ କରି ଜେଲ ପଠାଇଛି। ବିକ୍ରମଙ୍କ ଗିରଫଦାରୀକୁ ବିଜେଡି ନେତାମାନେ ବିରୋଧ କରିବା ସହ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ତଦନ୍ତ ଠିକ ଭାବେ ହୋଇନାହିଁ ବୋଲି ଅଭିଯୋଗ କରିଛନ୍ତି। ବ୍ରହ୍ମପୁରର ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସୁବାସ ବେହେରା, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ବିଜେଡି ନେତା ବିପ୍ଳବ ପାତ୍ର, ଚିନ୍ମୟ କୁମାର ସ୍ୱରୂପ ଦେଓ, ନେତ୍ରୀ ରିତା ସାହୁ ଏସ୍‌ପି ଡା.ସର୍ବଣା ବିବେକ ଏମ୍.ଙ୍କୁ ଭେଟିଥିଲେ। ସେହି ସମୟରେ ବିଜେଡିର ଶତାଧିକ କର୍ମୀ ଏସ୍‌ପି ଅଫିସ ଆଗରେ ଧାରଣାରେ ବସିଥିଲେ। ଏସ୍‌ପିଙ୍କୁ ଭେଟି ଆଲୋଚନା କରି ଫେରିବା ପରେ ପୂର୍ବତନ ଏମ୍‌ପି ସାହୁ କହିଥିଲେ ଯେ, ଘଟଣାରେ ବିକ୍ରମଙ୍କ ସମ୍ପୃକ୍ତିର କୌଣସି ଠିକ ପ୍ରମାଣ ନାହିଁ। ତାଙ୍କୁ ଆକ୍ରୋଶମୂଳକ ଭାବେ ଯେଭଳି ଗିରଫ କରାଗଲା ତାହା ଠିକ ନୁହେଁ। ଏଭଳି ତଦନ୍ତରେ ବିଜେଡି ସନ୍ତୁଷ୍ଟ ନୁହେଁ। ବିଜେଡି ମୁଖ୍ୟଙ୍କ ସହ ଆଲୋଚନା ହୋଇଛି। ତଦନ୍ତକୁ ବାଟବଣା କରିବା ଉଦ୍ଦେଶ୍ୟରେ ପୋଲିସ ଏଭଳି କରିଛି। ଏହାର ପ୍ରତିବାଦରେ ବିଜେଡି ରାସ୍ତାକୁ ଓହ୍ଲାଇବ। ଆଇନର ଶୀର୍ଷକୁ ଯିବ। ନୂଆପଡା ଉପନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ନେତାଙ୍କ ପ୍ରତିଛବି ମଳିନ କରିବା ଓ ନୂଆପଡା ଉପନିର୍ବାଚନରେ ବିକ୍ରମଙ୍କ ଯେଉଁ ଦାୟିତ୍ୱ ରହିଛି ତାହାକୁ ଖରାପ କରିବାକୁ ଏହା ଏକ ଚକ୍ରାନ୍ତ। ଭାଜପାର ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଉକ୍ତ ଘଟଣାରେ ଲିଙ୍କ ରହୁଛି। ତେଣୁ ତଦନ୍ତ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପୂର୍ବତନ ଏମ୍‌ପି ସାହୁ କହିଛନ୍ତି। ଆମେ ସମସ୍ତ ପ୍ରକାର ତଦନ୍ତକୁ ସାମନା କରିବୁ। ଆଗାମୀ ଦିନରେ ଆଉ ଏକ ପ୍ରେସମିଟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ବାହାରେ ଧାରଣା ଦେଲେ ଶତାଧିକ କର୍ମୀ



ବ୍ରହ୍ମପୁର ଏସ୍‌ପି କାର୍ଯ୍ୟାଳୟ ଆଗରେ ବିଜେଡି କର୍ମୀମାନେ ଧାରଣା ଦେଉଛନ୍ତି।

### ହେଡ୍ ଲାଇଟରେ ହୋଇଥିଲା ପୋଷ୍ଟମର୍ଟମ

ପୀତବାସଙ୍କ ଗୁଳିମାଡ଼ ପରେ ତୁରନ୍ତ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପୀତବାସଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ନିର୍ଦ୍ଦେଶରେ ହେଡଲାଇଟରେ ପୋଷ୍ଟମର୍ଟମ କରାଯାଇଥିଲା। ପରେ ତାଙ୍କ ଛାତିକୁ ଗୁଳି ବାଜିଥିବା ଓ ଡାହାଣ ଛାତି ନଷ୍ଟ ହୋଇଯାଇଥିବା ସ୍ପଷ୍ଟ ହୋଇଥିଲା।

### ଅପରାଧୀଙ୍କୁ ଧରିବା ପାଇଁ ୬ ଟିମ୍

ପୀତବାସ ମୃତ୍ୟୁ ମାମଲାରେ ଅପରାଧୀଙ୍କୁ ଧରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ପୋଲିସ ତତ୍ପର ହୋଇଥିଲା। ଛୁଟିରେ ଥିବା ବ୍ରହ୍ମପୁର ଏସ୍‌ପି ଡା.ସର୍ବଣା ବିବେକ ଏମ୍. ଓ ବୈଦ୍ୟନାଥପୁର ଆଇଆଇସି ନିଜ କାର୍ଯ୍ୟରେ ଯୋଗଦେଇ ଅପରାଧୀଙ୍କୁ ଧରିବା ପାଇଁ ୬ଟି ଟିମ ଗଠନ କରିଥିଲେ।

### ୭୦ ଜାଗାର ସିସିଟିଭି ଫୁଟେଜ ସଂଗ୍ରହ

ପୀତବାସଙ୍କ ମୃତ୍ୟୁ ପରେ ପୋଲିସ ଗତ ୬ ତାରିଖରେ ପୀତବାସ କେଉଁଠାରୁ ବାହାରି କେଉଁ ରାସ୍ତାରେ ଆସି ଘର ନିକଟରେ ପହଞ୍ଚିଥିଲେ। ସେହି ସ୍ଥାନର ପ୍ରାୟ ୭୦ ଜାଗାରୁ ସିସିଟିଭି ଫୁଟେଜ ସଂଗ୍ରହ କରିଥିଲା ପୋଲିସ। ସାଇଣ୍ଟିଫିକ ଟିମ ଜରିଆରେ ଅଞ୍ଚଳବାସୀଙ୍କୁ ପଚରାଉଚରା କରିଥିଲା।

### କଲ୍ ରେକର୍ଡ ଯାଞ୍ଚ

ପୀତବାସଙ୍କ ମୋବାଇଲ ଫୋନ୍‌କୁ କେଉଁମାନେ ଫୋନ କରିଥିଲେ, ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ସେମାନେ ଫୋନ କାହାକୁ କରିଥିଲେ, ସମସ୍ତଙ୍କ କଲ ରେକର୍ଡ ପୋଲିସ ଯାଞ୍ଚ କରିଥିଲା। ସେଥିରୁ ପୋଲିସ ଅନେକ ତଥ୍ୟ ପାଇଥିଲା। ସେହି ଅନୁସାରେ ତଦନ୍ତ ଆଗକୁ ବଢ଼ାଇଥିଲା।

### ଅପରାଧୀଙ୍କୁ କଠିନ ଦଣ୍ଡ ଦିଆଯାଉ

ଘଟଣା ପୂର୍ବରୁ ବିକ୍ରମ ପଣ୍ଡା ଓ ମଦନ ଦଳେଇ ୨ଥର ଆସିଥିଲେ। ସେମାନେ ଧୈର୍ଯ୍ୟ ଦେଇଥିଲେ। ଏମାନେ ଏଭଳି କାମ କରିଛନ୍ତି ତାହା ଚିନ୍ତା କରି ହେଉନି। ସେମାନେ କେଉଁ ମୁହଁ ନେଇ ଘରକୁ ଆସିଥିଲେ। ଭାଇ ଜଣେ ଆଇନଜୀବୀ ଥିଲେ। ଆଇନଜୀବୀ ସମାଜକୁ ଧନ୍ୟବାଦ ଦେଉଛନ୍ତି। ଅପରାଧୀଙ୍କୁ କଠିନ ଦଣ୍ଡ ଦିଆଯାଉ ବୋଲି ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି।

### ଦୋଷୀଙ୍କୁ ଫାଶୀ ଦାବି କଲେ ସ୍ତ୍ରୀ

ପୀତବାସ ପଣ୍ଡାଙ୍କ ସ୍ତ୍ରୀ ସୁସ୍ମିତା ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ, ଦୋଷୀଙ୍କୁ ଫାଶୀ ଦିଅନ୍ତୁ। ପୀତବାସ ବହୁତ ଭଲ ଲୋକ ଥିଲେ। ବହୁତ ଲୋକଙ୍କୁ ସହାୟତା କରୁଥିଲେ। ଦୋଷୀଙ୍କୁ ଦଣ୍ଡ ଦିଅନ୍ତୁ।

## ଅପରାଧ ଲୁଚାଇବା ଅପଚେଷ୍ଟା ନ କରି ତଦନ୍ତରେ ସହଯୋଗ କରୁ ବିଜେଡି: ଭାଜପା

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଅତ୍ୟନ୍ତ ଦୁଃଖଦ ଘଟଣା। ଏହି ଘଟଣାର ରହସ୍ୟ ଧୀରେ ଧୀରେ ସାମ୍ନାକୁ ଆସିବାରେ ଲାଗିଛି। ଘଟଣା ସମ୍ପର୍କରେ ସୂଚନା ଦେଇ ଆଜି ବ୍ରହ୍ମପୁର ଏସ୍‌ପି ଗଣମାଧ୍ୟମ ସମ୍ମୁଖରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଏସ୍‌ପିଙ୍କ ବିବୃତି ପରେ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରି ନିଜ ରାଜନୈତିକ ଅପରିପକ୍ୱତାର ପରିଚୟ ପ୍ରଦାନ କରିଛି। ତରବରିଆ ଭାବେ ବିଜେଡି ମୁଖପାତ୍ରମାନେ ଦର୍ଶାଇଛନ୍ତି, ମନ୍ଦିର ଭିତରେ କିଏ, ନା ମୁଁ କଦଳୀ ଖାଇ ନାହିଁ। ନିଜ ଦଳର ଅସାମାଜିକ ତତ୍ତ୍ୱ ତଥା ଅପରାଧୀମାନଙ୍କ ସମ୍ପୃକ୍ତି ସମ୍ବନ୍ଧରେ ନିଜ ସଫେଇ



ଦେବା ସହିତ ବିଜେଡି ପ୍ରବକ୍ତାମାନେ ଅନେକ ଗମ୍ଭୀର ଆରୋପ କରିଛନ୍ତି, ଯାହା ତାଙ୍କର ସମ୍ପୂର୍ଣ୍ଣ ଅପରିପକ୍ୱତା ଏବଂ ପିଲାଳିଆମିର ପରିଚୟ। ନିଜ ଅପରାଧକୁ ଲୁଚେଇବା ପାଇଁ ଅପଚେଷ୍ଟା ନ କରି ପୋଲିସର ତଦନ୍ତକୁ ବିଜେଡି ସହଯୋଗ କରୁ ବୋଲି ଭାଜପା ରାଜ୍ୟ ଉପସଭାପତି ଯତୀନ ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯତୀନ କହିଛନ୍ତି, ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡର ରାଜନୀତୀକରଣ ହେବା ଅନୁଚିତ। ତଦନ୍ତ ପ୍ରକ୍ରିୟା ଜାରି ରହିଛି ଏବଂ ସମସ୍ତେ ଏହି ନ୍ୟାୟର ପ୍ରକ୍ରିୟାରେ ସହଯୋଗ କରିବା ଉଚିତ। ଅସାମାଜିକ ତତ୍ତ୍ୱ ତଥା ଅପରାଧୀଙ୍କ କୌଣସି ଜାତି ବା ଧର୍ମ ନାହିଁ। ଯେଉଁମାନଙ୍କ ସମ୍ପୃକ୍ତି ଅଛି ସେମାନେ ତଦନ୍ତ ପରିସରକୁ ଆସିବେ। ସମସ୍ତ ଦୋଷୀଙ୍କୁ ଧରି ଉପଯୁକ୍ତ ଦଣ୍ଡବିଧାନ କରିବା ହେଉଛି ମୂଳ ଉଦ୍ଦେଶ୍ୟ। ଶାସନରେ ଥିଲାବେଳେ ବିଜେଡି ନେତା, ବିଧାୟକ, ମନ୍ତ୍ରୀମାନେ ହତ୍ୟା, ବଳାତ୍କାର, ଅଙ୍ଗ ତସ୍କରି ଭଳି ଜଘନ୍ୟ ଅପରାଧରେ ସମ୍ପୃକ୍ତ ଥିଲେ। ଅପରାଧୀମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ମଧ୍ୟ ସେ ଅଭ୍ୟାସ ଛାଡି ନାହାନ୍ତି। ଏବେ ବି ବିଜେଡି ନେତାମାନେ ରାଜ୍ୟରେ ହତ୍ୟା, ବଳାତ୍କାର ଭଳି ଅପରାଧ ଚଳାଇଛନ୍ତି ବୋଲି ଯତୀନ କହିଛନ୍ତି।



ବିକ୍ରମ ପଣ୍ଡା ଏବଂ ଅନ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଛି।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ଯମ ଓ ଭାତୃ ଦ୍ୱିତୀୟା, ଚନ୍ଦ୍ର ଦର୍ଶନ



# ହିନ୍ଦୁ ମନ୍ଦିରର କ୍ରମବିକାଶ



ଦେବଦତ୍ତ ପଟ୍ଟନାୟକ

ଆମେ ଏବେ ଯେଉଁସବୁ ହିନ୍ଦୁ ମନ୍ଦିର ଦେଖୁଛୁ ତାହା ୫,୦୦୦ ବର୍ଷରୁ ଅଧିକ ପୁରୁଣା ନୁହେଁ। ପ୍ରାଚୀନ କାଳରେ ଲୋକେ ଦେବଦେବୀଙ୍କୁ ବନ୍ଦ ଗୃହରେ କିମ୍ବା ମୂର୍ତ୍ତି ରୂପରେ ପୂଜା କରୁ ନ ଥିଲେ। ଏହା ବଦଳରେ ସେମାନେ ପ୍ରକୃତିରୁ ସିଧାସଳଖ ଦିବ୍ୟତା ଅନୁଭବ କରୁଥିଲେ। ଗଛ, ପ୍ରାଣୀ, ନଦୀ, ପର୍ବତ କିମ୍ବା ଶିଳାଖଣ୍ଡକୁ ପ୍ରକୃତିର ପବିତ୍ର ରୂପ ଭାବେ ଉପାସନା କରାଯାଉଥିଲା। ପାଖାପାଖି ୨୦୦୦ ବର୍ଷ ପୂର୍ବେ ମଥୁରାରେ ଆମେ ପ୍ରଥମେ ହିନ୍ଦୁ ଦେବଦେବୀଙ୍କ ମୂର୍ତ୍ତି ଦେଖିବାକୁ ପାଇଥିଲୁ। କୌତୂହଳର ବିଷୟ ହେଉଛି, ସେହି ସମାନ ସମୟରେ କୁଶାଣ ରାଜତ୍ୱ କାଳରେ ମୁଦ୍ରାରେ ଶିବ, ବିଷ୍ଣୁ ଓ ବିଭିନ୍ନ ଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ପ୍ରାୟ ୧୮୦୦ ବର୍ଷ ପୂର୍ବେ ପାଖାପାଖି ଖ୍ରୀଷ୍ଟାବ୍ଦ ୨୦୦ରେ ମଥୁରାରେ ଗଢ଼ାଯାଇଥିବା ବାଲୁକାଶିଳାର ମୂର୍ତ୍ତିଗୁଡ଼ିକ ସ୍ପଷ୍ଟ ଭାବେ ହିନ୍ଦୁ ଦେବଦେବୀଙ୍କ ରୂପ ବୋଲି ଚିହ୍ନି ହେଉଛି। ଏଠାରେ ଆମେ ଶିବଲିଙ୍ଗ, ଅନେକ ସ୍ଥଳରେ ଏଗୁଡ଼ିକ ଉପରେ ମୁହଁ ଖୋଦେଇ ହୋଇଥିବା (ମୁଖଲିଙ୍ଗ) ଦେଖିବାକୁ ପାଉ। ଏହା ବ୍ୟତୀତ ବିଷ୍ଣୁ, କୃଷ୍ଣ ଏବଂ ବଳରାମଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳେ। ଆମେ ଜାଣିବାରେ ଏଗୁଡ଼ିକୁ ଏଯାବତ୍ କୌଣସି ମନ୍ଦିରରେ ରଖାଯାଇ ନାହିଁ, ବରଂ ସେଗୁଡ଼ିକ ଉଦ୍ୟାନ ଏବଂ ନଦୀ କଡ଼ରେ ରଖାଯାଇ ଖୋଲା ଜାଗାରେ ପୂଜା କରାଯାଉଥିଲା। ପ୍ରକୃତି ଉପାସନାରୁ ମୂର୍ତ୍ତି ପୂଜା ପରମ୍ପରାକୁ କିଭଳି ପରିବର୍ତ୍ତନ ଘଟିଛି ତାହା ଏହି ଧାରା ଆମକୁ ସ୍ପଷ୍ଟ କରିଦିଏ।

ପରବର୍ତ୍ତୀ ସମୟରେ ଏହିସବୁ ମୂର୍ତ୍ତିକୁ ମନ୍ଦିର କିମ୍ବା ଗୃହ ମଧ୍ୟରେ ରଖାଯାଇଥିଲା। ଉତ୍ତରପ୍ରଦେଶର ଭିତରଗାଓଁରେ ପାଖାପାଖି ଖ୍ରୀଷ୍ଟାବ୍ଦ ୫୦୦ରେ ଏକ ଇଟା ନିର୍ମିତ ମନ୍ଦିର ରହିଛି, ଯେଉଁଠାରେ ଏକ ଗର୍ଭଗୃହରେ ମୂର୍ତ୍ତିଗୁଡ଼ିକୁ ରଖାଯାଇଥିଲା। ଏହାସହ ହିମାଳୟ ପରିସଂସ୍ଥାର ପୁନରୁଦ୍ଧାର ପାଇଁ ମଧ୍ୟପ୍ରଦେଶର ନାଚନାରେ ଏକ ଶିବ ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରର ଛାତକୁ ଏକ ପର୍ବତ ଭଳି ଗଢ଼ାଯାଇଛି ଏବଂ ଏହାର ପ୍ରବେଶ ପଥରେ ଦେବୀ ଗଙ୍ଗା ଓ ଯମୁନାଙ୍କ ମୂର୍ତ୍ତି ଖୋଦେଇ କରାଯାଇଛି। ଝାନ୍ସୀ ନିକଟରେ ଦେଓଗଡ଼ରେ ପଥର ନିର୍ମିତ ଏକ ପୁରାତନ ବିଷ୍ଣୁ ମନ୍ଦିର ଦେଖିବାକୁ ମିଳେ। ଏହି ମନ୍ଦିରରେ ଅନନ୍ତ ନାଗ ସହ ବିଷ୍ଣୁ ବସିଥିବାର ବିଶାଳ ମୂର୍ତ୍ତି ରହିଛି। ଏହା ସହ ଚତୁର୍ବାହୁ ବିଷ୍ଣୁ ଗରୁଡ଼ ଉପରେ ବସିଥିବା ଏବଂ ରାମ ଓ କୃଷ୍ଣଙ୍କ ଜୀବନୀ ଚିତ୍ର ଦେଖିବାକୁ ମିଳିଥାଏ।



ଏସବୁ ହେଉଛି ଶାସ୍ତ୍ରୀୟ ମନ୍ଦିର ସ୍ଥପତିର ଆରମ୍ଭ। ଖ୍ରୀଷ୍ଟାବ୍ଦ ୬୦୦ ପରେ ଏହି ଧାରା ଅବ୍ୟାହତ ରହିଥିଲା ଏବଂ ଶିଳାକୁ କାଟି ବିଶାଳ ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ସମୟରେ ବାସ୍ତବରେ ବିଶାଳ ତଥା ଆକର୍ଷଣୀୟ କଳାକାରୁକାର୍ଯ୍ୟ ସାମ୍ନାକୁ ଆସିଥିଲା। କର୍ଣାଟକରେ ଏଲୋରା ଓ ଏଲିଫ୍ୟାଣ୍ଟ ଗୁମ୍ଫାଗୁଡ଼ିକ ଏବଂ ପଟାଡକାଲର ମନ୍ଦିରଗୁଡ଼ିକ ସହ ଚେନ୍ନାଇ ନିକଟବର୍ତ୍ତୀ ମାମଲ୍ଲପୁରମ୍ ଶୋର ମନ୍ଦିରର ଶିଳା ଖୋଦେଇ ବିଷ୍ଣୁ ଓ ଶିବଙ୍କ ଚିତ୍ର ପ୍ରଦର୍ଶନ କରିଥାଏ। ଏସବୁ କେବଳ ଉପାସନାର ସ୍ଥଳ ନ ଥିଲା, ବରଂ ରାଜ ଶାସନର ଘୋଷଣାପତ୍ରଗୁଡ଼ିକୁ ସିଧାସଳଖ ପାହାଡ଼ ଓ ପଥର ଚଟାଣ ଉପରେ ଖୋଦେଇ କରାଯାଇଥିଲା।

ଅଷ୍ଟମ ଶତାବ୍ଦୀ ସୁଦ୍ଧା ଆମେ ଆହୁରି ଅଧିକ ମହତ୍ତ୍ୱାକାଂକ୍ଷୀ ପ୍ରୋଜେକ୍ଟ ଦେଖିବାକୁ ପାଉ। ଏଲୋରାରେ ଗୋଟିଏ ପଥରକୁ ଖୋଦେଇ କରି କୈଳାସନାଥ ମନ୍ଦିର ନିର୍ମାଣ କରାଯାଇଛି। ଏହି ସମୟରେ ଶିଳା ଖୋଦେଇ ପରିବର୍ତ୍ତେ ପଥରକୁ ପଥର ଯୋଡ଼ି ମନ୍ଦିର ତିଆରି କରିବା ଧାରା ସାମ୍ନାକୁ ଆସିଥିଲା। ଏହା କର୍ଣାଟକର ହାମ୍ପି ଓ ପଟ୍ଟାଡକାଇ ଏବଂ କାଞ୍ଚିପୁରମର କୈଳାସନାଥ ମନ୍ଦିରରେ ଦେଖିବାକୁ ମିଳେ। ପାହାଡ଼ କିମ୍ବା ବିଶାଳ ଶିଳା ଖୋଦେଇ କରିବା ଧାରାରେ ପରିବର୍ତ୍ତନ ଘଟି ପଥର ଯୋଡ଼ି ମନ୍ଦିର ନିର୍ମାଣ କରିବା କଳା ସ୍ଥାୟୀ ସ୍ଥପତି ଶୈଳୀକୁ ସୂଚିତ କରିଥିଲା। ୧୦ମ ଶତାବ୍ଦୀ ସୁଦ୍ଧା ମନ୍ଦିର ସ୍ଥପତିରେ ଜଟିଳ ରୂପ ଦେଖାଯାଇଥିଲା। ଏହି କ୍ରମରେ ଉତ୍ତରଭାରତରେ ବକ୍ରାକାର 'ନାଗରା' ଓ ଦକ୍ଷିଣ ଭାରତରେ ପୀରାମିଡ୍ ସଦୃଶ 'ବିମାନ' ଶୈଳୀ ସାମ୍ନାକୁ ଆସିଥିଲା। ତାନ୍ତ୍ରିକ ମଣ୍ଡଳକୁ ଆଧାର କରି ମନ୍ଦିରଗୁଡ଼ିକ ନିର୍ମାଣ କରାଯାଉଥିଲା। ଏଗୁଡ଼ିକ କେବଳ ଦେବତାଙ୍କ ଆବାସ ଭାବେ କାମ କରୁ ନ ଥିଲା, ବରଂ ରୀତିନୀତି ବା କର୍ମକାଣ୍ଡ ଶକ୍ତିର କେନ୍ଦ୍ର ଭାବେ ରହିଥିଲା। ଏଠାରେ ପୂଜକମାନେ ଧନ, ସୁରକ୍ଷା ଓ ଭାଗ୍ୟ ପାଇଁ ତାନ୍ତ୍ରିକ କର୍ମକାଣ୍ଡ କରୁଥିଲେ। ଏବେ ଆମେ ଦେଖୁଥିବା ଭକ୍ତି ସହିତ ଜଡ଼ିତ ଅଧିକାଂଶ ମନ୍ଦିରଠାରୁ ପ୍ରାଚୀନ ମନ୍ଦିରଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ଥିଲା। ସେସବୁ କର୍ମକାଣ୍ଡର ପରୀକ୍ଷଣ କେନ୍ଦ୍ର ଭାବେ କାମ କରୁଥିଲା, ଯେଉଁଠି ବ୍ରହ୍ମାଣ୍ଡ ଶକ୍ତିର କେନ୍ଦ୍ର ପାଇଁ ଜ୍ୟାମିତି, କଳା ଓ ମନ୍ତ୍ରକୁ ଏକାଠି ଉପଯୋଗ କରାଯାଉଥିଲା।

ଭକ୍ତି ଆନ୍ଦୋଳନର ଉତ୍ଥାନ ପରେ ପୁନର୍ବାର ମନ୍ଦିରଗୁଡ଼ିକରେ ପରିବର୍ତ୍ତନ ଆସିଥିଲା। ଗୁପ୍ତ ତାନ୍ତ୍ରିକ କର୍ମକାଣ୍ଡର ଗୁରୁତ୍ୱ ହ୍ରାସ ପାଇବା ସହ ସାର୍ବଜନୀନ ଭାଗୀଦାରି ବୃଦ୍ଧି ପାଇଲା। ଗାଇବା, ନାଚିବା ଏବଂ ବ୍ୟକ୍ତିଗତ ଭାବେ ପୂଜା କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରାଗଲା। ଏଥିପାଇଁ ପୁରୀର ଜଗନ୍ନାଥ ଓ ତାମିଲନାଡୁର ଶ୍ରୀରଙ୍ଗମ ଭଳି ବୈଷ୍ଣବ ମନ୍ଦିର ଅଧିକ ଲୋକପ୍ରିୟ ହୋଇଗଲା। ୧୧ଶ ଶତାବ୍ଦୀରେ ସୋମନାଥ ମନ୍ଦିର ଉପରେ ମହମ୍ମଦ ଗଜନୀ ଆକ୍ରମଣ କରିବା ପରେ ଭାରତରେ ଲୋକଙ୍କ ବିଶ୍ୱାସକୁ ଆଧାର କରି ଅନେକ ମନ୍ଦିର ନିର୍ମାଣ କରାଯାଇଥିଲା। ଉଦାହରଣସ୍ୱରୂପ, ୧୧ଶ ଶତାବ୍ଦୀରେ ପ୍ରସିଦ୍ଧ ଖଜୁରାହ ମନ୍ଦିର ନିର୍ମାଣ କରାଯାଇଥିଲା। ତେବେ ବାଣିଜ୍ୟ ପଥ ପରିବର୍ତ୍ତନ ହେବା ଯୋଗୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଲା। ପାଖାପାଖି ଏହି ସମୟରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିର୍ମାଣ ହୋଇଥିଲା। ଆକବରଙ୍କ ରାଜପୁତ ସେନାଧ୍ୟକ୍ଷ ମାନ ସିଂ ଷୋଡ଼ଶ ଶତାବ୍ଦୀରେ ବୃନ୍ଦାବନରେ ଗୋବିନ୍ଦରାଜ ମନ୍ଦିର ନିର୍ମାଣ କରିଥିଲେ, ଯାହାକୁ ୧୭ଶ ଶତାବ୍ଦୀରେ ଆଓରଙ୍ଗଜେବ ଆକ୍ରମଣ କରି ଭାଙ୍ଗିରୁଜି ଦେଇଥିଲେ।

ମନ୍ଦିର ଉପରେ ମୁସଲମାନ ସେନା ଯେତେବେଳେ ଆକ୍ରମଣ କରୁଥିଲେ ସେତେବେଳେ ଲୋକେ ଦେବଦେବୀଙ୍କ ଛୋଟ ମୂର୍ତ୍ତିଗୁଡ଼ିକୁ ମନ୍ଦିରରୁ ନେଇ ନିଜ ଘରେ ରଖିଥିଲେ କିମ୍ବା ରାଜସ୍ଥାନରେ ହାଭେଲି ଶୈଳୀରେ ନିର୍ମିତ ଘରେ ସୁରକ୍ଷିତ ଭାବେ ପୁନଃସ୍ଥାପିତ କରିଥିଲେ। ସପ୍ତଦଶ ଶତାବ୍ଦୀରେ ପଶ୍ଚିମବଙ୍ଗରେ କୃଷ୍ଣଙ୍କ ଟେରାକୋଟା ମନ୍ଦିର ଗଢ଼ାଯାଇଥିଲା, ଯେଉଁଥିରେ ଉଭୟ ପାରମ୍ପରିକ ସ୍ଥାନୀୟ କଳାକୃତି ତଥା ଭକ୍ତିର ପରିପ୍ରକାଶ ଘଟିଥିଲା। ତେବେ ମୋଗଲ ସାମ୍ରାଜ୍ୟର ପତନ ଓ ମରାଠାଙ୍କ ଉତ୍ଥାନ ଯୋଗୁ ଅଧିକ ସଂଖ୍ୟାରେ ନୂଆ ମନ୍ଦିର ନିର୍ମାଣ କରାଯାଇଥିଲା। ଭୋସଁଲେ ଏବଂ ହୋଲ୍‌କାର ଭଳି ଶାସକମାନେ ନାସିକ, ଗ୍ୱାଲିୟର ଓ କାଶୀରେ ବିଶେଷକରି ରାମ ମନ୍ଦିର ନିର୍ମାଣ କରିଥିଲେ। ଏହିପରି ଭାବେ ଅନେକ ଶତାବ୍ଦୀ ଧରି ହିନ୍ଦୁ ମନ୍ଦିର ସ୍ଥାୟୀ ହୋଇ ରହିପାରି ନାହିଁ। ଏଥିରେ କ୍ରମବିକାଶ ଘଟିଛି ଏବଂ ଦର୍ଶନରେ ହୋଇଥିବା ପରିବର୍ତ୍ତନ ତଥା ଅନେକ ପ୍ରକାର ଆହ୍ୱାନକୁ ସାମ୍ନା କରି ଏହା ତିଷ୍ଠି ରହିଛି।

-devduttofficial@gmail.com

# ଏକତ୍ୱ ହିଁ ଦେବତ୍ୱ



ଅନୀତା ପଟ୍ଟନାୟକ

ସୃଷ୍ଟି ରୋଷେଇ ଘରକୁ ଯାଇ ଦେଖିଲା ତା' ମାଆ କଖାରୁ, ଆଳୁ, ବାଇଗଣ ସବୁ କାଟୁଛନ୍ତି। ଚାକରାଣୀ ଦିବ୍ୟା ଗୋଟିଏ ଛୁରି ଧରି ଧନିଆପତ୍ର, ଲଙ୍କା, ଅଦା ପ୍ରଭୃତି କାଟି ପକାଉଛି। ଭଉଣୀ ଶ୍ରେଷ୍ଠା ପେଷିବା ଯନ୍ତ୍ରରେ ଗୁଡ଼ାଏ ଫଳକାଳି ଫଳରସ କରି ପକାଉଛି। ରୋଷେଇ ଘରେ ସେ ମା'କୁ ପଚାରିଲା– ସବୁ ଖଣ୍ଡଖଣ୍ଡ କରି ପକାଉଛ କାହିଁକି? ବିଜ୍ଞାନ ସାର୍ କହୁଥିଲେ, ଦୁଇଟି ପଥର ବାଜି ଖଣ୍ଡ ଖଣ୍ଡ ହୋଇ ଏ ପୃଥିବୀ ଗଢ଼ା। ଏ ପୃଥିବୀରେ ମୁଁ ଦେଖୁଛି ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି। ଏହା କ'ଣ ସତ୍ୟ! ସୃଷ୍ଟିର ମା' ସୃଷ୍ଟିକୁ କହିଲେ, ସମୟକ୍ରମେ ସବୁକିଛି ଖଣ୍ଡ ଖଣ୍ଡ ହୋଇଯାଏ। ଶ୍ରେଷ୍ଠା କହିଲା, ବାପା କହୁଥିଲେ, ତାଙ୍କ ବାପା ଓ ଜେଜେଙ୍କର ଏକ ବିରାଟ ପରିବାର ଥିଲା। ଦିନେ ଖାଇବା ପାଇଁ ଖନ୍ଦା ବସୁଥିଲା। ପିତଳ ହଣ୍ଡାହାଣ୍ଡିରେ ରନ୍ଧା ହେଉଥିଲା। କିନ୍ତୁ ଏବେ ଯେ ବିବାହ କରୁଛି ସେ ଏକ ଅଲଗା ଘରଟିଏ କରି ରହିବାକୁ ଚାହୁଁଛି। ସେ ପ୍ରବଚକମାନଙ୍କଠାରୁ ଶୁଣୁଛି ଏକତ୍ୱ ହିଁ ଦେବତ୍ୱ। ବିଭିନ୍ନତା ମଧ୍ୟରେ ଏକତା ଦେଖ। କିନ୍ତୁ ପ୍ରକୃତରେ ସବୁ କିଛି ଖଣ୍ଡ ଖଣ୍ଡ ହୋଇଯାଉଛି। ଆଉ ସେ ଏକାନ୍ନବର୍ତ୍ତୀ ପରିବାର ନାହିଁ। ମା' କହିଲେ, ସବୁଆଡ଼େ ବିଭିନ୍ନତା ଦେଖାଯାଉଛି।

ଦିନେ ଏକାଠି ଏକ ମନ, ଏକ ପ୍ରାଣ ହୋଇ ରହୁଥିବା ଭାଇମାନେ ଜମିବାଡ଼ି, ଟଙ୍କା ପଇସା ପାଇଁ କୋର୍ଟ କଚେରିକୁ ଧାଇଁ ଅଲଗା ଅଲଗା ହୋଇଯାଉଛନ୍ତି। ଯାଁଳା ଭାଇ ଭଉଣୀ ଧନସମ୍ପତ୍ତି ପାଇଁ ପରସ୍ପରଠାରୁ ଅଲଗା ହୋଇଯାଉଛନ୍ତି। ଏକାଠି ଯୋଡ଼ି ହୋଇଥିବା ଶରୀର ଓ ମୁଣ୍ଡକୁ ଡାକ୍ତରମାନେ ପରିଶ୍ରମ କରି ଅଲଗା କରିବା ପରେ ସେମାନେ ସମ୍ପର୍କରେ ଅଲଗା ଅଲଗା ଭାଗ ନେଉଛନ୍ତି। ଭଗବାନ୍ ଗୋଟିଏ ପୃଥିବୀ ମଣିଷକୁ ଦେଇଥିଲେ ମଧ୍ୟ ଏହାକୁ ଭାଗି ସୀମା ନିର୍ଦ୍ଧାରଣ କରି ମନୁଷ୍ୟସମାଜ ନିଜ ନିଜ ଭିତରେ କଳହ କରୁଛି। ରୋଷେଇ ଘରେ ଏହିସବୁ କଥା ଚାଲିଲାବେଳେ ବାପା ଦିବ୍ୟଶଙ୍କର ପିଲା ଓ ସ୍ତ୍ରୀ ସହ ଯୋଗ ଦେଲେ। ସେ କହିଲେ, ଏପରି କାହିଁକି ଘଟୁଛି କହିଲ? ଦିବ୍ୟଶଙ୍କର କହିଲେ, କାରଣ ମନୁଷ୍ୟ ତାର ଶରୀରକୁ ଦେଖୁନାହିଁ କି ସେଥିରୁ କିଛି ଶିଖୁନାହିଁ। ଆଖି, କାନ, ନାକ, ପାଟି ଓ ଚର୍ମ ଏମାନଙ୍କର କାମ ଅଲଗା ଅଲଗା। ଆଖି ଶୁଣିପାରେ ନାହିଁ। କାନ ଦେଖିପାରେ ନାହିଁ। ପାଟି ଖାଇ ପରେ କଥା କହିପାରେ, କିନ୍ତୁ ଶୁଙ୍ଘିପାରେ ନାହିଁ। ନାକ ଶୁଙ୍ଘିପାରେ କିନ୍ତୁ ଚର୍ମ ପରି ସ୍ପର୍ଶ କରିପାରେ ନାହିଁ। ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା ମଣିଷ ଭିତରେ ଭଗବାନ ଖଞ୍ଜି ଦେଇଛନ୍ତି। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ମଣିଷ ଭିତରେ ଖଞ୍ଜିଛନ୍ତି। ଏହାକୁ ହାସଲ କରିବା ପାଇଁ ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟକୁ ଯିବା ଆବଶ୍ୟକ ନାହିଁ। କିନ୍ତୁ ଭଗବାନ୍ ଶରୀରକୁ ଏପରି କରିଛନ୍ତି ଯେ, ଭଲ ଜିନିଷ ପାଇବା ପାଇଁ ସେ ବେଶି ସମୟ ପରିଶ୍ରମ କରିପାରି ନଥାଏ। କିନ୍ତୁ ଖରାପ କାମ କରିବା ପାଇଁ ସେ ଚେଷ୍ଟିତ ହୁଏ। ଆଜିକାଲିର ପିଲାମାନେ ସତ କହିବାକୁ ଡରୁଛନ୍ତି। ମିଛ ଅନର୍ଗଳ କହିପାରୁଛନ୍ତି। ଲୋକଙ୍କର ଭଲ ଗୁଣ ବର୍ଣ୍ଣନା କରିପାରୁନାହାନ୍ତି। କିନ୍ତୁ ଦୁର୍ଗୁଣ ବଖାଣିବାରେ ପଟୁତା ଦେଖାଉଛନ୍ତି। ଅଖାଦ୍ୟ ଖାଇ ରୋଗରେ ପୀଡ଼ିତ ହେଉଛନ୍ତି। ସାତ୍ତ୍ୱିକ ଖାଦ୍ୟ ରୁଚୁ ନାହିଁ। କାନରେ ଗୋଟିଏ ଶ୍ରବଣ ଯନ୍ତ୍ର ଖଞ୍ଜି ଯାହା ଶୁଣିବା କଥା ନୁହେଁ, ତାହା ଗୋପନୀୟତାର ବାହାନା କରି ଶୁଣୁଛନ୍ତି। ମଣିଷ ଇନ୍ଦ୍ରିୟଗୁଡ଼ିକରେ ଦୁର୍ବ୍ୟବହାର କରୁଛି ଓ ପତନମୁଖୀ ହେଉଛି।

ମଣିଷ ଅସୁରକୁ ନିଜ ଭିତରୁ ଛାଡ଼ିପାରୁନାହିଁ। ସେ ବଳାତ୍କାର, ବ୍ୟଭିଚାର, ଇତ୍ୟାଦିରେ ମାତି ନିଜ ଜୀବନକୁ ଶେଷ କରିଦେଉଛି। ଏକତ୍ୱ ହିଁ ଦେବତ୍ୱ ଏହାକୁ ବୁଝିପାରୁ ନାହିଁ। ଶ୍ରେଷ୍ଠା କହିଲା, ହଁ ସବୁ ଖଣ୍ଡ ଖଣ୍ଡ। ସୃଷ୍ଟି କହିଲା, ଶ୍ରେଷ୍ଠା ଅପା ମୋର ଭଲ ଖାଇବାରୁ ଖାଇ ଦେଉଥିବାରୁ ତାର ମୋର ଗଣ୍ଡଗୋଳ ହେଉଛି। ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିବା ଛାଡ଼ି ମେଲୋଡି ଓ ନୃତ୍ୟରେ ନିଜକୁ ହଜାଇ ଦେଉଛି। ତେଣୁ ଏକତ୍ୱ ନାହିଁ କି ଦେବତ୍ୱ ନାହିଁ। ଏହି କାରଣ ପାଇଁ ଏକତ୍ୱ ହିଁ ଦେବତ୍ୱ ବୁଝାଇବାକୁ ପଡୁଛି।

ଅବସରପ୍ରାପ୍ତ ପ୍ରାଧ୍ୟାପିକା,
ସିଡିଏ, କଟକ
ମୋ: ୯୬୯୨୯୮୦୦୨୬

## ଏଇ ଭାରତରେ

ଆଜାଦ୍‌ଙ୍କ ପାଇଁ ପାଠପଢ଼ିବା ଥିଲା ସବୁଠୁ କଷ୍ଟକର। ହେଲେ ସେ ଏବେ ପିଲାଙ୍କୁ ପଢ଼ାଉଛନ୍ତି ଏକ ଫରେଷ୍ଟ ସ୍କୁଲରେ। ଏହାର ନାମ ରଖିଛନ୍ତି ଆଜାଦୱାଡି ବା 'ସ୍ୱାଧୀନତାର ଉପତ୍ୟକା'। ଏହି ସ୍କୁଲରେ ଶ୍ରେଣୀଗୃହ ନାହିଁ, ବରଂ ଏହା ଏକ ଉଦ୍ୟାନ। ପିଲାମାନେ ସୁନ୍ଦର ପରିବେଶରେ ରହି ପାରମ୍ପରିକ ଶିକ୍ଷା ସହ ବୃତ୍ତିଗତ ଜୀବନରେ କିଭଳି ଦକ୍ଷ ହୋଇପାରିବେ ସେ ସମ୍ପର୍କରେ ଶିକ୍ଷା ପାଉଛନ୍ତି। ନିଜ ଖାଦ୍ୟ ଉତ୍ପାଦନ କରିବା, ପେଣ୍ଟିଂ, ରୋଷେଇ ଓ ବିଭିନ୍ନ କଳା ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦିଆଯାଉଛି। କାହାଣୀ, ସଙ୍ଗୀତ ତଥା ପରୀକ୍ଷଣ ହେଉଛି ସେମାନଙ୍କ ଶିକ୍ଷାର ମାଧ୍ୟମ। ସେଠକାର ଗାଁ ଲୋକଙ୍କ ସହ ମିଶି ପିଲାମାନେ କଳା, ସଂସ୍କୃତି ଓ ଚାଲିଚଳନ ତଥା ବୃକ୍ଷରୋପଣ ବିଷୟରେ ଜାଣିବାର ସୁଯୋଗ ପାଉଛନ୍ତି। ଆଜାଦ ପଢ଼ିବା ଲାଗି ୭ଟି ସ୍କୁଲ ପରିବର୍ତ୍ତନ କରିଥିଲେ ଓ ଛାଡ଼ିଥିଲେ। ସ୍କୁଲ ପାସ୍ କରିବା ପେର ଦୁଇ ଥର କଲେଜ ବି ପରିବର୍ତ୍ତନ କରିଛନ୍ତି। କଲେଜ ଶିକ୍ଷା ଶେଷକରି ସେ ବକ୍ସିଂରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ଆହତ ହେବା ପରେ ସେ ଏଥିରୁ ଓହରି ଜଙ୍ଗଲିଆ ପରିବେଶରେ ଆଜାଦୱାଡି ନାମକ ସ୍କୁଲ ଉଦୟପୁରରେ ଖୋଲିଛନ୍ତି। ଏହି ସ୍କୁଲ ପରିଚାଳନା କରିବାରେ ଆଜାଦଙ୍କ ସ୍ତ୍ରୀ ଇମ୍‌ଲୀ ତାଙ୍କୁ ସହଯୋଗ କରୁଛନ୍ତି।

## ଚିରନ୍ତନୀ

ବୁଝିଲି ଶୁଣିଲି କେତେ ଶତ ପୋଥି ପଢ଼ି ତ
ହେଲି କେତେ ନବ ନବ ପୀରତିରେ ପୀଡ଼ିତ
ମୂଢ଼ କରି ଆପଣାକୁ ଦହିଲି ଏ ଦେହକୁ
ବୁଝିଲି ଏ ଦେହ ଘେନି ରହେ ତାହା ଜଡ଼ିତ ।

–(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 9 | | | |
| 7 | | | | | | | 8 | |
| | 6 | 4 | | | | 3 | | 7 |
| | | | 4 | 3 | 2 | | | |
| | | 7 | | | | | | |
| | 8 | | | | | | 6 | |
| 6 | | | 2 | | | | | |
| | 4 | 2 | | 5 | 7 | 1 | | |
| | 5 | 8 | 6 | | 1 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 2 | 4 | 7 | 1 | 5 | 3 | 9 |
| 3 | 9 | 4 | 6 | 5 | 8 | 1 | 2 | 7 |
| 1 | 5 | 7 | 9 | 2 | 3 | 6 | 4 | 8 |
| 7 | 2 | 3 | 8 | 1 | 5 | 9 | 6 | 4 |
| 5 | 6 | 9 | 2 | 3 | 4 | 7 | 8 | 1 |
| 4 | 1 | 8 | 7 | 6 | 9 | 2 | 5 | 3 |
| 2 | 4 | 1 | 5 | 8 | 7 | 3 | 9 | 6 |
| 9 | 3 | 5 | 1 | 4 | 6 | 8 | 7 | 2 |
| 8 | 7 | 6 | 3 | 9 | 2 | 4 | 1 | 5 |

ଗତକାଲିର ଉତ୍ତର

# ଗଡ଼ଜାତ ଗଞ୍ଜଣା ଓ ଭଗବତୀ




ଡ. ପ୍ରଫୁଲ୍ଲ କୁମାର ସାହୁ

ବିଂଶ ଶତାବ୍ଦୀର ଚତୁର୍ଥ ଦଶକରେ, ଯେତେବେଳେ ସାମ୍ୟବାଦ ନାଁ ଶୁଣିବା ମାତ୍ରେ ଭୟରେ ଥରହର ହେଉଥିଲେ ଅଭିଜାତ ଗୋଷ୍ଠୀ, ସେହି ସମୟରେ ଭଗବତୀଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଠନ ହେଲା(୧୯୩୫) 'ନବଯୁଗ' ସାହିତ୍ୟ ସଂସଦ। ତା'ର ଆବାହନୀ ସଂଗୀତ ଲେଖି କବି ଅନନ୍ତ ପଟ୍ଟନାୟକ ଗାଇଲେ ''ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା, ବକ୍ଷ ଶୋଣିତ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା।'' ସାହିତ୍ୟ ମାଧ୍ୟମରେ ସମାଜବାଦୀ ଚେତନାକୁ ଆଗେଇନେବା ପାଇଁ ଭଗବତୀଚରଣଙ୍କ ସମ୍ପାଦନାରେ ଆତ୍ମପ୍ରକାଶ କଲା (୧୯୩୬) ସଂସଦର ମୁଖପତ୍ର 'ଆଧୁନିକ'। ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ 'ନବଭାରତ'ର ତୃତୀୟ ବର୍ଷ ଷଷ୍ଠ ସଂଖ୍ୟାରେ ଲେଖାଥିଲା –'ନବଯୁଗର ବାର୍ତ୍ତା ବହନକରି ଆସୁଛି 'ଆଧୁନିକ'। ଓଡ଼ିଶାର ପତ୍ରିକା ଜଗତରେ ଯୁଗାନ୍ତର ହେବା ସହିତ ହୃଦୟରେ ସଞ୍ଚାରଣ କରିବ ଅଭିନବ ଜାଗରଣ। ଧ୍ୱଂସକରିବ ଅପସାହିତ୍ୟର ଘୃଣ୍ୟ ଆବର୍ଜନା। ସୃଷ୍ଟି କରିବ ଉଚ୍ଚ ଚିନ୍ତାର ଯୁଗୋପଯୋଗୀ ସନ୍ଦର୍ଭ '। ଆଧୁନିକର ପ୍ରଥମ ସଂଖ୍ୟାରେ ତା'ର ଆଭିମୁଖ୍ୟକୁ ଆହୁରି ସ୍ପଷ୍ଟ କରିବା ଲକ୍ଷ୍ୟରେ ସମ୍ପାଦକ ଭଗବତୀଚରଣ ଲେଖିଲେ ଆଧୁନିକ କେବଳ ସାହିତ୍ୟ ପାଇଁ ସାହିତ୍ୟ ଚର୍ଚ୍ଚା ନୁହେଁ। ପୃଥିବୀବ୍ୟାପୀ ଆନ୍ଦୋଳନ ବିଷୟରେ ଚେତନା ଆଣିବା ନିମନ୍ତେ ତା'ର ଜନ୍ମ। ସାପ ମରିବନି କି ବାଡ଼ି ଭାଙ୍ଗିବ ନାହିଁ– ଏହା ହିଁ ସାଧାରଣତଃ ସାହିତ୍ୟ ପତ୍ରିକାର ନୀତି। ମାତ୍ର ଆଧୁନିକ ଏହି ନୀତିର ଏକ ବ୍ୟତିକ୍ରମ। ବାଡ଼ି ଭାଙ୍ଗୁ ପଛେ ସାପକୁ ମାରିବା ତା'ର ଲକ୍ଷ୍ୟ। ଓଡ଼ିଆ ସାହିତ୍ୟରେ ଭଗବତୀଚରଣଙ୍କ ବହୁଚର୍ଚ୍ଚିତ ଗଳ୍ପ 'ଶିକାର' ହିଁ ପ୍ରଗତିବାଦୀ ଚେତନାର ଅଗ୍ନିବୀଜ। ଏହା ଆଧୁନିକରେ ପ୍ରକାଶ ପାଇଲା(୧୯୩୬) ପରେ।

ତା'ର ଅବିଶ୍ୱସନୀୟ ପାଠକୀୟ ଆବେଦନ ଏମିତି ଉନ୍ମାଦନା ସୃଷ୍ଟିକଲା ଯେ ଓଡ଼ିଆ ସାହିତ୍ୟରୁ ଅନେକାଂଶରେ ଅପସରିଗଲା ଜଡ଼ତା,କଳ୍ପନା ବିଳାସିତା ଓ ପଳାୟନପନ୍ଥୀ ଭାବନା। ଯୁଗ ଯୁଗ ଧରି ଯେଉଁମାନେ ମୂକ ଓ ନିର୍ବାକ ଥିଲେ, ସେମାନଙ୍କ ମୁହଁରେ ଫୁଟିଲା ପ୍ରତିବାଦର ଭାଷା। ସାମନ୍ତବାଦୀ ଚରିତ୍ର ପରିବର୍ତ୍ତେ ସାହିତ୍ୟରେ ନାୟକ ଭାବେ ଚିତ୍ରିତ ହେଲେ ନିମ୍ନ ମଧ୍ୟବିତ୍ତ ବର୍ଗର ମଣିଷ। କାଲମାର୍କ୍ସଙ୍କ ଦାସ କ୍ୟାପିଟାଲ ପଢ଼ି ଭଗବତୀଚରଣ ବୁଝିଥିଲେ ଲୋକେ ଧର୍ମ ରୂପକ ଅଫିମ ଖାଇ କେବଳ ଶୋଷଣର ଶିକାର ହେଉନାହାନ୍ତି,ଏହାଦ୍ୱାରା ବଢ଼ୁଛି ସାମ୍ପ୍ରଦାୟିକ ବିଦ୍ୱେଷ। ବିପନ୍ନ ହେଉଛି ଜାତୀୟ ଏକତା। ଏହି ମର୍ମରେ ସେ ଲେଖିଲେ–''ଧର୍ମ ଯେଉଁଠାରେ ତା'ର ଶୁଭ ଦୃଷ୍ଟି ପକାଏ, ସେଠାରେ ଉପନିବେଶ ସ୍ଥାପନକରେ ଦାସତ୍ୱ। ଜନତାର ଦାସତ୍ୱ ହିଁ ଧର୍ମର ସହଯାତ୍ରୀ। ଧର୍ମ ପ୍ରଚାରର ଉଦ୍ଦେଶ୍ୟ ହୁଏତ ଭିନ୍ନ ହୋଇପାରେ, କିନ୍ତୁ ପ୍ରତ୍ୟେକ ସ୍ଥଳରେ ତା'ର ପରିଣାମ ହେଉଛି ଜନତାର ଦାସତ୍ୱ।'' 'ଆଧୁନିକ'ର ପ୍ରଭାବରେ ଧୀରେ ଧୀରେ ତୁଟିବାକୁ ଲାଗିଲା ଧର୍ମ ଓ ଭଗବାନଙ୍କ ଉପରୁ ବିଶ୍ୱାସ। ପ୍ରେମ ଓ ସୌନ୍ଦର୍ଯ୍ୟର ନିରାଜନା କରୁଥିବା ସବୁଜ କବିମାନେ ସୁଦ୍ଧା ସବୁଜ ପରୀର ଅଞ୍ଚଳ ତଳୁ ମୁହଁ କାଢ଼ି ଚାହିଁଲେ ପ୍ରଗତିବାଦୀ ସାହିତ୍ୟର ସାମାଜିକ ବାସ୍ତବତା ଆଡ଼େ। ଅତୀନ୍ଦ୍ରିୟ ରହସ୍ୟବାଦର ମାୟାଜାଲ ଛିଡ଼େଇ ଆଙ୍କିଲେ ନିର୍ଯାତିତ ମଣିଷର ଦୁଃଖ ଓ ଦୁର୍ଦ୍ଦଶାର କରୁଣ ଚିତ୍ର। ଯେଉଁ ସ୍ୱପ୍ନବିଳାସୀ କବି(କାଳିନ୍ଦୀ ଚରଣ) ଗାଉଥିଲେ – ବଧୂ ଆସେ ମୋର ଧୀର ସୁଲଳିତ ତୃତୀୟ

**ଭଗବତୀଚରଣ ପାଣିଗ୍ରାହୀଙ୍କ ତିରୋଧାନ ଦିବସ ଉପଲକ୍ଷେ**



ଯୋଜନା ସମ..., ତାଙ୍କ କଲମରୁ ଝରିଲା –''ଜନ୍ମ ଆମର ମଣିଷ କୁଳରେ ନାହିଁ ଇଜ୍ଜତ ମାନ, ଆମ ଝିଅ ବୋହୂ ସବୁରି ଶାଳୀ ହେ ଆମେ ଶଳା ସଇତାନ।''

ଧୋଇ ମରୁଡ଼ିର ରାଜ୍ୟ ଥିଲା ଓଡ଼ିଶା। ଏଠି ବନ୍ୟାରେ ଭାସିଯାଉଥିଲା ଘରଦ୍ୱାର। ଉଜୁଡ଼ିଯାଉଥିଲା ଫସଲ। ସ୍ୱାଧୀନତା ଆନ୍ଦୋଳନରେ କଂଗ୍ରେସ ମାତିଥିବାବେଳେ କୃଷକମାନଙ୍କ ପ୍ରତି ହେଉଥିବା ଶୋଷଣ କଷଣ ବିରୋଧରେ ସ୍ୱତନ୍ତ୍ର ଆନ୍ଦୋଳନ ଗଢ଼ି ତୋଳିବାକୁ ଏକାଠି ହେଲେ କଂଗ୍ରେସ ଭିତରେ ଥିବା ବାମପନ୍ଥୀ ଗୋଷ୍ଠୀ। ସେମାନେ ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ ଏକାଠିକରି ଗଠନକଲେ 'କୃଷକ ସଂଘ'। ସଂଘ ପକ୍ଷରୁ ଭଗବତୀଚରଣ ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶ ପାଇଲା 'କୃଷକ' ନାମରେ ଏକ ସାପ୍ତାହିକ ପତ୍ରିକା। ମଠଧନ କୋଠ ହେଉ, ଲଙ୍ଗଳ ଯା'ର ଜମି ତା'ର, ଗଛ ମାଛରେ ପ୍ରଜାର ଅଧିକାର ସାବ୍ୟସ୍ତ ହେଉ ଇତ୍ୟାଦି ଦାବି ନେଇ ଏଥିରେ ଅନେକ ଲେଖା ପ୍ରକାଶ ପାଇଲା, ଯାହା ଜମି ମାଲିକମାନଙ୍କ ଆଖିରୁ ହଜେଇଦେଲା ନିଦ।

ଭଗବତୀଚରଣଙ୍କ ବେଳର ଓଡ଼ିଶା ଥିଲା ଏକ ସାମନ୍ତବାଦୀ ପ୍ରଥା ପ୍ରଚଳିତ ଏବଂ ବ୍ରିଟିଶ ଶାସନ ଦ୍ୱାରା ଶୋଷିତ ରାଜ୍ୟ। ଏଠାରେ ଥିବା ଗଡ଼ଜାତ ରାଜ୍ୟଗୁଡ଼ିକରେ ବେଠିରେ ତିଆରି ହେଉଥିଲା ରାସ୍ତାଘାଟ, କୋଠାବାଡ଼ି ଓ ରାଜପ୍ରାସାଦ ଇତ୍ୟାଦି। ରାଜା ଓ ଜମିଦାରମାନେ ପାରିଧିକୁ ଗଲେ, ହିଂସ୍ରଜନ୍ତୁ ସଙ୍କୁଳ ଜଙ୍ଗଲରେ ପ୍ରଜାମାନେ ଜଗୁଥିଲେ ଖେଦା। ପ୍ରଜାଙ୍କ ବାରିରେ କଦଳୀ, କଖାରୁ ଫଳିଲେ ଆଗେ ରାଜା ଜମିଦାରଙ୍କ ଘରକୁ ଯାଉଥିଲା ଭେଟି ଆକାରରେ। ସାମନ୍ତବାଦୀ ଶୋଷଣର ସବୁ ସୀମା ଟପିଯାଇଥିଲା ଢେଙ୍କାନାଳ ଗଡ଼ଜାତ। ଏଠାରେ ରାଜା ଯେଉଁ ସମାନ୍ତରାଳ ସରକାର ଚଳାଉଥିଲେ, ତାକୁ କୁହାଯାଉଥିଲା ଅନ୍ଧାରି କଚେରି। ସେଠାରେ ଯୋଡ଼ାଯାଉଥିଲା ମିଛସତ ମକଦ୍ଦମା। ଚିରାଚରିତ ଗଡ଼ଜାତ ଗଞ୍ଜଣା ବ୍ୟତୀତ ଏଠାରେ ଚାଲିଥିଲା ବହୁ ବୀଭତ୍ସ ବିଭୀଷିକାମୟ ଦୈହିକ, ଆର୍ଥିକ ଓ ମାନସିକ ଅତ୍ୟାଚାର। ଏହାର ପ୍ରତିବାଦରେ ଢେଙ୍କାନାଳରେ ଯେଉଁ ପ୍ରଜା ଆନ୍ଦୋଳନ ଗଢ଼ି ଉଠିଥିଲା, ତା'ର ନେତୃତ୍ୱ ଥିଲା ସାମୂହିକ। ଏଠାରେ ଏକାଠି ହୋଇଥିଲେ ନରମପନ୍ଥୀ, ମଧ୍ୟମପନ୍ଥୀ ଓ ବାମପନ୍ଥୀ ଆଦି ସବୁ ଗୋଷ୍ଠୀର ନେତା। ମାତ୍ର ପ୍ରଜା ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଗୁପ୍ତ ସଙ୍ଗଠନ କାର୍ଯ୍ୟ କରୁଥିଲା, ଯାହାକୁ ପରିଚାଳନା କରୁଥିଲେ ଭଗବତୀ ଚରଣ। ସେ ହିଁ ଲେଖୁଥିଲେ 'ରଣଭେରି' ନାମକ ପ୍ରଚାରପତ୍ର ଯାହା ସେ ଅଞ୍ଚଳକୁ ଯାଉଥିଲା ଗୁପ୍ତରେ। ପ୍ରଜାଆନ୍ଦୋଳନକୁ ଦମନକରିବା ପାଇଁ ରାଜା ମୁତୟନ କରିଥିଲେ ଗୋରା ପଲଟନ। ଯେଉଁ ପଲଟନର ଗୁଳି ଚୋଟରେ ଶହୀଦ ହୋଇଥିଲେ ରକ୍ତନଦୀର ନାଉରି ବାଜି ରାଉତ ଓ ପ୍ରଜାମଣ୍ଡଳର ଅନେକ ସଦସ୍ୟ।

୧୯୩୯ ମସିହାରେ ଭଗବତୀ ଚରଣ ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡରେ ପ୍ରବନ୍ଧ ଲେଖିବା ପରେ ସାରା ଭାରତର ଦୃଷ୍ଟି ଆକର୍ଷଣ କଲା ଢେଙ୍କାନାଳର ବୀରତ୍ୱପୂର୍ଣ୍ଣ ପ୍ରଜା ଆନ୍ଦୋଳନ। ଏଠାରେ ଭଗବତୀଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ଓ ପ୍ରଜା ସୋସାଲିଷ୍ଟମାନଙ୍କ ପ୍ରଭାବ ବଢ଼ି ଚାଲୁଥିବା ଅନୁଭବକରି ୧୯୪୦ ମସିହା ଜାନୁଆରୀରେ ତାଙ୍କୁ ଗିରଫକଲା ଇଂରେଜ ସରକାର। ଦେଶଦ୍ରୋହ ଆଇନର ଧାରା ଉପଧାରା ଲଗେଇ ତାଙ୍କୁ ଜେଲରେ ରଖାଗଲା ଦୀର୍ଘ ଅଢ଼େଇ ବର୍ଷ। ସେ ଜେଲରୁ ଖଲାସହେବା ବେଳକୁ ଓଡ଼ିଶାକୁ ଆଚ୍ଛନ୍ନ କରିଥିଲା ଦୁର୍ଭିକ୍ଷର କରାଳ ଛାୟା। ନୀରବରେ ଘରେ ବସିବା ପରିବର୍ତ୍ତେ ସେ ଲାଗିପଡ଼ିଲେ ରିଲିଫ ସଂଗ୍ରହ କାମରେ। ରିଲିଫ ସାମଗ୍ରୀ ଧରି ବୁଲିଲେ ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳ। ଗଞ୍ଜାମର ବିଭିନ୍ନ ଅଞ୍ଚଳରେ ରିଲିଫ ବାଣ୍ଟିବା ଅବସରରେ ଭୁଲିଗଲେ ଭୋକଶୋଷ, ଯାହାର ପରିଣାମ ଥିଲା ଚିରନିଦ୍ରା। ସାଧାରଣତଃ ତାଙ୍କୁ ହିଁ ସଚ୍ଚା କମ୍ୟୁନିଷ୍ଟ, ଯିଏ ନିଜ କଥା,ନିଜ ପରିବାର କଥା ଚିନ୍ତା ନ କରି ଚିନ୍ତାକରେ ବୃହତ୍ତର ସମାଜ କଥା। ଅର୍ଥାତ୍ ସେ ଥିଲେ ଜଣେ ସଚ୍ଚା କମ୍ୟୁନିଷ୍ଟ। ଇହଲୀଳା ସଂକ୍ଷିପ୍ତ (୧୯୦୮–୧୯୪୩)ହେଲେ ବି ତାଙ୍କ ଜୀବନ ଥିଲା ସଂଘର୍ଷମୟ ଓ ସାର୍ଥକ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପାଠକ ଶ୍ରେଷ୍ଠ ବିଚାରକ

### ତହସିଲରେ ୩ ବର୍ଷରୁ ଅଧିକ ରହିଥିବା କିରାଣିଙ୍କୁ ବଦଳି କରାଯାଉ

ମହାଶୟ,

ଗଞ୍ଜାମ ଜିଲାରେ ଥିବା ୨୩ଟି ତହସିଲ ଅଦାଲତରେ ୫ରୁ ଅଧିକ ବର୍ଷ ଧରି କିରାଣିମାନେ ଚୌକି ମାଡ଼ି ବସିଛନ୍ତି । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରିଦର୍ଶିତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟାଳୟରେ ସର୍ବାଧିକ ୩ ବର୍ଷ ରଖିବା ନିୟମ ରହିଥିବା ବେଳେ ତାହା ଠିକ୍ ରୂପେ ପାଳନ ହେଉ ନ ଥିବା ଦେଖାଦେଇଛି । ଫଳରେ କିରାଣିମାନଙ୍କ ଔଦ୍ଧତ୍ୟ ବଢ଼ିଯାଇଛି ଏବଂ ଲାଞ୍ଚ ନ ମିଳିଲେ ଫାଇଲ କାମ ମନ୍ଥର ଗତିରେ ହେଉଛି, ଓକିଲଙ୍କ ଗରିବ ମହକିଲମାନେ ବହୁ ହଇରାଣ ହେଉଛନ୍ତି । ତହସିଲରେ ଫାଇଲ କାମ ତ୍ୱରାନ୍ୱିତ କରିବାକୁ ହେଲେ ନିକଟରେ ଥିବା ପାନ ଓ ଚା'ଦୋକାନରେ ବ୍ୟବସ୍ଥିତ ଢଙ୍ଗରେ ଆଗତୁରା ଲାଞ୍ଚ ଦେବାକୁ ପଡୁଛି ନ ଦେଲେ କାମ ହେଉନାହିଁ। ସେହିପରି ଗଞ୍ଜାମ ଜିଲାରେ ଥିବା ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବହୁ କିରାଣି ବହୁବର୍ଷ ହେଲା ଅଛନ୍ତି। ତେଣୁ ସ୍ୱଚ୍ଛତା ଦୃଷ୍ଟିରୁ ତହସିଲ ଅଦାଲତଗୁଡ଼ିକରେ ୩ ବର୍ଷରୁ ଅଧିକ ଦିନ ରହିଥିବା କିରାଣିଙ୍କୁ ତୁରନ୍ତ ବଦଳି କରାଯାଉ ।

–ମନୋଜ ପଟ୍ଟନାୟକ, ସଭାପତି,
ଗଞ୍ଜାମ ଓକିଲ ସଂଘ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## କାଳୀଛକ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



କୋରୁକୋଣ୍ଡା,୨୨।୧୦(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା ବାଲିମେଲା ସହରରେ ଥିବା କାଳୀଛକଠାରେ ଗତ ସୋମବାରଠାରୁ ମା' ଶ୍ୟାମା କାଳୀଙ୍କ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ପୂଜା କମିଟି ପକ୍ଷରୁ ବାଲିମେଲା ଏନ୍ଏସିର ନଗରପାଳ ପ୍ରଦୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ବୁଧବାର ସନ୍ଧ୍ୟାରେ ବାଲିମେଲା ସହରର ବାଣିଶ୍ରୀ କଳା ନିକେତନ ଅନୁଷ୍ଠାନର ପରିଚାଳକ ଜ୍ଞାନଦେବ ସାହୁ ଏବଂ ବସନ୍ତ ଡାକୁଆଙ୍କ ଦ୍ୱାରା ପରିଚାଳିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ମୁଦୁଲି, ବିଜୟ କୃଷ୍ଣ ଦାସ, ପଦିଆ ପଡିୟାମୀ, ଶିବଦତ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସହରର କୁନି କୁନି ଶିଶୁ କଳାକାରମାନେ ଓଡିଶୀ, ସମ୍ବଲପୁରୀ, ଦେଶାତ୍ମବୋଧକ ଏବଂ ସ୍ଥାନୀୟ ଆଦିବାସୀ ଲୋକନୃତ୍ୟ ପରିବେଷଣ କରିଥିଲେ। ବାଲିମେଲା କାଳୀପୂଜା କମିଟିର ସଭାପତି ଅଭିଶେକ ନାୟକ, ଉପ ସଭାପତି ଅଭୟ ପ୍ରସାଦ ନାୟକ, ସମ୍ପାଦକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଖରା, ପ୍ରଶାନ୍ତ ମୁଦୁଲି, କୋଷାଧ୍ୟକ୍ଷ ସତ୍ୟଜିତ ମୁଦୁଲିଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ପୂଜା ମଣ୍ଡପ ନିକଟରେ ଓର୍କେଲ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

# ଜିଲ୍ଲାର ୨୧୪ ବଙ୍ଗୀୟ ଗ୍ରାମରେ କାଳୀପୂଜା

## ଶ୍ୟାମାକାଳୀ ପୂଜା ପାଇଁ ପୁରପଲ୍ଲୀ ଉତ୍ସବମୁଖର

ମାଲକାନଗିରି,୨୨।୧୦ (ଦୁର୍ଯ୍ୟୋଧନ ପାତ୍ର)

ଶ୍ୟାମାକାଳୀ ପୂଜା ନିମନ୍ତେ ପୁରପଲ୍ଲୀ ଉତ୍ସବମୁଖର ହୋଇ ଉଠିଛି। ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ଶ୍ୟାମାକାଳୀ ପୂଜା ଆଡମ୍ବର ସହକାରେ ପଳନ କରାଯାଉଛି। ବିଶେଷକରି ମାଲକାନଗିରି ଜିଲା ସଦରମହକୁମା ବାଲିମେଲା ଛକଠାରେ ଦୀର୍ଘ ୫୮ ବର୍ଷ ଧରି କାଳୀପୂଜା ଧୁମ୍‌ଧାମରେ ପାଳିତ ହୋଇଆସୁଛି । ପୂଜାରେ ସୁଦୃଶ୍ୟ ତୋରଣ ସାଙ୍ଗକୁ ଆକର୍ଷଣୀୟ ମେଢ଼ ଲୋକଙ୍କ ମନ ମୋହୁଛି । ସେହିପରି ପାରମ୍ପରିକ ରୀତିନୀତି ଅନୁଯାୟୀ ଦୀପାବଳି ପୂର୍ବଦିନ ୨୧୪ଟି ବଙ୍ଗୀୟ ଗ୍ରାମରେ କାଳୀ ପ୍ରତିମା ନିର୍ମାଣ କରାଯାଇ ପୂଜା କରାଯାଉଛି। ସମସ୍ତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶ୍ୟାମାକାଳୀ ପୂଜା କରାଯାଉଛି। ଦିପାବଳୀରେ ମା'ଙ୍କ ବିଲ୍ୱବରଣ ଓ କଳସ ସ୍ଥାପନା ପରେ ମା'ଙ୍କ ଘଟସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏକ ସପ୍ତାହ ବ୍ୟାପି ଏହି ପୂଜା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଦୀପାବଳି ଦିନ ରାତି୧୨ଟା ପରେ ପୂଜା କରାଯିବାର ପରମ୍ପରା ରହିଛି। ତେଣୁ ନିଶାର୍ଦ୍ଧରେ ପ୍ରାଣପ୍ରତିଷ୍ଠା ହେବା ସହ ନିଶିପୂଜା, ଷୋଡ଼ଶ ଉପଚାର ପୂଜା ଓ ହୋମ ହୋଇଥିଲା । କାଳୀପୂଜା ଦେଖିବା ନିମନ୍ତେ ପଡୋଶୀ ରାଜ୍ୟ ଆନ୍ଧ୍ର, ଛତିଶଗଡ଼ରୁ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁ ପ୍ରତିଦିନ ସନ୍ଧ୍ୟାରେ ମାଙ୍କ ଆଶୀର୍ବାଦ ସହ ଆରତୀ ନିମନ୍ତେ ଭିଡ଼ ଜମାଉଛନ୍ତି।



ମଣ୍ଡପରେ ପୂଜା ପାଉଥିବା ମା' ଶ୍ୟାମାକାଳୀ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୯୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ କରୁଛନ୍ତି।

କୋରୁକୋଣ୍ଡା,୨୨।୧୦(ଶିବଦତ୍ତ ସାହୁ ) ମାଲକାନଗିରି ଜିଲା ବାଲିମେଲା ସହରସ୍ଥିତ ଟାଉନ ହଲ୍‌ଠାରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବାଲିମେଲା ନଗରପାଳ ପ୍ରଦୀପ କୁମାର ନାୟକ ଯୋଗଦେଇ ଏହି ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ବାଲିମେଲା ଏନ୍ଏସି ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ମୋଟ ୯୫ ଜଣ ଭିନ୍ନକ୍ଷମ ଯୋଗଦେଇ ସେମାନଙ୍କ ନାମ ପଞ୍ଜୀକରଣ କରି ବିଭିନ୍ନ ଡାକ୍ତରଙ୍କ ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଦୃଷ୍ଟିବାଧିତ ୧୮ଜଣ, ଶ୍ରବଣ ବାଧିତ ୧୮ ଜଣ,ଅସ୍ଥିଶଲ୍ୟ ୩୮ଜଣ, ମାନସିକ ବାଧିତ ୭ଜଣ ଏବଂ ଅନ୍ୟାନ୍ୟ ୧୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ମାନସିକ ବିଶେଷଜ୍ଞ ଡା. ଏମ୍‌ଏମ୍ ଆବିଦ ହୁସେନ, ମେଡ଼ିସିନ ବିଶେଷଜ୍ଞ ଡା. ପ୍ରଫୁଲ୍ଲ କୁମାର ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶିବାନନ୍ଦ ବୁଦ୍ଧ, ଦୃଷ୍ଟିବାଧିତ ବିଶେଷଜ୍ଞ ଡା. ନିରଞ୍ଜନ କର, ଶ୍ରବଣ ବାଧିତ ବିଶେଷଜ୍ଞ ଡା. ନିରଞ୍ଜନ ବେହେରା ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାଲିମେଲା ଏନ୍ଏସି ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ଦୋରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ, ଜିଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ ଆଦି ଯୋଗଦେଇଥିଲେ। ଏଥିସହ ଜିଲା ଭିନ୍ନକ୍ଷମ ସଭାପତି ଜଗତ ଜନନୀ ପାତ୍ର ଯୋଗଦେଇ ଭିନ୍ନକ୍ଷମଙ୍କୁ ସରକାରଙ୍କ ସମସ୍ତ ପ୍ରକାର ସୁବିଧା ମିଳିବା ନେଇ ଆଶ୍ୱାସନା ଦେଉଥିବା ଦେଖିବାକୁ ମିଳିଥିଲା। ଅଙ୍ଗନୱାଡ଼ି କର୍ମୀଙ୍କ ସହ ଏନ୍ଏସିର କର୍ମଚାରୀମାନେ ମଧ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରଜା ସମାଜ କାର୍ଯ୍ୟାଳୟ ପାଇଁ ଜମି ଚିହ୍ନଟ ନେଇ ଦାବିପତ୍ର

ପାଣ୍ଡ୍ରିପାଣି,୨୨।୧୦ (ରାମମୂର୍ତ୍ତି କିର୍ସାନୀ)

ମାଲକାନଗିରି ଜିଲାରେ ପରଜା ସମାଜର ଉନ୍ନତି ଏବଂ ସଶକ୍ତୀକରଣ ପାଇଁ ବ୍ଲକ୍ ପରଜା ସମାଜ ବିକାଶ ପରିଷଦର କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଜମି ଯୋଗାଇଦେବାକୁ ଦାବି ହୋଇଛି। ମାଲକାନଗିରି ବ୍ଲକ ପରଜା ସମାଜ ବିକାଶ ପରିଷଦର ବ୍ଲକ ସଭାପତି ଦଶରଥ ମୁଦୁଲିଙ୍କ ନେତୃତ୍ୱରେ ବୁଧବାର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ମାଲକାନଗିରି ଜିଲାରେ ପରଜା ସମାଜ ବିକାଶ ପରିଷଦର କାର୍ଯ୍ୟାଳୟ ନିର୍ମାଣ ହେଲେ ସମାଜର ସାମାଜିକ, ଶିକ୍ଷାଗତ ଓ ଅର୍ଥନୈତିକ ବିକାଶ ହେବ। ଆମ ଆଦିବାସୀ ସମ୍ପ୍ରଦାୟର ଅଧିକାର ଓ ସ୍ୱାଭିମାନକୁ ସୁରକ୍ଷା ଦେବା ସହ ଆମ ଭବିଷ୍ୟତ ପିଢ଼ି ପାଇଁ ଏକ ପ୍ରେରଣାଦାୟୀ ମଞ୍ଚ ପ୍ରସ୍ତୁତ କରିବ । ତେଣୁ ପରଜା ସମାଜର କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କରି ଯୋଗାଇ ଦେବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ଦଶରଥ ମୁଦୁଲି, ସମ୍ପାଦକ କୃଷ୍ଣ ଗଲରି, ଦେବନାଥ ଗଲରି, ଭୀମ ମାଟାମ, ରାମମୂର୍ତ୍ତି କିର୍ସାନୀ ପ୍ରମୁଖ ଉପସ୍ଥିତ ଥିଲେ।



ପରଜା ସମାଜ ବିକାଶ ପରିଷଦ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।


# ଚିତ୍ରକୋଣ୍ଡାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମକର୍ତ୍ତା।

ମାଲକାନଗିରି,୨୨।୧୦ (ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ବିଜୁ ଜନତା ଦଳ ତରଫରୁ ଚିତ୍ରକୋଣ୍ଡା ବ୍ଲକରେ ଜନସମ୍ପର୍କ ପଦଯାତ୍ରା ଦଳର ସଭାପତି ମାନସ ମାଡକାମୀଙ୍କ ଆହ୍ୱାନକ୍ରମେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୁରୁପ୍ରିୟା ସେତୁଠାରୁ ଏହି ପଦଯାତ୍ରା ବାହାରି ବଡପଡାର ଶିବ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପରେ ବଡପଡାଠାରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସଭାରେ ଚିତ୍ରକୋଣ୍ଡା ବ୍ଲକ୍ ବିଜେଡି ସଭାପତି ରାମଚନ୍ଦ୍ର ଗାଲେଲ, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାହଗୁଲ, ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ପ୍ରମୁଖ ମଞ୍ଚାସୀନ ଥିଲେ। ପଦଯାତ୍ରା ମାଧ୍ୟମରେ ପୂର୍ବ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା କିଭଳି ସଫଳ ହୋଇଥିଲା ସେ ସମ୍ପର୍କରେ ସଚେତନ କରାଯିବ। ଗତ ସରକାରଙ୍କ ସୁଶାସନ ବିଷୟରେ ଲୋକଙ୍କୁ ସଚେତନ କରାଇବା ସହ ଦଳକୁ କିପରି ସୁଦୃଢ଼ କରାଯିବ ଓ ଆଗାମୀ ଦିନରେ ଦଳ କିପରି ପୁଣି ଶାସନକୁ ଆସିବ ସେ ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ଏବେ ଭାଜପା ସରକାର ନିର୍ବାଚନ ସମୟରେ ସମସ୍ତ ପେନ୍‌ସନଧାରୀଙ୍କୁ ମାସିକ ୩୦୦୦ ଟଙ୍କା ଭତ୍ତା, ୩୦୦ ୟୁନିଟ ବିଦ୍ୟୁତ୍ ମାଗଣା, ସୁଭଦ୍ରା ଯୋଜନାରେ ଏକାଥରକେ ୫୦ ହଜାର ଟଙ୍କା ଭଳି ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ଇଭିଏମ୍ ଜାଲିଆତି କରି ସରକାରକୁ ଆସିଥିବା ବିଜେଡି ନେତା ଅଭିଯୋଗ କରିଥିଲେ। ଭାଜପା ସରକାର ସମୟରେ ଓଡ଼ିଶାରେ ନାରୀ ସୁରକ୍ଷିତ ନାହିଁ ବୋଲି କହିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ ପଣ୍ଡା, ଲକ୍ଷ୍ମୀପ୍ରିୟା ନାୟକ, ସତ୍ୟ ପାଣିଗ୍ରାହୀ, ସଦାଶିବ ପୂଜାରୀ, ଅର୍ଜୁନ କିର୍ସାନୀ, ଶୁକ୍ରା ମୁଦୁଲି ପ୍ରମୁଖଙ୍କ ସହ ୫୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ନୂତନ, ବିଦାୟୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

କୋରୁକୋଣ୍ଡା,୨୨।୧୦(ଶିବଦତ୍ତ ସାହୁ): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ହାତୀଆମ୍ବ ଆଶ୍ରମ ବିଦ୍ୟାଳୟରେ ନୂତନ ଏବଂ ବିଦାୟୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ମଣ୍ଡଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ନୂତନ ଭାବେ ବିଦ୍ୟାଳୟରେ ଯୋଗ ଦେଇଥିବା ଶିକ୍ଷକ ଶ୍ରୀକାନ୍ତ ବେହେରା, କସ୍ତୁରୀ ମହାରଣା ଏବଂ ବିଦାୟୀ ଭାରତୀ ରାୟ ଓ ରମେଶ ସେଠୀ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀମାନେ ସ୍ୱାଗତ ଏବଂ ବିଦାୟ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ନେହଲତା ମିଶ୍ର, ଶ୍ରୀକାନ୍ତ ବେହେରା, କସ୍ତୁରୀ ମହାରଣା ଏଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ ଶିକ୍ଷକ ସାରଦା ପ୍ରସାଦ ସିଂ ଛାତ୍ରୀଛାତ୍ରଙ୍କୁ ଭଲ ପାଠପଢି ଶୃଙ୍ଖଳିତ ହେବା ସହ ଭବିଷ୍ୟତରେ ଜଣେ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ମୋନାଲିସା ହୋତା, ସଙ୍ଗୀତା ମିଶ୍ର, ଆଦିତ୍ୟ ପ୍ରସାଦ ବେହେରା, ଉପେନ୍ଦ୍ର ମିନାୟକ, ନନ୍ଦନ କୁମାର ପଣ୍ଡା ଏବଂ ସ୍ୱର୍ଣ୍ଣଲତା ପୁଷ୍ଟି ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

**OFFICE OF THE HEADMASTER**
**KASTURBA GANDHI BALIKA VIDYALAYA, EX-BOARD**
BLOCK-NABARANGPUR, DIST-NABARANGPUR, PIN-764059

Letter No.-83 — TENDER CALL NOTICE — Date : 23.10.25

Sealed tenders are invited from the registered / reputed firms who having valid GST registration for supply of Consumable items (Grocery) & Non-Consumable items (Reading Writing Materials) to Kasturaba Gandhi Balika Vidyalaya Ex-Board, Block- Nabarangpur, Dist-Nabarangpur (Odisha). Bids should be submitted in the envelope duly marked on the top **"Tender for supply of Mess Articles"** for mess articles and **"Tender for supply of Reading Writing Materials"** for RWM, to the Headmistress, Kasturaba Gandhi Balika Vidyalaya, Ex-Board, Block- Nabarangpur, Dist- Nabarangpur (Odisha) during office hours by 5.00 pm of Dt.06/11/25. The bid document shall be opened at 10.00 AM on Dt. 07/11/25. In the office of the Headmistress, Kasturaba Gandhi Balika Vidyalaya, Ex-Board, Block- Nabarangpur in the presence of the bidders or their authorized representatives. The terms and conditions for the tender can be downloaded from the official website **http.//www.osepa.odisha.gov.in** and **www.nabarangpur.odisha.gov.in.**

Sd./- Headmistress
K.G.B.V. Ex-Board, Nabarangpur

**TPCODL**
TP CENTRAL ODISHA DISTRIBUTION LIMITED

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha 751007

**NOTICE INVITING TENDER: NIT No: TPCODL/2025-26/NIT/10**

Bids are invited from eligible bidders for the following tenders :

| Sl. No | Tender Enquiry No. | Tender Description |
|---|---|---|
| 1 | TPCODL/P&S/2025-26/1000006573 | Rate Contract for Hiring of Agency for Vehicle On Call Service for 3 Years |
| 2 | TPCODL/P&S/2025-26/1000006185 | Rate Contract for PTR Annealing & Re-insulation for 2 Yr. |
| 3 | TPCODL/P&S/2025-26/1000006607 | Rate Contract for Bill Printing Services for 2 years. |
| 4 | TPCODL/P&S/2025-26/1000006625 | 2 Year Rate Contract for Repair &Renovation of LTDB / Feeder Pillars at TPCODL. |
| 5 | TPCODL/P&S/2025-26/1000006639 | Rate Contract for Supply of MCCB with Enclosure. |
| 6 | TPCODL/CCG/2025-26/1000006640 | Rate Contract for Supply of LED Lights & accessories |
| 7 | TPCODL/P&S/2025-26/1000006659 | Rate Contract for Supply of MCCB of Different Sizes. |
| 8 | TPCODL/CCG/2025-26/1000006710 | Rate Contract for Supply of 33kV Metering Unit |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website https://www.tpcentralodisha.com. All tenders will be available on TPCODL website.Future communication / corrigendum to tender documents, if any, shall be available on TPCODL website.IT is suggested to track aforesaid website for said NIT details .

ବିଜ୍ଞାପନ ସଂ. ୨/୫/୨୦୨୧-ଏସ୍‌ପିଏମ୍‌ସି
**ଭାରତ ସରକାର**
**ଅର୍ଥ ମନ୍ତ୍ରଣାଳୟ**
**ଅର୍ଥନୈତିକ ବ୍ୟାପାର ବିଭାଗ**
**(କଏନ୍ ଓ କରେନ୍ସି ଡିଭିଜନ)**
**ଭାରତୀୟ ପ୍ରତିଭୂତି ମୁଦ୍ରଣ ଓ ମୁଦ୍ରା ନିର୍ମାଣ ନିଗମ ଲିମିଟେଡ୍ (ଏସ୍‌ପିଏମ୍‌ସିଆଇଏଲ୍)ରେ**
**ନିର୍ଦ୍ଦେଶକ (ବୈଷୟିକ)**
ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରୁଛନ୍ତି
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲର ଶେଷ ତାରିଖ ହେଉଛି
**ତା୨୪।୧୧।୨୦୨୫ରିଖ**
ନୋଡାଲ ଅଧିକାରୀଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକୁ ଅର୍ଥ ମନ୍ତ୍ରଣାଳୟକୁ ଅଭିପ୍ରେରଣ କରିବାର ଶେଷ ତାରିଖ ହେଉଛି
**ତା୦୧।୧୨।୨୦୨୫ରିଖ**
ବିବରଣୀ ପାଇଁ ଲଗ୍ ଇନ୍ କରନ୍ତୁ ୱେବ୍‌ସାଇଟ୍
**https://dea.gov.in**
CBC 15201/11/0007/2526

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**NOTICE INVITING TENDER**

NIT No : OCPL/SER-216/2025 — Date : 23/10/2025

Sealed bids in prescribed format are invited from Companies / firms / agencies for the following work:

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Transportation of Coal from Manoharpur Coal Mines to NTPC, Darlipali, Sundargarh by Road | Rs.11,800/- (Rupees Eleven Thousand Eight Hundred only) including GST | 23/10/2025 | 07/11/2025 | 03:00 PM / 03:30 PM on 17/11/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

**Sd./- Chief Operating Officer**

**ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ**
**ବିଜ୍ଞପ୍ତି**
No.g-105:

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା.୨୯.୦୫.୨୦୨୫ ରିଖରେ ମାନିନୀ ନାମକ ଏହି ୫ ବର୍ଷର ଶିଶୁ କନ୍ୟାଟିକୁ ଗେହ୍ଲି ସାମଲ ନାମକ ଏକ ମହିଳା ତା'ର ମାଆ ବୋଲି ପରିଚୟ ଦେଇ ଶିଶୁ ମଙ୍ଗଳ କମିଟି କଟକଙ୍କ ନିକଟରେ ସମର୍ପଣ ପତ୍ର କରି ଛାଡି ଦେଇଥିଲେ । ଶିଶୁଟି ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ. ୨୨୮/୨୦୨୫ ଅନୁଯାୟୀ ଚୌଦ୍ୱାରସ୍ଥିତ ସର୍ଭାଣ୍ଟସ୍ ଅଫ୍ ଇଣ୍ଡିଆ ସୋସାଇଟିର ସ୍ୱତନ୍ତ୍ର ପୋଷ୍ୟ ସଂସ୍ଥାନରେ ରହୁଅଛି । ତେଣୁ ଉକ୍ତ କନ୍ୟାଟିର ଯଦି ପିତା କିମ୍ବା ଅନ୍ୟ କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ୍, କଟକ- ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ.୫୪, କଲେକ୍ଟୋରିଏଟ୍ ବିଲଡିଂ, କଟକ, ଫୋନ୍ ନଂ ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦକ, ସର୍ଭାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟି, ଚୌଦ୍ୱାର, କଟକ-୭୫୪୦୭୧, ଫୋନ୍ ନଂ.-୯୭୭୭୬୪୪୦୬କୁ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟସୀମା ଅତିକ୍ରାନ୍ତ ପରେ ଏହି ଶିଶୁ କନ୍ୟା ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁମାନଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ ।



OIPR-33038/11/0035/2526 — ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ

**ପ୍ରୋଫର୍ମା ୧୦-୦୧**
**ଭାରତୀୟ ରେଳ, ପୂର୍ବତଟ ରେଳପଥ**
**"ବିଦ୍ୟୁତୀକରଣ ସମ୍ବନ୍ଧୀୟ ସାର୍ବଜନୀନ ବିଜ୍ଞପ୍ତି"**
JSL JINDAL STAINLESS

ଏଠାରେ ଥିବା ରେଳ ଲାଇନ ଏବଂ ପରିସରର ସମସ୍ତ ଉପଭୋକ୍ତାଙ୍କୁ ଜଣାଇ ଦିଆଯାଉଛି ଯେ, ପୂର୍ବତଟ ରେଳବାଇର ନିମ୍ନଲିଖିତ ବିଭାଗର କାମ ସମାପ୍ତ ହୋଇଛି। ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ ଟ୍ରାକସନ ତାରରେ ତା ୨୫.୧୦.୨୦୨୫ କିମ୍ବା ପରବର୍ତ୍ତୀ ଯେକୌଣସି ସମୟରେ ବିଦ୍ୟୁତ ସଂଯୋଗ ଦିଆଯିବ। ବିଭାଗ ପାଖରେ ନିର୍ଦ୍ଦିଷ୍ଟ ତାରିଖ ଉଲ୍ଲେଖ କରାଯାଇଛି। ଏଣୁ ତା ୨୫.୧୦.୨୦୨୫ ରିଖରୁ ଓଭରହେଡ ଟ୍ରାକସନ ଲାଇନ ସବୁସମୟରେ ଜୀବନ୍ତ ବିଦ୍ୟୁତ ସଂଯୋଗ ଭାବରେ ପରିଗଣିତ ହେବ ଏବଂ କୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭରହେଡ ଲାଇନର ନିକଟତର ହୁଅନ୍ତୁ ନାହିଁ କିମ୍ବା କାର୍ଯ୍ୟ କରନ୍ତୁ ନାହିଁ।

ଷ୍ଟେସନ /ରେଳପଥ :- SKND YARD & M/S JINDAL STAINLESS STEEL LTD. ପୂର୍ବତଟ ରେଳପଥର KHURDA ଡିଭିଜନ ଅଧୀନରେ ଥିବା ପ୍ଲାଣ୍ଟ ୟାର୍ଡ।

ବିଭାଗର ନାମ : SKND-JKPR

| କ୍ରମିକ ସଂଖ୍ୟା | ବର୍ଣ୍ଣନା | କିଲୋମିଟରରେ ଚେନେଜ୍ — ଲୋକେସନ୍ ଠାରୁ | ସ୍ଥାନକୁ | କି.ମି | ରେଳ ଡିଭିଜନ | ବିଦ୍ୟୁତୀକରଣ ତାରିଖ |
|---|---|---|---|---|---|---|
| ୧ | ଜିନ୍ଦଲ ଲିଡ୍ ଲାଇନ PH-୧ ରୁ ଲିଡ଼ କ୍ରସ୍ ଓଭର ଲାଇନ୍ PH-୨ (XO-୧) (ପାରମ୍ପରିକ OHE) | MISL/୧/୧୭ CH-୧୭୨/୬୮୦.୭୦ | ଜେଏସଏଲ/୧/୪ ସିଏଚ୍-୧/୧୨୫.୫୦ | ୦.୧୭୧ | ପୂର୍ବତଟ ରେଳପଥ, ଖୋର୍ଦ୍ଧା ରୋଡ୍ ଡିଭିଜନ | ୨୫.୧୦.୨୦୨୫ |
| ୨ | ଜିନ୍ଦଲ ଲିଡ୍ ଲାଇନ PH-୧ ରୁ ଲିଡ଼ କ୍ରସ୍ ଓଭର ଲାଇନ୍ PH-୨ (XO-୨) | ଜେଏସଏଲ/୧୦୦୫ ସିଏଚ୍-୧/୨୧୮.୮୦ | ଜେଏସଏଲ/୧/୧୧ ସିଏଚ୍-୧/୪୦୯.୪୦ | ୦.୧୯୦ | | |
| ୩ | ଲିଡ୍ ଲାଇନ (PH-୨) | ଜେଏସଏଲ/୧/୧ ସିଏଚ୍-୧/୮.୫୦ | ଜେଏସଏଲ/୩/୨୮ ସିଏଚ୍-୩/୭୯୪.୪୦ | ୩.୭୮୫ | | |
| ୪ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୪ | ଜେଏସଏଲ/୪/୮ ସିଏଚ୍-୪/୨୯୮.୪୦ | ଜେଏସଏଲ/୫/୭-୮ ସିଏଚ୍-୫/୨୨୯.୯୦ | ୦.୯୩୧ | | |
| ୫ | ପ୍ରି-ଟିପ୍ଲିଂ ଲାଇନ। ଲାଇନ-୫ | ଜେଏସଏଲ/୩/୨୮ ସିଏଚ୍-୩/୭୯୪.୪୦ | ଜେଏସଏଲ/୫/୫ ସିଏଚ୍-୫/୧୭୧.୪୦ | ୧.୩୭୭ | | |
| ୬ | ପୋଷ୍ଟ ଟିପଲିଂ ଲାଇନ। ଲାଇନ-୬ | ଜେଏସଏଲ/୪/୬ ସିଏଚ୍-୪/୨୩୯.୯୦ | ଜେଏସଏଲ/୫/୬ବି-୭ବି ସିଏଚ୍-୫/୨୯୭.୪୦ | ୧.୦୫୭ | | |
| ୭ | ଲୋଡିଂ / ଅନଲୋଡିଂ ଲାଇନ-୭ | ଜେଏସଏଲ/୪/୪ବି ସିଏଚ୍-୪/୩୫୨.୪୦ | ଜେଏସଏଲ/୪/୫ସି-୬ସି ସିଏଚ୍-୪/୫୧୪.୪୦ | ୦.୧୬୨ | | |
| ୮ | ଇଞ୍ଜିନ୍ ଏସ୍କେପ୍ ଲାଇନ-୮ | ଜେଏସଏଲ/୪/୨ଡି ସିଏଚ୍-୪/୩୫୨.୪୦ | ଜେଏସଏଲ/୫/୮ଡି ସିଏଚ୍-୫/୩୬୦.୪୦ | ୧.୦୦୮ | | |
| ୯ | ଲୋଡିଂ / ଅନଲୋଡିଂ ଲାଇନ-୯ | ଜେଏସଏଲ/୪/୨ବି ସିଏଚ୍-୪/୨୯୩.୯୦ | ଜେଏସଏଲ/୪/୩ଇ-୪ଇ ସିଏଚ୍-୪/୪୭୮.୪୦ | ୦.୧୮୪ | | |
| ୧୦ | ବ୍ରେକ୍ ଭ୍ୟାନ୍ ସାଇଡିଂ | ଜେଏସଏଲ/୩/୩୧ ସିଏଚ୍-୩/୯୩୩.୯୦ | ଜେଏସଏଲ/୪/୪ ସିଏଚ୍-୪/୧୬୩.୪୦ | ୦.୨୨୯ | | |
| | **ମୋଟା ରେଳ ଲାଇନ (କି.ମି)** | | | **୯.୦୯୪** | | |

**ସୁକିନ୍ଦା ଷ୍ଟେସନରୁ JSL PH-୨ ସାଇଡିଂର ନିମ୍ନଲିଖିତ ଅଂଶଗୁଡିକର ବିଦ୍ୟୁତୀକରଣ ବିବରଣୀ :-**
**ପ୍ଲାଣ୍ଟ ମୁଖ୍ୟ**
**ମେସର୍ସ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍**

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/10, ତା.16.10.2025ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

**କ୍ରମ ସଂ. 01 :** ଟେଣ୍ଡର ସଂ. 81256299, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ରୁଫ୍ ମାଉଣ୍ଟେଡ୍ AC (RMPU)ର ଯୋଗାଣ, ପରିମାଣ : 8 ସେଟ୍।

**କ୍ରମ ସଂ. 02 :** ଟେଣ୍ଡର ସଂ. 81256293, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 3 ଫେଜ୍ ନିମନ୍ତେ ଇଣ୍ଟର ଭେହିକଲ୍ (Vehicle) କପଲର ର ଯୋଗାଣ, ପରିମାଣ : 24 ସେଟ୍।

**କ୍ରମ ସଂ. 03 :** ଟେଣ୍ଡର ସଂ. 81256043A, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ନ୍ୟୁମେଟିକ୍ (Pneumatic) କଣ୍ଟ୍ରୋଲ ୟୁନିଟ ସହିତ କମ୍ପ୍ଲିଟ୍ ପ୍ୟାଣ୍ଟୋଗ୍ରାଫ ଆସେମ୍ବ୍ଲି, ପରିମାଣ : 10 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 17.11.2025, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-699/Q/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ସଂ. ଓ କାର୍ଯ୍ୟର ବର୍ଣ୍ଣନା** ନିମ୍ନ ଅନୁଯାୟୀ ଅଟେ: **୧. ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୭ଆର୍‌ଟି୨ ତାରିଖ: ୨୧।୧୦।୨୦୨୫ ।** ସାନ୍ତ୍ରାଗାଛି: ହସ୍ପିଟାଲ ସାଇଡିଂ ଲାଇନ୍ ନଂ. – ୨, ୫ ଓ ୬ର ଡବ୍ଲ୍ୟୁସିଡି ୟାର୍ଡ ସହ ସଂଯୋଗୀକରଣ ସହିତ ହସ୍ପିଟାଲ ସାଇଡିଂ ଲାଇନ୍ ନଂ. ୦୫ ଓ ୦୬ର ପରିବର୍ଦ୍ଧନ, ପୁରୁଣା ଡେପୁଟି ସିଓ୍ୱାଇଏମ୍ କାର୍ଯ୍ୟାଳୟକୁ ଭାଙ୍ଗିବା ଏବଂ ନୂଆ ଡେପୁଟି ସିଓ୍ୱାଇଏମ୍ କାର୍ଯ୍ୟାଳୟ ବିଲ୍ଡିଂ ନିର୍ମାଣ କରିବା ତଥା ଶଣ୍ଟିଂ ନେକ୍ ସୁବିଧା ସହ ପିଟ୍ ହ୍ୱିଲ୍ ଲାଇନ୍‌ରେ ପରିବର୍ତ୍ତନ କରିବା । **ଟେଣ୍ଡର ମୂଲ୍ୟ:** ₹୧,୪୬,୮୬,୧୮୯.୬୦ । **ଇଏମ୍‌ଡି:** ₹୨,୨୩,୪୦୦/- । **୨. ଟିଆରଡି-କେଜିପି-ଡବ୍ଲ୍ୟୁ-୨୦୨୫-୨୬-୦୯ଆର୍‌ଟି ତାରିଖ: ୨୧।୧୦।୨୦୨୫ ।** ୧. ଖଡ଼ଗପୁର ମଣ୍ଡଳ: ବାଗ୍‌ନାନ, ବାଉରିଆ ନଳପୁରଠାରେ ପୁରୁଣା ପ୍ୟାନେଲ ଇଣ୍ଟରଲକିଂକୁ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ବଦଳାଇବା ଏବଂ ୨. ଖଡ଼ଗପୁର ମଣ୍ଡଳ: ଉଲୁବେରିଆ ଓ ଦେଉଳଟି ମଣ୍ଡଳଠାରେ ପୁରୁଣା ପ୍ୟାନେଲ ଇଣ୍ଟରଲକିଂକୁ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ବଦଳାଇବା । **ଟେଣ୍ଡର ମୂଲ୍ୟ:** ₹୩୫,୨୩,୮୪୬.୦୪ । **ଇଏମ୍‌ଡି:** ₹୭୦,୫୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୩।୧୧।୨୦୨୫ରିଖ । **ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ ଏବଂ କ୍ର.ସଂ. ୨ ପାଇଁ ୯ ମାସ । **ଦାଖଲ ତାରିଖ:** ପ୍ରତ୍ୟେକ ପାଇଁ ତା୧୩।୧୧।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡରର ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-754)

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 38-SBP-TRD-OT-2025-26, ତା.13.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ମଣ୍ଡଳ ଯନ୍ତ୍ରୀ / ପୂର୍ବ ଏବଂ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲଙ୍କ ସେକ୍ସନରେ TRR, TSR ଏବଂ CTR କାର୍ଯ୍ୟ ସମ୍ବନ୍ଧୀୟ ବଣ୍ଡିଙ୍ଗ (Bonding) କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 29,51,170.20, EMD : ₹ 59,000/-, ଶେଷ ହେବା ଅବଧି : 08 ମାସ।

(2) ଇ-ଟେଣ୍ଡର ସଂ. 39-SBP-TRD-OT-2025-26, ତା.13.10.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ କ୍ଷତିଗ୍ରସ୍ତ କିମ୍ବା ନିଖୋଜ ରେଟ୍ରୋ ରିଫ୍ଲେକ୍ଟିଭ୍ ନମ୍ବର ପ୍ଲେଟ୍, PTFE ଚେତାବନୀ ବୋର୍ଡ ଏବଂ SIGMA ବୋର୍ଡର ବ୍ୟବସ୍ଥା ଓ ପୁନଃସ୍ଥାପନ।

**ଆନୁମାନିକ ମୂଲ୍ୟ :** ₹ 19,65,996.25, EMD : ₹ 39,300/-, ଶେଷ ହେବା ଅବଧି : 08 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 04.11.2025, 1530 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-705/Q/25-26

**ସଂକ୍ଷେପରେ**

## ଶୁଖିଲା ଗଛ ଗଣ୍ଡି ପଡ଼ି ଯୁବକ ମୃତ

ରାମଗିରି,୨୨।୧୦(ବୃନ୍ଦାବନ ଗୌଡ଼)

ସାଙ୍ଗ ହୋଇ ଶୌଚ ହେବାକୁ ଯାଉଥିବା ସମୟରେ ବାଟରେ ଗଛ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ପାତ୍ରସାହିର ସ୍ୱର୍ଗତ ବାବୁଲା ପାଇକଙ୍କ ପୁଅ ସୁମନ (୧୯)। ବୁଧବାର ପୂର୍ବାହ୍ନ ୧୧ଟାରେ ସୁମନ ୫ ଜଣ ସାଙ୍ଗଙ୍କ ସହ ବାଟମଙ୍ଗଳା ରାସ୍ତାରେ ଥିବା ଜଳାଶୟକୁ ଶୌଚ ହେବାକୁ ଯାଉଥିଲେ। ଏହି ସମୟରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଶୁଖିଲା ଆମ୍ବଗଛ ଗଣ୍ଡି ଭାଙ୍ଗି ପଡି ସୁମନଙ୍କ ଉପରେ ପଡିଯାଇଥିଲା। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ସଙ୍କଟାପୂର୍ଣ୍ଣ ଅବସ୍ଥାରେ ସାଙ୍ଗମାନେ ବାଇକ୍‌ରେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାପସ ରଞ୍ଜନ ପଣ୍ଡା ସୁମନଙ୍କ ପ୍ରାଥମିକ ଚିକିତ୍ସା କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପୂର୍ବରୁ ସୁମନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ରାମଗିରି ଥାନାରେ ନଂ. ୭/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଡି. ଗଜପତି ଦୋରା କହିଛନ୍ତି।

## ୪ ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୨୨।୧୦ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଓ ଦୌରାଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟା ମାମଲାର ବିଚାର କରି ୨୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମୈଦଲପୁର ଥାନା ଅଧୀନ କେନ୍ଦୁଗୁଡ଼ା ଗ୍ରାମର ଭଗତ ପୂଜାରୀ, ବିଘ୍ନ କୁମ୍ଭାର, ଧନୁ କୁମ୍ଭାର ଓ ଜଗତ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଆଦେଶ କରିଛନ୍ତି। ଜରିମାନା ଅନାଦେୟରେ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ରାୟ ପ୍ରକାଶ ପାଇଛି। ଏଥିସହ ମୃତକଙ୍କ ସ୍ତ୍ରୀ ଏବଂ ପିଲାଙ୍କୁ କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି। ସୂଚନାନୁଯାୟୀ ୨୦୨୫ ଏପ୍ରିଲ ୧ ରାତିରେ ମୃତକ ବଳଦେବ ଗୌଡ଼ ଶ୍ୱଶୁର ଘର ମାଝୀଗୁଡ଼ା ଗ୍ରାମରେ ହେଉଥିବା ବାଲିଯାତ୍ରା ଦେଖି ଶଳା ଗିରିଶ ଗୌଡ଼ଙ୍କ ସହିତ ଫେରୁଥିଲେ। ଏହି ସମୟରେ ଗାଁ ଛକରେ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ବଳଦେବଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହମୁମ୍ଭା ଡାକ୍ତରଖାନା ଓ ପରେ କୋରାପୁଟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଳଦେବଙ୍କ ମୃତ୍ୟୁ ହୋଇଥିଲା। ଏନେଇ ମୈଦଲପୁର ଥାନାରେ ୨୦୨୫ ଏପ୍ରିଲ ୩ରେ ୨୫/୨୫ଏକ ମାମଲା ରୁଜୁ କରାଯାଇ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ ହୋଇଥିଲା।

# ଡ୍ରେସ୍ ଦୋକାନରେ ଅଗ୍ନିକାଣ୍ଡ, ଜଳିଗଲା ଲକ୍ଷାଧିକ ଟଙ୍କାର ପୋଷାକ

ଗୁଣପୁର,୨୨।୧୦ (ପ୍ରଦୀପ କୁମାର ପାଢ଼ୀ)

**୩ ମହଲା କୋଠାରେ ଫସି ରହିଥିବା ୪ଜଣ ଉଦ୍ଧାର**



ଜଳୁଥିବା ଡ୍ରେସ୍ ଦୋକାନ।

ରାୟଗଡ଼ା ଜିଲା ଗୁଣପୁର ସହରର ପୁରୁଣା ବସଷ୍ଟାଣ୍ଡ ନିକଟ ମୁଖ୍ୟ ରାସ୍ତାରେ ଥିବା ଆୟାପା ଡ୍ରେସ୍ ଦୋକାନ ଓ ଗୋଦାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଲକ୍ଷାଧିକ ଟଙ୍କାର ଡ୍ରେସ ପୋଡି ନଷ୍ଟ ହୋଇଥିବା ଦୋକାନ ମାଲିକ ଅଭିଯୋଗ କରିଛନ୍ତି, ଯାହାର ଆନୁମାନିକ ମୂଲ୍ୟ ୩୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ଗୁଣପୁର ଓ ଗୁମୁଡ଼ାର ଦୁଇଟି ଦଳମକ ଗାଡ଼ି ଦୀର୍ଘ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ରହି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବା ପରେ ଦୋକାନର ତିନି ମହଲା କୋଠା ଉପରେ ଫସି ରହିଥିବା ୪ ଜଣଙ୍କୁ ଅଗ୍ନିଶମ ବାହିନୀ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରଯାଇଛି ।

ସବୁଦିନ ପରି ଦୋକାନ ମାଲିକ କେ.ସତ୍ୟନାରାୟଣ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ଡ୍ରେସ୍ ଦୋକାନରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ଦୋକାନ ମାଲିକ ସହ ଦମକଳ ବାହିନୀକୁ ଖବର ଦେଇଥିଲେ । କ୍ଷତିର ପରିମାଣ ଆନୁମାନିକ ୩୫ ଲକ୍ଷ ଟଙ୍କା ହେବ ବୋଲି ମାଲିକ କେ.ସତ୍ୟନାରାୟଣ କହିଛନ୍ତି । ଏହି ଘଟଣା ପରେ ଦୋକାନ ମାଲିକ ଖୁବ୍ ମର୍ମାହତ ହୋଇପଡ଼ିଛନ୍ତି ।

# ଟ୍ରେନ୍ ଧକ୍କାରେ ମହିଳା ଗୁରୁତର

ରାୟଗଡ଼ା,୨୨।୧୦(ଆଶିଷ ରଞ୍ଜନ ପଣ୍ଡା)



ଚିକିତ୍ସିତ ହେଉଥିବା ମହିଳା।

ରାୟଗଡ଼ା ବ୍ଲକ୍ ପିତାମହଲ ଲେଭଲ କ୍ରସିଂ ନିକଟରେ ବୁଧବାର ଟ୍ରେନ୍ ଧକ୍କାରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ମହିଳା ହେଲେ ରାୟଗଡ଼ା ବ୍ଲକ ଶେଷଖାଲ ଥାନା ଅନ୍ତର୍ଗତ କନ୍ଧଖିଲମ ଗ୍ରାମର ତୁଳସୀ ଉଲ୍ଲାକା (୩୦) । ମିଳିଥିବ ସୂଚନା ମୁତାବକ, ଟ୍ରେନ୍ ଆସୁଥିବାରୁ ଲେଭଲ କ୍ରସିଂ ଗେଟ୍ ବନ୍ଦ ଥିଲା। ହେଲେ ମହିଳା ଜଣକ ନିୟମ ଉଲ୍ଲଂଘନକରି ଟ୍ରେନ୍ ଲାଇନ ପାରହେଉଥିବା ବେଳେ ରାୟଗଡ଼ାରୁ ବିଜୟନଗରମ ଅଭିମୁଖେ ଯାଉଥିବା ମାଲଗାଡ଼ି ତାଙ୍କୁ ଧକ୍କାଦେଇ କିଛି ବାଟ ଘୋଷାରି ନେଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ସମ୍ପର୍କରେ ଖବରପାଇ ରାୟଗଡ଼ା ଓ ଶେଷଖାଲ ଥାନା ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି।

# ବିଶ୍ୱଶାନ୍ତି, ସଦ୍‌ଭାବନା ପଦଯାତ୍ରାରେ ୧୭ କି.ମି. ଚାଲିଲେ ଭକ୍ତ



ସଦ୍‌ଭାବନା ପଦଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

ଗୁଣପୁର,୨୨।୧୦( ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ବିଶ୍ୱଶାନ୍ତି ଓ ସଦ୍‌ଭାବନା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସେବା ସମିତିର ଯୁବ ବିଭାଗ ପକ୍ଷରୁ ବେବର୍ତ୍ତା ସାହିସ୍ଥିତ ମନ୍ଦିରରେ ଆବାହକ ବି ଶିବ ଦୂର୍ଗୟା ଜ୍ୟୋତି ଆବାହନ କରିବା ପରେ ଯୁବ ସଂଯୋଜକ କେ. ହରିଶ ସ୍ୱାଗତ କରିଥିଲେ। ଏହାପରେ ବେଦ, ଭଜନ, ନଗର ସଂକୀର୍ତ୍ତନ ଆରମ୍ଭ କରି ବିଭିନ୍ନ ସାହି ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ, ପୁରୁଣା ଗୁଣପୁର, କରାବାଙ୍କ, ବିକ୍ରମପୁରରେ ପହଞ୍ଚିବା ପରେ କୁଜିନ୍ଦ୍ରୀ ଦେଇ ଉକ୍କମ୍ବା ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସ୍ୱାମୀଙ୍କ ଅବତାରର ଲକ୍ଷ୍ୟ ବିଷୟରେ ଆଲୋଚନା ହୋଇଥିଲା । ଏହାପରେ ମଙ୍ଗଳ ଆଳତି ଦେବା ସହ ଏହି ୧୭ କିଲୋମିଟର ପଦଯାତ୍ରାକୁ ସମାପନ କରାଯାଇଥିଲା।

ଭଜନ ମଣ୍ଡଳୀରେ ଗୁଣପୁର, ଗୁଡ଼ାରୀ, କୁଜିନ୍ଦ୍ରୀ, ଉକ୍କମ୍ବା, ଚଳକମ୍ବା, ଜେକେ ପୁର, ରାୟଗଡ଼ା, ଅମ୍ବାଦଳରୁ ଆସିଥିବା ମୋଟ ୩୫ ଜଣ ଭକ୍ତ ଯୋଗ ଦେଇଥିଲେ। ପଦଯାତ୍ରାକୁ ଜିଲା ଯୁବ ସଂଯୋଜକ ଏ.ଜଗନ୍ନାଥ ପ୍ରସାଦ, ଜିଲା ସେବା ସଂଯୋଜକ କେ. ଅଶୋକ କୁମାର, ଜିଲା ଭଜନ ଗ୍ରୁପ ଦାୟିତ୍ୱରେ ଥିବା ଈଶ୍ୱର ପଟ୍ଟନାୟକ, ଜିଲା ଯୁବ ଯୁଗ୍ମ ସଂଯୋଜିକା ଜି. ସାଇ ସୁଭରଣ, ସମିତି ଯୁବ ସଂଯୋଜିକା ସାଇ ୱାନିଙ୍କ ସହିତ କିରନ କୁମାର, ଲକ୍ଷ୍ମୀ ପ୍ରସାଦ, ଗୋପାଳ ରାଜୁ, ଏମ. ବାଳରମ, ସିଆଚସାଇ, ଜି ମାଳତୀ, ଏମ ପଦ୍ମା, ଭାନୁମତୀ ବାଉରୀ, ଜି ସନ୍ତୋଷୀ, ନାରାୟଣ ରାଓ ଏବଂ ନାଗେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ ।

## ମା’ ବାପାଙ୍କୁ ମାଡ଼ମାରି ପୁଅ ଗିରଫ

ବୁଗୁଡା,୨୨।୧୦(କାଳିଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମରେ ମାଆବାପାଙ୍କୁ ମାଡ ମାରିବା ଅଭିଯୋଗରେ ପୁଅ ସନ୍ତୋଷ କୁମାର ପାତ୍ର (୪୩) ଗିରଫ ହୋଇଛନ୍ତି। ଏନେଇ କେଶ୍ ନଂ. ୬୫୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ସନ୍ତୋଷ ସୁରତରେ କାମ କରୁଥିଲା ବେଳେ ଏବେ ୪ ମାସ ହେଲା ଗାଁରେ ରହି ମଦ ପିଇ କୌଣସି କାମ କରୁ ନ ଥିଲା। ମଦ ପିଇ ସ୍ତ୍ରୀକୁ ବାଡାବାଡି କରିବାରୁ ସେ ଘରଛାଡି ତା’ର ବାପଘରକୁ ଚାଲିଯାଇଥିଲେ। ତେବେ ଗତ ୧୯ ତାରିଖରେ ସନ୍ତୋଷ ଘରକୁ ଆସି ମାଆ ମାୟା ପାତ୍ରଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲା। ସେ ମନା କରିବାରୁ ତାଙ୍କୁ ଏକ ଲୁହା ରଡରେ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ସ୍ୱାମୀ ମକର ପାତ୍ର ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ପାଟିତୁଣ୍ଡ ଶୁଣି ପଡୋଶୀ ଆସି ଆହତ ମାଆ ବାପାଙ୍କୁ ପୁଅର ଆକ୍ରମଣରୁ ରକ୍ଷା କରିଥିଲେ। ଏନେଇ ୨୦ ତାରିଖରେ ମାଆ ମାୟାଙ୍କ ଅଭିଯୋଗ କ୍ରମେ ବାଲିପଦର ପୋଲିସ ଘଟଣାର ତଦନ୍ତ କରି ଆକ୍ରମଣରେ ବ୍ୟବହୃତ ଲୁହାରଡକୁ ଜବତ କରିଥିବା ବେଳେ ସନ୍ତୋଷକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଟ୍ରାକ୍ଟର ମାଲିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା

**ଟ୍ରାକ୍ଟର ମାଲିକ ମହାସଂଘର ବୈଠକ**





ଟ୍ରାକ୍ଟର ମାଲିକମାନେ ବୈଠକରେ ଆଲୋଚନା କରୁଛନ୍ତି।

ଗୁଣୁପୁର,୨୨।୧୦( ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଟ୍ରାକ୍ଟର ମାଲିକ ମହାସଂଘର ପ୍ରଥମ ସାଧାରଣ ବୈଠକ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଏକ ଆମ୍ବତୋଟାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଶତାଧିକ ଟ୍ରାକ୍ଟର ମାଲିକମାନେ ଯୋଗଦେଇ ଦୈନନ୍ଦିନ ଜୀବନରେ ଟ୍ରାକ୍ଟର ଚଳାଇବା ଓ ବ୍ୟବସାୟ କରିବାରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଥିବା କହିଥିଲେ। ବୈଠକରେ ଟ୍ରାକ୍ଟର ମାଲିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଲିଗାଲ ଆଡଭାଇଜର ଭାବେ ଆଇନଜୀବୀ ରମେଶ ଲିମା ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଉକ୍ତ ସମସ୍ୟାର କିପରି ସମାଧାନ ହୋଇପାରିବ ସେ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ସଂଘର ସଭାପତି ଜଗନ୍ନାଥ ମହାନ୍ତି ଟ୍ରାକ୍ଟର ମାଲିକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ସନ୍ତୋଷ ରଥ ଟ୍ରାକ୍ଟର ମାଲିକଙ୍କ ସମସ୍ୟା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ବୋଲି ମତବ୍ୟକ୍ତ କରିଥିଲେ। କୋଷାଧ୍ୟକ୍ଷ ପ୍ରତାପ ଯୋଗୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପୁଣି ଡରାଇଲାଣି ଅକ୍ଟୋବର

ପାରଳାଖେମୁଣ୍ଡି,୨୨।୧୦(ଗିରିଧାରୀ ପରିଚ୍ଛା)



ପୁଣି ଡରାଇଲାଣି ଅକ୍ଟୋବର। ପାଣିପାଗ ବିଭାଗର ସୂଚନା ଅନୁସାରେ ଆଗକୁ ଦୁଇଟି ଲଘୁଚାପ ଆସୁଛି। ଏହା ପ୍ରଭାବରେ ଗଜପତି ଜିଲା ସମ୍ପୂର୍ଣ୍ଣ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହାକୁ ନେଇ ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ଲଘୁଚାପକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଧାନ ଉଜୁଡିଯିବା ଆଶଙ୍କାରେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ପାଣିପାଗ ବିଭାଗ ସୂଚନା ଅନୁସାରେ ଅକ୍ଟୋବର ୨୩ରେ ଲଘୁଚାପ ୱାଲମାର୍ଟରେ ପରିଣତ ହେବ। ପରେ ଏହା ଅବପାତର ରୂପ ନେଇ ଦକ୍ଷିଣ ଆନ୍ଧ୍ର ଉପକୂଳ ଅଞ୍ଚଳରେ ସ୍ଥଳଭାଗ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଗଜପତି ଜିଲା ସମ୍ପୂର୍ଣ୍ଣ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହାକୁ ଗୁରୁତ୍ୱ ଦେଇ ପ୍ରଶାସନ ବିଭାଗୀୟ ଅଧିକାରୀମାନଙ୍କୁ ସଜାଗ ରଖିଛି। ତଳିଆ ଅଞ୍ଚଳ ଓ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ପରିସ୍ଥିତି ଦେଖି ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ହୋଇଛି। ଲୋକେ ସ୍ଥାନାନ୍ତର ହୋଇ ଯେଉଁଠି ରହିବେ ସେଠାରେ ସେମାନଙ୍କୁ ରନ୍ଧା ଖାଦ୍ୟ ଦେବା ପାଇଁ ବ୍ଲକ ସ୍ତରୀୟ ଅଧିକାରୀଙ୍କୁ କୁହାଯାଇଛି।

ଗତ ୨ ତାରିଖରେ ଭୂସ୍ଖଳନ ଯୋଗୁ ଗଜପତି ଜିଲାରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁଇ ଜଣଙ୍କ ବର୍ତ୍ତମାନ ସୁଦ୍ଧା କୌଣସି ପତ୍ତା ମିଳିନାହିଁ। ଏହି ପରିସ୍ଥିତି ଯେପରି ପୁନରାବୃତ୍ତି ନ ହୁଏ ଏବଂ ଚାଷୀଙ୍କ ଧାନଚାଷକୁ ଯେପରି ସୁରକ୍ଷିତ ରଖାଯାଇପାରିବ ଓ କ୍ଷତିଗ୍ରସ୍ତ ହୋଇଥିଲେ କ୍ଷୟକ୍ଷତି ଆକଳନ କରି ରିଲିଫ କୋଡ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଫାଲ୍‌ଗୁନି ମାଝୀ କହିଛନ୍ତି। ବର୍ତ୍ତମାନ ବିଲରେ ଧାନ ଗର୍ଭଧାରଣ ଅବସ୍ଥାରେ ଧାନକେଣ୍ଡା ଠିଆ ହୋଇରହିଛି। ଏଭଳି ପରିସ୍ଥିତିରେ ଲଘୁଚାପଜନିତ ଲଗାଣବର୍ଷା ହେଲେ ଚାଷ ସମ୍ପୂର୍ଣ୍ଣ ଉଜୁଡିଯିବା ଆଶଙ୍କାରେ ଚାଷୀ ଚିନ୍ତିତ ହୋଇପଡିଛନ୍ତି। ପାଣିପାଗ ବିଭାଗର ସୂଚନା ପାଇବା ପରେ ଆମେ ଚିନ୍ତାରେ ପଡିଛୁ ବୋଲି ଚାଷୀ ସାଇ ପାତ୍ର, ପ୍ରମୋଦ ସାହୁ,ଏସ. ଭେଙ୍କେଟ ରାଓ, ଡାଙ୍କନି ଗିରି, ରବି ବରାଡ କହିଛନ୍ତି।

# ବଞ୍ଚିବା ପାଇଁ ପୋଖରୀକୁ ଡେଇଁଲେ ବୃଦ୍ଧ, ଚାଲିଗଲା ଜୀବନ

**ଘରକୁ ଫେରିବା ବାଟରେ ମହୁମାଛି ଆକ୍ରମଣ**

ଝରିଗାଁ,୨୨।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ଘରକୁ ଫେରିବା ବାଟରେ କାମୁଡ଼ିଲା ମହୁମାଛି। ବଞ୍ଚିବା ପାଇଁ ପୋଖରୀକୁ ଡେଇଁପଡ଼ିଲେ ବୃଦ୍ଧ। କିନ୍ତୁ ଆଉ ପୋଖରୀରୁ ବାହାରି ନ ପାରିନ ଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏମିତି ଦୁଃଖଦ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଫୁଗାଁ ପଞ୍ଚାୟତ ଅଧୀନ ବାରବାକୁଲି ଗ୍ରାମରେ ଘଟିଛି। ମୃତକ ହେଲେ ବାରବାକୁଲି ଗ୍ରାମର ପଦୁ ସାନ୍ତା(୫୫)। ସୂଚନା ପ୍ରକାରେ ପଦୁ କୌଣସି ଏକ କାମରେ ଫୁଫୁଗାଁ ଯାଇଥିଲେ। ସେଠାରେ କାମ ସାରି ବୁଧବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ବାରବାକୁଲି ଗ୍ରାମରପ୍ରାୟ ଏକ କିଲୋମିଟର ଦୂରରେ ଥିବା ଜଙ୍ଗଲ ନିକଟରେ ହଠାତ ମହୁମାଛି ଆକ୍ରମଣ କରିଥିଲା। ମହୁମାଛି ଆକ୍ରମଣରୁ ଜୀବନ ବଞ୍ଚିବା ପାଇଁ ନିକଟରେ ଥିବା ପୋଖରୀ ଭିତରକୁ ପଶି ଯାଇଥିଲେ। ତେବେ ସେହି ପୋଖରୀ ଭିତରୁ ଆଉ ବାହାରି ନ ପାରି ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପରେ ପଦୁଙ୍କ ନାତି ପ୍ରଦୀପ ସାନ୍ତା ସେହି ରାସ୍ତା ଦେଇ ଯାଉଥିବା ବେଳେ ଅଜାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଝରିଗାଁ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିଥିଲେ। ଝରିଗାଁ ପୋଲିସ ଘଟଣା ମୃତଦେହ ଜବତ ସହ ବ୍ୟବଚ୍ଛେଦ ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ପଦ୍ମପୁରରେ ମା’ ଶ୍ୟାମାକାଳୀଙ୍କ ପୂଜା

ପଦ୍ମପୁର,୨୨।୧୦ (ପ୍ରଶାନ୍ତ କୁମାର କର)



ପଦ୍ମପୁରରେ ପୂଜା ପାଉଥିବା ମା’ ଶ୍ୟାମାକାଳୀ।

ରାୟଗଡ଼ା ଜିଲା ପଦ୍ମପୁର କାଳୀପୂଜା ମଣ୍ଡପ ପଡ଼ିଆରେ ମା’ ଶ୍ୟାମାକାଳୀ ପୂଜା ମହାଆଡମ୍ବର ସହକାରେ ପାଳନ କରାଯାଉଛି। ଦୀପାବଳିରେ ମା’ଙ୍କ ବିଲ୍ୱବରଣ ଓ କଳସ ସ୍ଥାପନା ପରେ ମା’ଙ୍କ ଘଟସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏକ ସପ୍ତାହ ବ୍ୟାପୀ ଅନୁଷ୍ଠିତ ଏହି ପୂଜାରେ ପୁରୋହିତ ଭାବେ ଗଞ୍ଜାମ ଜିଲା ବଡବାଡ ଗ୍ରାମର ସୌମ୍ୟ ରଞ୍ଜନ ପାଢ଼ୀ, ବିଶ୍ୱଜିତ ପାଢ଼ୀ, ଅମିତ୍ ପଣ୍ଡା ପ୍ରମୁଖ ପୂଜା ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ମା’ଙ୍କ ଆଶୀର୍ବାଦ ସହ ଆରତି ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଛି। ରାତିରେ ଗଞ୍ଜାମ ଓ ଗଜପତି ଜିଲାର ପ୍ରସିଦ୍ଧ ଭାରତଲୀଳା ଓ ରାମାୟଣ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜାରେ ସୁଦୃଶ୍ୟ ତୋରଣ ସାଙ୍ଗକୁ ଆକର୍ଷଣୀୟ ମେଢ଼ ଲୋକଙ୍କ ମନ ମୋହୁଛି । ପୂଜା କମିଟି ସଭାପତି ଗୋଦାବରୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ଚିତ୍ତ ରଣା, ବିଦ୍ୟାଧର ଗୌଡ, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରପଞ୍ଚ ପ୍ରକାଶ କଣ୍ଡାଗିରି, ପ୍ରଶାନ୍ତ କର, ଗୁକୁନା ପାଣିଗ୍ରାହୀ, ଦେବେନ୍ଦ୍ର ପାଢ଼ୀ, ପ୍ରଳୟ ବେହେରା, ଦୁର୍ଗା ସାହୁ, ଚନ୍ଦନ ସାହୁ, କୁନା ସାହୁ, ଜୁର ସାହୁ, ବିଷ୍ଣୁ ରଥ, ବାଲାଜୀ ସାହୁଙ୍କ ସହ ବହୁ ବ୍ୟକ୍ତି ସହଯୋଗ କରୁଛନ୍ତି। ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ପଦ୍ମପୁର ପୋଲିସ ତରଫରୁ ଆଇନଶୃଙ୍ଖଳା ପାଇଁ ଫୋର୍ସ ମୁତୟନ କରାଯାଇଛି।

# ପାହାଡ଼ ଉପରେ ଦେଶୀ ବନ୍ଧୁକ କାରଖାନା





ଜବତ ବନ୍ଧୁକ ଓ ୨ ଗିରଫ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ବୁଧବାର ଏସ୍‌ପି ସୂଚନା ଦେଉଛନ୍ତି।

ମୋହନା, ୨୨।୧୦(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ଥାନା ଅଞ୍ଚଳରେ ଦେଶୀ ବନ୍ଧୁକ କାରଖାନା ଠାବ ହୋଇଛି। ୧୨ଟି ବନ୍ଧୁକ ଓ ବିଭିନ୍ନ ସରଞ୍ଜାମ ଜବତ ହୋଇଛି। ମୋହନା ଥାନା ଅଞ୍ଚଳର ୨ଜଣ ବ୍ୟକ୍ତିଙ୍କଠାରୁ ପୋଲିସ ୨ଟି ବ୍ୟବହୃତ ବନ୍ଧୁକ ଜବତ କରିଛି। ପରେ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ତେବେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଆର.ଉଦୟଗିରି ଜେଲକୁ ପଠାଯାଇଥିବା ବୁଧବାର ଅପରାହ୍ନରେ ସ୍ଥାନୀୟ ଥାନାରେ ଏକ ଖବରଦାତା ସମ୍ମିଳନୀରେ ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା କହିଛନ୍ତି। ଏନେଇ ନଂ. ୧୯୩/୨୫ରେ ଏକ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡିଛି, ମଙ୍ଗଳବାର ଅପରାହ୍ନରେ ମୋହନା ଥାନା ଏସ୍‌ଆଇ ବି. ନୀଳମାଧବ ରେଡ୍ଡୀ ଓ କର୍ମଚାରୀ କରଚବାଡ଼ି ପଞ୍ଚାୟତ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଚିଉରିପଦର ଗ୍ରାମର ହରିଶ୍ଚନ୍ଦ୍ର ମଳିକ (୩୫) କାନ୍ଧରେ ଗୋଟିଏ ବନ୍ଧୁକ ପକାଇ ଓ ହାତରେ ଗୋଟିଏ ବନ୍ଧୁକ ଧରି ଗ୍ରାମରେ ବୁଲୁଥିଲେ। ପୋଲିସକୁ ଦେଖି ହରିଶ୍ଚନ୍ଦ୍ର ଘର ଭିତରକୁ ଦୌଡ଼ି ପଳାଇଥିଲେ। ବନ୍ଧୁକ ଦେଖି ଏସ୍‌ଆଇ ରେଡ୍ଡୀ ଥାନା ଅଧିକାରୀ ବସନ୍ତ ସେଠୀଙ୍କୁ ଖବର ଦେଇଥିଲେ। ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଲିସ ଫୋର୍ସ ଓ କର୍ମଚାରୀ ସେହି ଗ୍ରାମରେ ପହଞ୍ଚି ହରିଶ୍ଚନ୍ଦ୍ରଙ୍କୁ ଘରୁ ଧରିଥିଲେ। ତାଙ୍କଠାରୁ ୨ଟି ଦେଶୀ ବନ୍ଧୁକ ଜବତ କରିଥିଲେ। ତାଙ୍କୁ ଥାନାକୁ ଆଣି ପଚରାଉଚୁରା ବେଳେ ସେ ଅଡ଼ବା ଥାନା ଅନ୍ତର୍ଗତ ଗଲାପାଙ୍କୁ ଗ୍ରାମର ଘନଶ୍ୟାମ ପ୍ରଧାନ (୮୦)ଙ୍କଠାରୁ ୨ଟି ବନ୍ଧୁକ ୧୦ ହଜାର ଟଙ୍କାରେ କିଣିଥିବା କହିଥିଲେ। ଏହାକୁ ଭିତ୍ତିକରି ପୋଲିସ ଗଲାପାଙ୍କୁ ଗ୍ରାମରେ ପହଞ୍ଚି ଘନଶ୍ୟାମଙ୍କୁ ଘରୁ ଗିରଫ କରିଥିଲା। ଘନଶ୍ୟାମ ଦୀର୍ଘ ବର୍ଷ ହେଲା ଘର ପଛପଟ ପାହାଡ଼ ଉପରେ କାରଖାନା କରି ଦେଶୀ ବନ୍ଧୁକ ନିର୍ମାଣ କରୁଥିଲେ। ସେହି ସ୍ଥାନରୁ ପୋଲିସ ୧୦ଟି ଦେଶୀ ବନ୍ଧୁକ ଓ ସେଥିରେ ବ୍ୟବହୃତ ସାମଗ୍ରୀ ଓ ଏକ ସୋଲାର ପ୍ଲେଟ ଜବତ କରିଛି। ଘନଶ୍ୟାମ ଗୋଟିଏ ବନ୍ଧୁକକୁ ୫ ହଜାର ଟଙ୍କାରେ ବିକ୍ରି କରୁଥିଲେ। ବନ୍ଧୁକ ଦେବା ପାଇଁ ସେ ଲୋକଙ୍କଠାରୁ ଅଗ୍ରିମ ଟଙ୍କା ନେଉଥିବା ଏବଂ ଗଞ୍ଜାମ, ଗଜପତି ଓ କନ୍ଧମାଳର କେତେ ଜଣ ଲୋକ ୫ ହଜାର ଟଙ୍କାରେ ତାଙ୍କଠାରୁ ବନ୍ଧୁକ କିଣିଥିବା ପଚରାଉଚରା ବେଳେ ସେ ସ୍ୱୀକାର କରିଛନ୍ତି। ଏହି ବନ୍ଧୁକ କାରବାରରେ କେତେ ଜଣ ସମ୍ପୃକ୍ତ ଅଛନ୍ତି, କେଉଁମାନେ ଘନଶ୍ୟାମଙ୍କଠାରୁ ବନ୍ଧୁକ କିଣିଛନ୍ତି, ବନ୍ଧୁକ ତିଆରିରେ କେଉଁମାନେ ସାମିଲ ଅଛନ୍ତି ଏବଂ ଆପରାଧିକ କାର୍ଯ୍ୟକଳାପରେ ଏହି ବନ୍ଧୁକ ବ୍ୟବହୃତ ହୋଇଛି କି ନାହିଁ ପୋଲିସ ତାର ଖୋଳତାଡ଼ କରୁଛି। ଖବରଦାତା ସମ୍ମିଳନୀରେ ଆର.ଉଦୟଗିରି ଏସ୍‌ଡିପିଓ ସୁରେଶ ତ୍ରିପାଠୀ, ମୋହନା ଥାନା ଅଧିକାରୀ ସେଠୀ, ଅଡ଼ବା ଥାନା ଅଧିକାରୀ ଶୁଭ୍ରାନ୍ତ ପଣ୍ଡା ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ରୋକିବାକୁ ସମନ୍ୱିତ ପ୍ରୟାସ ଜରୁରୀ

## ନବରଙ୍ଗପୁରରେ ଜିଲାସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ନବରଙ୍ଗପୁର,୨୨।୧୦(ସଦାଶିବ ପ୍ରହରାଜ)

'ମିଶନ ବାତ୍ସଲ୍ୟ ଯୋଜନା' ଅଧୀନରେ ନବରଙ୍ଗପୁର ଜିଲା ପ୍ରଶାସନ ଦ୍ୱାରା ଅଶୋକ ମେହେଟା ସମ୍ମିଳନୀ କକ୍ଷରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଛି। ବୈଠକରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ସିଡିଏମ୍‌ଓ ଡା ସନ୍ତୋଷ ପଣ୍ଡା, ଡିଏସ୍‌ଡବ୍ଲ୍ୟୁଓ ଦ୍ରୌପଦୀ କହଁର, ଏଡିପିଏଚ୍‌ଓ ମଳୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୁରକ୍ଷା କମିଟି, ଜିଲା ଟାସ୍କ ଫୋର୍ସ କମିଟି, ବାଲ୍ୟ ବିବାହ ପ୍ରତିରୋଧ କମିଟି ସଭ୍ୟ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ସମେତ ଡିସିପିଓ ସୁରେଶ ପଟ୍ଟନାୟକ, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ମନୋଜ ବେହେରା, ଡିଏଲ୍‌ଓ ଟୁଟୁ ଛୋଟରାୟ, ସମସ୍ତ ବ୍ଲକ ସିଡିପିଓ, ସ୍ୱେଚ୍ଛାସେବୀ ସଂସ୍ଥା ପିରାମଲ, ଆଭା, ମହିଳା ଓ ଶିଶୁ ସହାୟକ ୟୁନିଟ୍ ଆଲୋଚନାରେ ଭାଗ ନେଇଥିଲେ। ବାଲ୍ୟ ବିବାହ ରୋକିବାରେ ସମସ୍ତଙ୍କ ସମନ୍ୱିତ ପ୍ରୟାସ ଓ ବିଶେଷ ସଚେତନତା ଆବଶ୍ୟକ ବୋଲି ଜିଲାପାଳ କହିଥିଲେ।




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଷ୍ପତ୍ତି ହୋଇଛି।

ଜିଲାରେ ବାଲ୍ୟ ବିବାହ ପ୍ରତିରୋଧ ଓ ସଚେତନତା, ଶିଶୁ ଶ୍ରମିକ ଉଦ୍ଧାର, ଶିଶୁ ଅଧିକାର ସୁରକ୍ଷା ଓ ଟାସ୍କଫୋର୍ସ କମିଟି କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଜିଲା ସଂଯୋଜିକା ସରିତା ରାଣୀ ପାଣି ତ୍ରୈମାସିକ କାର୍ଯ୍ୟପ୍ରଗତି ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲାର ୩୦ ବାଲ୍ୟ ବିବାହ ପ୍ରଭାବିତ ଅଞ୍ଚଳ ଚିହ୍ନଟ କରାଯିବ। ବାଲ୍ୟ ବିବାହ ପ୍ରତିରୋଧ ଓ ସମ୍ପୂର୍ଣ୍ଣ ଭାବେ ବାଲ୍ୟ ବିବାହ ମୁକ୍ତ ଜିଲା ଗଠନ ଲକ୍ଷ୍ୟରେ ଅଧିକାରୀ, ପୋଲିସ, ସରପଞ୍ଚ, ସମ୍ପୃକ୍ତ ଗ୍ରାମର ମୁଖିଆ, ସମିତି ସଭ୍ୟଙ୍କୁ ନେଇ ଗ୍ରାମ୍ୟ ସଭା ଓ ବିଶେଷ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବୈଠକରେ ସ୍ଥିର ହୋଇଛି । ଶିକ୍ଷା ଓ ମଙ୍ଗଳ ବିଭାଗର ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ବାଲ୍ୟ ବିବାହ ପ୍ରତିରୋଧ ସମ୍ପର୍କିତ ଶପଥ ପାଠ କରାଯିବ। ବୈଠକରେ ସୂଚନା ଅନୁସାରେ ଜିଲାରେ ଚଳିତ ବର୍ଷ ଜାନୁଆରୀରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ୩୪୬ଟି ବାଲ୍ୟ ବିବାହ ରୋକାଯାଇଛି। ୨୦୨୫-୨୬ ରେ ଅଦ୍ୱିକୋ ଯୋଜନାରେ ମୋଟ ୪୮୩୬୧ ଜଣ କିଶୋରୀ କିଶୋରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ୨୩୩୦ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତି ଶନିବାର ଜୀବନ ଜୀବିକା, ସଚେତନତା, ଶିକ୍ଷା ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଉଥିବା ବୈଠକରେ ଆଲୋଚନା ହୋଇଛି।

# ବଞ୍ଚିବା ପାଇଁ ପୋଖରୀକୁ ଡେଇଁଲେ ବୃଦ୍ଧ, ଚାଲିଗଲା ଜୀବନ

## ଘରକୁ ଫେରିବା ବାଟରେ ମହୁମାଛି ଆକ୍ରମଣ

ଝରିଗାଁ,୨୨।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ଘରକୁ ଫେରିବା ବାଟରେ କାମୁଡ଼ିଲା ମହୁମାଛି। ବଞ୍ଚିବା ପାଇଁ ପୋଖରୀକୁ ଡେଇଁପଡ଼ିଲେ ବୃଦ୍ଧ। କିନ୍ତୁ ଆଉ ପୋଖରୀରୁ ବାହାରି ନ ପାରିନ ଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏମିତି ଦୁଃଖଦ ଘଟଣା ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁଫୁଗାଁ ପଞ୍ଚାୟତ ଅଧୀନ ବାରବାକୁଲି ଗ୍ରାମରେ ଘଟିଛି। ମୃତକ ହେଲେ ବାରବାକୁଲି ଗ୍ରାମର ପଦୁ ସାନ୍ତା(୫୫)। ସୂଚନା ପ୍ରକାରେ ପଦୁ କୌଣସି ଏକ କାମରେ ଫୁଫୁଗାଁ ଯାଇଥିଲେ। ସେଠାରେ କାମ ସାରି ବୁଧବାର ସନ୍ଧ୍ୟାରେ ଘରକୁ ଫେରୁଥିଲେ। ବାରବାକୁଲି ଗ୍ରାମରପ୍ରାୟ ଏକ କିଲୋମିଟର ଦୂରରେ ଥିବା ଜଙ୍ଗଲ ନିକଟରେ ହଠାତ ମହୁମାଛି ଆକ୍ରମଣ କରିଥିଲା। ମହୁମାଛି ଆକ୍ରମଣରୁ ଜୀବନ ବଞ୍ଚିବା ପାଇଁ ନିକଟରେ ଥିବା ପୋଖରୀ ଭିତରକୁ ପଶି ଯାଇଥିଲେ। ତେବେ ସେହି ପୋଖରୀ ଭିତରୁ ଆଉ ବାହାରି ନ ପାରି ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପରେ ପଦୁଙ୍କ ନାତି ପ୍ରଦୀପ ସାନ୍ତା ସେହି ରାସ୍ତା ଦେଇ ଯାଉଥିବା ବେଳେ ଅଜାଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଝରିଗାଁ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରିଥିଲେ। ଝରିଗାଁ ପୋଲିସ ଘଟଣା ମୃତଦେହ ଜବତ ସହ ବ୍ୟବଚ୍ଛେଦ ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ୪ ଅଭିଯୁକ୍ତଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୨୨।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଓ ଦୌରାଜଜ୍ ସୁବ୍ରତ ମହାନ୍ତି ଏକ ହତ୍ୟା ମାମଲାର ବିଚାର କରି ୨୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ମୈଦଲପୁର ଥାନା ଅଧୀନ କେନ୍ଦୁଗୁଡ଼ା ଗ୍ରାମର ଭଗତ ପୂଜାରୀ, ବିଘ୍ନ କୁମ୍ଭାର, ଧନୁ କୁମ୍ଭାର ଓ ଜଗତ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଆଦେଶ କରିଛନ୍ତି। ଜୋରିମାନା ଅନାଦେୟରେ ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ରାୟ ପ୍ରକାଶ ପାଇଛି। ଏଥିସହ ମୃତକଙ୍କ ସ୍ତ୍ରୀ ଏବଂ ପିଲାଙ୍କୁ କ୍ଷତିପୂରଣ ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି।

ସୂଚନାନୁଯାୟୀ ୨୦୨୫ ଏପ୍ରିଲ ୧ ରାତିରେ ମୃତକ ବଳଦେବ ଗୌଡ଼ ଶ୍ୱଶୁର ଘର ମାଝୀଗୁଡ଼ା ଗ୍ରାମରେ ହେଉଥିବା ବାଲିଯାତ୍ରା ଦେଖି ଶଳା ଗିରିଶ ଗୌଡ଼ଙ୍କ ସହିତ ଫେରୁଥିଲେ। ଏହି ସମୟରେ ଗାଁ ଛକରେ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଲାତ, ବିଧା, ମୁଥ, ଗୋଇଠା ମାରି ରକ୍ତାକ୍ତ କରି ତଳେ ପକାଇ ଦେଇଥିଲେ। ବଳଦେବଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠି ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହମ୍ମୁଦ୍ମା ଡାକ୍ତରଖାନା ଓ ପରେ କୋରାପୁଟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଳଦେବଙ୍କ ମତ୍ୟୁ ହୋଇଥିଲା। ଏନେଇ ମୈଦଲପୁର ଥାନାରେ ୨୦୨୫ ଏପ୍ରିଲ ୩ରେ ୨୫/୨୫ଏକ ମାମଲା ରୁଜୁ କରାଯାଇ ଅଭିଯୋଗ ଫର୍ଦ୍ଦ କୋର୍ଟରେ ଦାଖଲ ହୋଇଥିଲା। କୋର୍ଟ କେସ୍ ନମ୍ବର ୨୬/୨୦୨୫ ଅନୁଯାୟୀ ମାମଲାଟି ବିଚାରାଧୀନ ରହିଥିଲା। ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ମନୋଜ କୁମାର ଏକ୍କା ପରିଚାଳନା କରୁଥିଲେ। ଡେପୁଟି ଡିରେକ୍ଟର ପ୍ରସିକ୍ୟୁଶନ ଶୈଳଜା ପଟ୍ଟନାୟକ ତଦାରଖ କରୁଥିଲେ।

# ବିଶ୍ୱ କଲ୍ୟାଣ ନିମନ୍ତେ କିନ୍ନରଙ୍କ ହୋମଯଜ୍ଞ

ନବରଙ୍ଗପୁର, ୨୨।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କିନ୍ନର ସଂଘ ପକ୍ଷରୁ ସ୍ଥାନୀୟ ବିନାୟକ ଭବନ ପରିସରରେ ସଂଘ ଉପଦେଷ୍ଟା ଶର୍ମିଷ୍ଠା ଦେଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୂର୍ଗି ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ରାମ ପୂଜାରୀ ପାରମ୍ପରିକ ରୀତିରେ ହୋମ ଯଜ୍ଞ କରିଥିଲେ। ଦେଶ ସୁରକ୍ଷା ଓ ବିଶ୍ୱ କଲ୍ୟାଣ ନିମନ୍ତେ ଯଜ୍ଞ କରାଯାଇଛି। ଜିଲା କିନ୍ନର ସଂଘ ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ , ପ୍ରୋଜେକ୍ଟ ଲିଡର ଏମ୍.ବାଲା କୃଷ୍ଣ ରାଓ, ଆଇନ ପରାମର୍ଶଦାତା ରାମ ପ୍ରସାଦ ପାତ୍ର, ସଂଘ ଉପଦେଷ୍ଟା କିଶୋରୀ ପଟ୍ଟନାୟକ, ଡକ୍ଟର ସଂଯୁକ୍ତା ପଣ୍ଡା, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସାଗରିକା ମହାକୁଡ଼, ନୀନୀବାବୁ ତ୍ରିପାଠୀ, ଅଖିଳ ଭଟ୍ଟ, ଦୁର୍ଗା ପାଢ଼ୀ ପ୍ରମୁଖଙ୍କ ସହ ଜିଲା ବଣିକ ସଂଘର ସମସ୍ତ ସଦସ୍ୟ ଓ ଜିଲାବାସୀ କିନ୍ନର ସଂଘର ଏହି ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ସଂଘ ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମୁକି କିନ୍ନର, ସହସମ୍ପାଦକ ପ୍ରୀତି କିନ୍ନର, ବର୍ଷା, ରାଧା, କବିତା, ଶିବାନୀ, ବଇଦି, ଅନିତା, ଇପ୍ସିତାଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କିନ୍ନରମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଦୀପାବଳି ଅବସରରେ କିନ୍ନରମାନେ ନବରଙ୍ଗପୁର ସହରର ବିଭିନ୍ନ ଦୋକାନ ବଜାରରୁ ପାଇଥିବା ଦାନ ଟଙ୍କାକୁ ଉପଯୋଗ କରି ଉକ୍ତ ପୂଜା କରିଥିଲେ।



କିନ୍ନର ସଂଘ ସଦସ୍ୟମାନେ ପୂଜା କରୁଛନ୍ତି।

# ଦଳର ନୀତି, ଆଦର୍ଶ ସମ୍ପର୍କରେ ବାର୍ତ୍ତା ଦେଲା ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ଡାବୁଗାଁ, ୨୨।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

## ସାମିଲ ହେଲେ ୫ ହଜାରରୁ ଊର୍ଦ୍ଧ୍ୱ ବିଜେଡି ନେତା, କର୍ମୀ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବଡ଼ଓଲମା ପଞ୍ଚାୟତରୁ ପଦଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଡାବ୍ରିଗୁଡା(ଭାଲୁଗୁଡା) ପର୍ଯ୍ୟନ୍ତ ଯାଇଥିଲା। ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦଇଥିଲେ। ସମ୍ମାନିତ ଅତିଥିଭାବେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ ଓ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଧନ ସିଂ ଭତ୍ରା ଓ ଗୁପ୍ତ ବିଷୋୟୀ, ବରିଷ୍ଠ ବିଜେଡି ନେତା ଏମ୍. ଆପ୍ପାରାଓ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଉକ୍ତ ପଦଯାତ୍ରାରେ ସାମିଲ ହୋଇ ଗାଁ ଗାଁରେ ବିଜେଡିର ନୀତି ଆଦର୍ଶ ଓ ଜନହିତକର ଯୋଜନା ଉପରେ ଅବଗତ କରାଇଥିଲେ। ଜନସାଧାରଣ ବିଜେଡି ନୀତି ଆଦର୍ଶକୁ ସ୍ୱାଗତ କରିଥିଲେ । ଭାଲୁଗୁଡା ଗ୍ରାମର ଶ୍ରୀ ଶ୍ରୀ ସୁନା ଦେଇ ମା ତେଲେଙ୍ଗାଣୀ ମନ୍ଦିର ପାର୍ଶ୍ୱରେ ଥିବା ପଡିଆରେ ଏକ ସଭାର ଆୟୋଜନ କରାଯାଇଥିଲା। ପ୍ରତି ପରିବାରର ମୁଣ୍ଡ ପିଛା ୫ କେଜି ବଦଳରେ ୧୦ କେଜି ଚାଉଳ, ୬୦ ବର୍ଷର ଲୋକଙ୍କୁ ୩୦୦୦ ଟଙ୍କା ପେନସନ୍, ପ୍ରତି ପରିବାରକୁ ସରକାରଙ୍କ ଯୋଜନାରେ ଆବାସ ଗୃହ, ପ୍ରତି ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଇବା ନିମନ୍ତେ ଚେଷ୍ଟା ଅବ୍ୟାହତ ରଖି ଜନସାଧାରଣଙ୍କ ସେବା କରିବା ମୋର ଲକ୍ଷ୍ୟ ବୋଲି ବିଧାୟକ କହିଥିଲେ। ଡାବୁଗାଁ ବିଜେଡି ସଭାପତି ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପଦଯାତ୍ରାରେ ବିଜେଡି କର୍ମୀ ଦୟାନିଧି ଭତ୍ରା, ରାମ କୁମାର ଗଣ୍ଡ, ରମେଶ ଚନ୍ଦ୍ର ମାଝୀ, ସାଲିମ ଧର ଭତ୍ରାଙ୍କ ସମେତ ଡାବୁଗାଁ ନିର୍ବାଚନମଣ୍ଡଳୀର ଡାବୁଗାଁ, ପାପଡ଼ାହାଣ୍ଡି, କୋଷାଗୁମୁଡ଼ା ବ୍ଲକରୁ ବିଜେଡିର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ୱାର୍ଡ ମେମ୍ବରଙ୍କ ସହ କର୍ମୀମାନେ ଯୋଗଦେଇଥିଲେ।

# ଅବକାରୀ ଚଢ଼ାଉ, ୨ ଜଣଙ୍କୁ କୋର୍ଟ ଚାଲାଣ

ପାପଡ଼ାହାଣ୍ଡି, ୨୨।୧୦
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ପାପଡ଼ାହାଣ୍ଡି ଅବକାରୀ ଥାନା ଅଧିକାରୀ ସମୀର ସ୍ୱାଇଁ ଏବଂ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। ପୃଥକ୍ ସ୍ଥାନରୁ ୨ ଜଣଙ୍କୁ ଧରାଯାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ଥାନା ଅଧୀନ ଗାଦବାକତରା ଗ୍ରାମ ନିକଟ କାଦମାଲି ପାଦଚଲା ରାସ୍ତାରେ ଅର୍ଜୁନ ଜାନି ୧୮ ଲିଟର ଦେଶୀ ହାତ ରନ୍ଧା ମଦ ନେଇ ଆସୁଥିବା ସମୟରେ ଆସୁଥିଲେ। ଏହି ସମୟରେ ଚଢ଼ାଉ କରାଯାଇ ତାଙ୍କ ଠାରୁ ମଦ ଜବତ ସହ କେସ ନଂ ୮୨/୨୦୨୫ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ସେହିଭଳି କଦାମାଲି ଜଙ୍ଗଲ ରାସ୍ତାରେ ମାର୍କଣ୍ଡ ଦଳାଇ ସାଇକେଲରେ ଗୋଟିଏ ମୋଟର ଟ୍ୟୁବ୍‌ରେ ୪୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଆଣୁଥିବାବେଳେ ତାଙ୍କଠାରୁ ଜବତ କରାଯାଇଛି। କେସ୍ ନଂ ୧୬୨/୨୦୨୫ରେ ମକଦ୍ଦମା ରୁଜୁ ସହ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ସହ ଉପନିରୀକ୍ଷକ ତ୍ରିନାଥ ସୌର, ନାରାୟଣ ମୁଦୁଲି, ରେସମା ସୁନା, ଅକ୍ରମ ଖାନ ଓ ଉତ୍ତମ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ପାଇଁ ହିନ୍ଦୁ ଧର୍ମର ଆବଶ୍ୟକତା ରହିଛି



କୋଡ଼ିଙ୍ଗା, ୨୨।୧୦ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଧୀନ ବିଏମ୍ ସେମଳାରେ ହିନ୍ଦୁଧର୍ମ ରକ୍ଷା ପାଇଁ ଏକ ଧର୍ମସଭା ମହିମାଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ଅବଧୂତ ଡମ୍ବରୁ ବାବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ରହ୍ମ ଅବଧୂତ ବିଭୀଷଣ ବାବା, ବ୍ରହ୍ମ ଅବଧୂତ ବଳି ବାବା, ହିନ୍ଦୁ ମହାସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ସୂର୍ଯ୍ୟବଂଶୀ ଜୟନ୍ତ, ଧନୁର୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପୂଜାରୀ, ପୂର୍ବତନ ସରପଞ୍ଚ ଗୁରୁବାରୁ ଭତ୍ରା, ରାମ ଭତ୍ରାଙ୍କ ସମେତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ। ବିଶ୍ୱଶାନ୍ତି ପାଇଁ ହିନ୍ଦୁ ଧର୍ମର ଆବଶ୍ୟକତା ଓ ହିନ୍ଦୁ ଧର୍ମର ସୁରକ୍ଷା ସମ୍ପର୍କରେ ଡମ୍ବରୁ ବାବା କହିଥିଲେ। ଗୋ ହତ୍ୟା ବନ୍ଦ ଓ ଅନ୍ୟାୟ ଧର୍ମାନ୍ତରଣ ବନ୍ଦ କରିବା ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ। କୁସଂସ୍କାର ତ୍ୟାଗ, ଧର୍ମ ପୂର୍ବକ ଆଚରଣ କରି ସମାଜକୁ ଦିଗ୍‌ଦର୍ଶନ ଦେବା ପାଇଁ ବାବାମାନେ ଉପସ୍ଥିତ ଜନ ସାଧାରଣଙ୍କୁ ଆହ୍ୱାନ କରିଥିଲ।

# ମାଆ, ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ ସହ ପୋଷଣକୁ ଗୁରୁତ୍ୱ

## ଜିଲା ସ୍ୱାସ୍ଥ୍ୟ ଓ ଜିଲା ସମାଜ କଲ୍ୟାଣ ବିଭାଗର ମିଳିତ ବୈଠକ

ନବରଙ୍ଗପୁର,୨୨।୧୦
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ମା ଓ ଶିଶୁ ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ନିମନ୍ତେ ସ୍ୱାସ୍ଥ୍ୟ ଓ ଜିଲା ସମାଜ କଲ୍ୟାଣ ବିଭାଗର ମିଳିତ ବୈଠକ ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୁଧବାର ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଓ ମାଆଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କୀୟ ପ୍ରତିବନ୍ଧକଗୁଡ଼ିକ ମିଳିତ କାର୍ଯ୍ୟପନ୍ଥା ଦ୍ୱାରା ଦୂର, ମାଆ ଓ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟ, ସରକାରଙ୍କ ଦ୍ୱାରା ଦିଆଯାଉଥିବା ସମସ୍ତ ସୁବିଧା ଯେଭଳି ହିତାଧିକାରୀଙ୍କ ପାଖରେ ସହଜରେ ପହଞ୍ଚି ପାରିବ ଏହା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଆଲୋଚନା ହୋଇଛି।

ଜିଲାର ସମସ୍ତ ଅପହଞ୍ଚ ଅଞ୍ଚଳରୁ ଗର୍ଭବତୀ ମାନେ ନିରାପଦ ମାତୃ ପାଇଁ ମା ଗୃହକୁ କିପରି ଆସିବେ ସେ ଦିଗରେ ସମସ୍ତ ସିଡିପିଓ ଏବଂ ମେଡିକାଲ ଅଫିସରଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁନ ରୁ ୬ ବର୍ଷ ସମସ୍ତ ଶିଶୁଙ୍କ ଜନ୍ମ ପ୍ରମାଣ ପତ୍ର ଦେବା ପାଇଁ ବ୍ୟବସ୍ଥା କରିବାକୁ ସିଡିଏମ୍‌ଓଙ୍କୁ ଅନୁରୋଧ କରାଯାଇଛି। ୨ କେଜି ରୁ କମ ଓଜନ ଥିବା ଶିଶୁ ମାନଙ୍କର ୩ ମାସ ଭିତରେ ପରୀକ୍ଷା ଓ ଅନ୍ଧତ୍ୱରୁ ଦୂରୀକରଣ କରିବା ପାଇଁ ଆଲୋଚନା କରାଯାଇଥିଲା। କର୍ଯ୍ୟକ୍ରମରେ ସମସ୍ତଙ୍କୁ ମାଗଣା ଚିକିତ୍ସା ଦିଆଯିବା ବିଷୟରେ ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ଅବଗତ କରାଇବା ପାଇଁ ସିଡିପିଓ ଏବଂ ମେଡିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ବୈଠକରେ ସିଡିଏମ୍‌ଓ ଡ ସନ୍ତୋଷ ପଣ୍ଡା, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଏଡିପିଏଚ୍‌ଓ ଡ ମଳୟ କୁମାର ତ୍ରିପାଠୀ ଓ ଜିଲା ସମାଜ କଲ୍ୟାଣ ଅଧିକାରୀ ଦୌପଦୀ କହଁର, ଡିପିଏମ, ଏନ୍‌ଏଚ୍‌ଏମ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆନ୍ତଃ ଜିଲା ୧୬ ବର୍ଷରୁ କମ୍ କ୍ରିକେଟ ଖେଳାଳିଙ୍କ କଟକ ଗସ୍ତ



ଚୟନକାରୀଙ୍କ ସହ ନବରଙ୍ଗପୁର ଟିମ୍।

ନବରଙ୍ଗପୁର,୨୨।୧୦(ସଦାଶିବ ପ୍ରହରାଜ)

ରାଜ୍ୟ କ୍ରିକେଟ୍ ସଂଘ ଆନୁକୁଲ୍ୟରେ ଆସନ୍ତା ୨୪ ତାରିଖରୁ କଟକରେ ଆନ୍ତଃ ଜିଲା ୫୦ ଓଭର୍ କ୍ରିକେଟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥି ନିମନ୍ତେ ନବରଙ୍ଗପୁର ଟିମ୍ ବୁଧବାର କଟକ ଗସ୍ତ କରିଛି। ନବରଙ୍ଗପୁର ଦଳ ଅକ୍ଟୋବର ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର, କିଟ୍ ବିଶ୍ୱବିଦ୍ୟାଳୟ, ନୟାଗଡ଼, ମୟୂରଭଞ୍ଜ ଏବଂ ପୁରୀ ସହ ଲିଗ୍ ମ୍ୟାଚ୍ ଖେଳିବ।

ନବରଙ୍ଗପୁର ଜିଲା ଦଳ ଚୟନ କରାଯାଇଛି। ଜିଲା କ୍ରିକେଟ ସଂଘର ସଂପାଦକ ପ୍ରହ୍ଲାଦ ତ୍ରିପାଠୀ ଏକ ୧୫ ଜଣିଆ ଟିମ୍ ଘୋଷଣା କରିଥିଲେ। ଏଥିରେ ଦେବେନ୍ଦ୍ର କୁମାର ରାଉତଙ୍କୁ ଅଧିନାୟକ ଭାବେ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାହିଲ ହରିଜନ, ସାହିଲ୍ କୁଜୁର, ଏସ୍. କେ. ମହମ୍ମଦ, ରଘୁବିର ପଟ୍ଟନାୟକ, ବାପନ୍ ହୀରା, ସ୍ୱାଧୀନ ପଟ୍ଟନାୟକ, ଆଶୁତୋଷ ଗନ୍ତାୟତ, ସନ୍ଦେଶ କୁମାର ସିଂ, ଅଂଶୁମାନ ପଟ୍ଟନାୟକ, ଚନ୍ଦନ ଗଣ୍ଡ, ବିନିତ ଶର୍ମା, ସିଦ୍ଧି ସ୍ୱରୂପ ପାତ୍ର, ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ସୁବ୍ରତ ଗଣ୍ଡ କୋଚ୍ ଏବଂ ମ୍ୟାନେଜରଭାବେ ଶଶାଙ୍କ ଶେଖର ବେହେରା ଦାୟିତ୍ୱ ତୁଲାଇବେ ବୋଲି କ୍ରୀଡା ସଂଘ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲା କ୍ରୀଡ଼ା ସଂଘର ସହ ସମ୍ପାଦକ ଏମ୍. ବାଲାକ୍ରୀଷ୍ଣା ରାଓ, କ୍ରୀଡା ସଂଘ କ୍ରିକେଟ ସମ୍ପାଦକ ଅଶୋକ ନାୟକଙ୍କ ସମେତ ସଂଘର ଅନ୍ୟ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଜିଲାର ପ୍ରାକ୍ତନ ବରିଷ୍ଠ କ୍ରୀଡାବିତ୍‌ମାନେ ଦଳର ସଫଳତା ନିମନ୍ତେ ଶୁଭକାମନା ଜଣାଇଛନ୍ତି।

## ସଂକ୍ଷେପରେ

### ପିତାଙ୍କ ଜମା ଖାତାରେ ଟଙ୍କା ପଠାଇବାକୁ ଅନୁରୋଧ



ଜୟପୁର, ୨୨।୧୦(ପବନ ପାଣିଗ୍ରାହୀ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କ ବାପାଙ୍କ ବ୍ୟାଙ୍କ ଜମା ଖାତାରେ ଟଙ୍କା ପଠାଇବାକୁ ଅନୁରୋଧ କରାଯାଇଛି। ଏନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଜୟପୁର ବ୍ଲକ ଅଧୀନ ଚଢ଼େଇଗୁଡ଼ା ଗ୍ରାମର ପିତୁ ବିଷୋୟୀଙ୍କ ଦିବ୍ୟାଙ୍ଗ ପୁଅ ତାପସ ବିଷୋୟୀଙ୍କ ନାମରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଆସିଛି। ତାପସ ଶତ ପ୍ରତିଶତ ଦିବ୍ୟାଙ୍ଗ। ସେ କଥା କହି ନ ପାରିବା ସହ ଚଲାବୁଲା କରିପାରୁନାହାନ୍ତି। ତାଙ୍କର ଆଖି କିମ୍ବା ଆଙ୍ଗୁଳି ବାୟୋମାଟ୍ରିକ ଠିକ୍ ଭାବେ କାମ କରୁନାହିଁ। ତେଣୁ ଟଙ୍କା ଉଠାଇବାରେ ଅସୁବିଧା ହେଉଛି। ପ୍ରଶାସନ ତାପସଙ୍କ ଟଙ୍କା ତାଙ୍କ ବାପା ପିତୁ ବିଷୋୟୀଙ୍କ ଜମା ଖାତାକୁ ଦେବାକୁ ଅନୁରୋଧ କରାଯାଇଛି। ଏପରି କଲେ ଆବାସ ନିର୍ମାଣ ହେବା ସହ ଦିବ୍ୟାଙ୍ଗ ପୁତ୍ର ମଧ ଭଲରେ ରହିପାରିବେ ବୋଲି ଅନୁରୋଧ କରାଯାଇଛି।

### ପୁଟରା ନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଜୟପୁର,୨୨।୧୦(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ ଏକମ୍ବା ନିକଟସ୍ଥ ପୁଟରା ନଦୀରୁ ପୋଲିସ ବୁଧବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମଙ୍ଗଳବାର ସନ୍ଧ୍ୟାରେ ପୁଟରା ନଦୀରେ ଏକ ମୃତଦେହ ଭାସୁଥିବା ଗାଗନାପୁର ଫାଣ୍ଡିରେ ଗ୍ରାମରକ୍ଷୀ ଭାବେ କାର୍ଯ୍ୟରତ ଧନପୁର ପଞ୍ଚାୟତର ଝିଲିମିଲି ଗୁଡା ଗ୍ରାମର ବିଜୟ କୁମାର ହରିଜନ ଶୁଣିବାକୁ ପାଇଥିଲେ। ଏ ନେଇ ସଦର ଥାନା ପୋଲିସକୁ ଜଣାଇଥିଲେ। ବୁଧବାର ସକାଳେ ସଦର ପୋଲିସ ଓ ଦମକଳ ବାହିନି ନଦୀ ନିକଟରେ ପହଞ୍ଚି ପାଣିରୁ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ଆଣି ରଖିଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମୃତଦେହର ପରିଚୟ ମିଳି ନ ଥିବା ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଦିବ୍ୟାଙ୍ଗ ଚିହ୍ନଟ ନେଇ ତାଲିମ

ଜୟପୁର, ୨୨।୧୦(ପବନ ପାଣିଗ୍ରାହୀ)

ଶୂନରୁ ୬ ବର୍ଷ ମଧ୍ୟରେ ଦିବ୍ୟାଙ୍ଗ ଶିଶୁ ଚିହ୍ନଟ ପାଇ ବୁଧବାର ଏକ ତାଲିମ ଶିବିର କୋରାପୁଟ ଜିଲା ଜୟପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ତାଲିମ ଶିବିରରରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ପାଢୀ, ପୁନମ ସାହୁ, ସସ୍ମିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧୀନରେ ଥିବା ୨୩୧ ଅଙ୍ଗନୱାଡ଼ିଙ୍କୁ କର୍ମି ତାଲିମ ଦିଆଯାଇଥିଲା । ଚିହ୍ନଟ ପରେ ଦିବ୍ୟାଙ୍ଗମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ବିଡିଓ ଶକ୍ତି ମହାପାତ୍ର ସୂଚନା ଦେଇଥିଲେ।

# ବ୍ଲକ, ଶିକ୍ଷା କାର୍ଯ୍ୟାଳୟ ଘେରିଲା ମୂଳ ଅଧିବାସୀ ସଂଘ

କୁନ୍ଦୁରା, ୨୨।୧୦(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ବିଭିନ୍ନ ସମସ୍ୟା ନେଇ ବୁଧବାର ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସଂଘ ସଭାପତି ମହେଶ୍ୱର ପେଣ୍ଟିଆ ଏବଂ ସମ୍ପାଦକ ତ୍ରିନାଥ ସମରଥଙ୍କ ନେତୃତ୍ୱରେ ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆରୁ ବିରାଟ ଶୋଭାଯାତ୍ରା ବାହାରି ଥିଲା। ବିଭିନ୍ନ ସ୍ଲୋଗାନ ଦେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୋଭାଯାତ୍ରା ପହଞ୍ଚି ଥିଲା। ବାଣ୍ଡୁଆଗୁଡ଼ା ପଞ୍ଚାୟତ ଅଧୀନ ଡ଼ିସାରିଗୁଡ଼ାରେ ଥିବା ସହକାରୀ ଶିକ୍ଷକ ତ୍ରିନାଥ ହରିଜନଙ୍କୁ ବୈପାରୀଗୁଡ଼ା ବ୍ଲକ ଟାଙ୍ଗିଣୀଗୁଡ଼ା ବଦଳି କରାଯାଇଛି। ଏହି ବଦଳି ବାତିଲ ସହ ସମ୍ପୃକ୍ତ ଶିକ୍ଷକଙ୍କୁ ପୁନର୍ବାର କୁନ୍ଦୁରାରେ ଅବସ୍ଥାପିତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। କୁନ୍ଦୁରା ବ୍ଲକ ଶିକ୍ଷା ବିଭାଗ ଅଧୀନରେ ରହିଥିବା ବିଦ୍ୟାଳୟଗୁଡିକରେ ଦୀର୍ଘ ବର୍ଷ ଧରି ରହିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟ ବ୍ଲକକୁ ବଦଳି କରିବାକୁ ଦାବି ପତ୍ରରେ ଉଲ୍ଲେଖ ହୋଇଛି। ଏଭଳି ନ ହେଲେ



ଦାବି ଜଣାଇବାକୁ ଆସିଥିବା ଶହୀଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ସଦସ୍ୟମାନେ।

ଆଗାମୀ ଦିନରେ ସପରିବାର ଧାରଣାରେ ବସିବୁ ବୋଲି ସଂଘ ଚେତାବନୀ ଦେଇଛି। ୪ ଦଫା ସମ୍ବଳିତ ଦାବିପତ୍ର ବିଇଓଙ୍କ ଅନୁପସ୍ଥିତରେ ଏବିଇଓ ପପେୟା ବେହେରାଙ୍କୁ ପ୍ରଦାନ କରାଯାଇଛି।

କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ପରେ ପ୍ରଶାସନ ପକ୍ଷରୁ ଗତ ଦିନରେ ଭୋଟିଂ ପ୍ରକ୍ରିୟା କରାଯାଇଥିଲା। କୁନ୍ଦୁରା ବ୍ଲକ ଅଧୀନରେ ୧୬ ପଞ୍ଚାୟତର ୨୮ଜଣ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜାଙ୍କ ବିରୋଧରେ ଭୋଟ ଦେଇଥିଲେ। କୁନ୍ଦୁରା

- ମହିଳାଙ୍କ ପାଇଁ ସଂରକ୍ଷିତ ଅଧ୍ୟକ୍ଷା ପଦବୀରେ ପୁରୁଷ ଉପାଧ୍ୟକ୍ଷଙ୍କୁ ବସାଯାଇଥିବା ଅଭିଯୋଗ
- ଶିକ୍ଷକ ବଦଳି ବାତିଲ ଦାବି

ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦବୀ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଅନାସ୍ଥା ଭୋଟିଂ ପରେ ଏହି ଦାୟିତ୍ୱ ପୁରୁଷ ଉପାଧ୍ୟକ୍ଷଙ୍କୁ ଦେଇ ପ୍ରଶାସନ ଚୁପ ରହିଛି। କିଛି କୁଚକ୍ରୀ ଗୋଷ୍ଠୀ ଜଣେ ଆଦିବାସୀ ମହିଳାଙ୍କୁ ବାହାର କରିଛନ୍ତି। ଉକ୍ତ ଆସନରେ ଆଦିବାସୀ ମହିଳାଙ୍କୁ ଦାୟିତ୍ୱ ପ୍ରଦାନ କରିବା ବଦଳରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାକୁ ପ୍ରଶାସନ ସହମତି ଜଣାଉଛି ତାକୁ ବରଦାସ୍ତ କରାଯିବନି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବିଡିଓ ପି.ମନସ୍ୱିତାଙ୍କ ଅନୁପସ୍ଥିତିରେ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ରମାକାନ୍ତ ନାୟକ ଦାବିପତ୍ର ଗ୍ରହଣ କରିଛନ୍ତି। ଏହି ଅବସରରେ ସଘଂର କାର୍ଯ୍ୟକାରୀ ସଭାପତି ଭଜମନ ସାନ୍ତା, ଉପସଭାପତି ଚନ୍ଦ୍ର ସଗରିଆ, ଦୁର୍ଯ୍ୟୋଧନ ହରିଜନ, ସୁଭଦ୍ରା ଭୂମିଆ, ଧନିରାମ ବାରିକ, ସାଧାରଣ ସମ୍ପାଦକ ଦାମୋଦର ଗଣ୍ଡା, ଘାସି ଭତ୍ରା, ଜଗତ ନାୟକ, ଗୁପ୍ତ ନାୟକ ଏବଂ ପୂର୍ଣ୍ଣ ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଯାତ୍ରୀ ପ୍ରତୀକ୍ଷାଳୟକୁ ପ୍ରଶାସନ ସଜାଡୁନଥିବା ଅଭିଯୋଗ

ସୁନାବେଡ଼ା,୨୨।୧୦(କୃତ୍ତିବାସ ପ୍ରଧାନ)



ଭାଙ୍ଗି ଯାଇଥିବା ଏକ ଯାତ୍ରୀ ପ୍ରତିକ୍ଷାଳୟ।

ଭାଙ୍ଗି ଯାଇଥିବା ଯାତ୍ରୀ ପ୍ରତୀକ୍ଷାଳୟକୁ ସଜାଡୁନି ପ୍ରଶାସନ। ଏମିତି ଦେଖିବାକୁ ମିଳିଛି ସୁନାବେଡାରୁ କୋରାପୁଟ ଅଭିମୁଖେ ଯାଇଥିବା ୨୬ ନଂ ଜାତୀୟ ରାଜପଥ ମିସିଙ୍ଗଗୁଡ଼ା ଛକ ନିକଟ ପ୍ରତୀକ୍ଷାଳୟରେ। ଚଳିତ ବର୍ଷ ଜିଲାର ବିଭିନ୍ନ ଅଞ୍ଚଳରେ ରେକର୍ଡ ସଂଖ୍ୟକ ବର୍ଷା ହୋଇଥିବା ସାଙ୍ଗକୁ ଅନେକ ସମୟରେ ଅଦିନିଆ ଝଡ଼ପବନରେ ଅନେକ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିଲା। ଏହି ପ୍ରତିକ୍ଷାଳୟଟି ଭାଙ୍ଗିବାର ୫ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ। ପ୍ରତୀକ୍ଷାଳୟଟି ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଏହା ଉପରେ ଏଠାକାର ଗାଁ ଲୋକଙ୍କ ସହ ଅନେକ ପଥଚାରୀ ନିର୍ଭର କରିଥାନ୍ତି। ହେଲେ ଭଙ୍ଗା ଆଶ୍ରୟସ୍ଥଳ ପାଇଁ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ମଧ ଅଭିଯୋଗ ହେଉଛି। ଏହାଛଡା ବରଗୁଡ଼ା, ଡୁମୁରିପୁଟ ଓ ମୋହନପଡ଼ାରେ ଥିବା ପ୍ରତୀକ୍ଷାଳୟଗୁଡିକ ମଧ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଯାହା ବ୍ୟବହାର ଯୋଗ୍ୟ ନ ଥିବା ଅଭିଯୋଗ ହୋଇଛି। ପ୍ରତିଦିନ ସେହି ରାସ୍ତା ଦେଇ ବହୁ ପ୍ରଶାସନିକ ଅଧିକାରୀ ଯାଆଆସ କରୁଥିଲେ ମଧ ସେମାନଙ୍କ ନଜରରେ ପଡୁ ନ ଥିବା ପରିତାପର ବିଷୟ ପାଲଟିଛି। ବ୍ଲକ ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ସାଧରଣରେ ଦାବି ହେଉଛି। ଏସମ୍ପର୍କରେ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ଯୋଗାଯୋଗ କରିବାରୁ ଭାଙ୍ଗି ଯାଇଥିବା ବିଶ୍ରାମାଗାର ସଜଡା ଯିବ। ଏଥିସହ ଅନ୍ୟ ପ୍ରତୀକ୍ଷାଳୟଗୁଡ଼ିକୁ ମଧ ସଫାସୁତୁରା କରାଯାଇ ବ୍ୟବହାର ଉପଯୋଗୀ ହେବ ବୋଲି ସେ କହିଛନ୍ତି।

## ୧୦ ଘଣ୍ଟା ପରେ ସାଲୁର ଘାଟିରେ ଗାଡ଼ି ଚଳାଚଳ ସ୍ୱାଭାବିକ



ସାଲୁର ଘାଟିରେ ଅଟକି ରହିଥିବା ଗାଡ଼ି।

ପଟ୍ଟାଙ୍ଗି, ୨୨।୧୦(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୀମାକୁ ଲାଗି ରହିଥିବା ଆନ୍ଧ୍ର ରାଜ୍ୟର ସାଲୁର୍ ଘାଟିରେ ଦୁର୍ଘଟଣା ଗ୍ରସ୍ତ ଟ୍ୟାଙ୍କର ଗାଡ଼ିକୁ ହଟାଯାଇଛି। ଏହାପରେ ଦୀର୍ଘ ୧୦ ଘଣ୍ଟା ଧରି ଅଟକି ରହିଥିବା ସମସ୍ତ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଛି।

ସୂଚନାନୁଯାୟୀ ପଟ୍ଟାଙ୍ଗି ବ୍ଲକ୍ ଦେଇ ଆନ୍ଧ୍ର ରାଜ୍ୟକୁ ସଂଯୋଗ କରିଥିବା ୨୬ ନଂ ଜାତୀୟ ରାଜପଥର ଆନ୍ଧ୍ର ସୀମାନ୍ତ ଭିତରେ ଥିବା ପାସପେଣ୍ଡା ବ୍ଲକ ରୋଡାବାଲସା ଗ୍ରାମ ନିକଟ ତଥା ସାଲୁର୍ ଘାଟିରେ ମଙ୍ଗଳବାର ଅପରାହ୍ନରେ ଏକ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣା ସ୍ଥଳ ଦେଇ କୌଣସି ଯାନବାହନ ଚଳାଚଳ ହୋଇ ପାରି ନ ଥିଲା। ଦୀର୍ଘ ୩ ଘଣ୍ଟା କାଳ ଉକ୍ତ ଘାଟି ଜାମ୍ ରହିଥିବା ଖବର ପାଇ ପାସପେଣ୍ଡା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ କିଛିଟା ଘୁଞ୍ଚାଇବା ପରେ ଅଟକି ରହିଥିବା ସମସ୍ତ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ବୁଧବାର ପୁଣି ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ହଟାଇବା କାର୍ଯ୍ୟ ଆରମ୍ଭ କରିଥିଲା। ଟ୍ୟାଙ୍କରରେ ଭରି ହୋଇ ରହିଥିବା ଗ୍ୟାସ୍ ଲିକ୍ ଭୟରେ ପୋଲିସ୍‌କୁ ସାଲୁର୍ ଘାଟି ଦୀର୍ଘ ୧୦ ଘଣ୍ଟା କାଳ ବନ୍ଦ କରିବାକୁ ପଡ଼ିଥିଲା। ସାଲୁର୍ ଘାଟି ରାସ୍ତା ଜାମ୍‌କୁ ଦୃଷ୍ଟିରେ ରଖି ଓଡ଼ିଶାର ସୁଙ୍କି ଥାନାଧିକାରୀ ଚତୁର୍ଭୁଜ ନାୟକ ଏବଂ ଅନ୍ୟ ପୋଲିସ୍ କର୍ମଚାରୀ ସ୍ଥିତି ଉପରେ ଦୃଷ୍ଟି ରଖିଥିଲେ।

## ଦିବ୍ୟାଙ୍ଗ ଯତ୍ନକାରୀଙ୍କୁ ସରକାରୀ ସହାୟତା ଦାବି



ଅଧିକାରୀମାନେ ଦାବିପତ୍ର ଗ୍ରହଣ କରୁଛନ୍ତି।

ନନ୍ଦପୁର, ୨୨।୧୦ (ତୁଷାର କାନ୍ତ ମହାନ୍ତି)

ଘରେ ଜଣେ ମାନସିକ ଅସୁସ୍ଥ, ଦିବ୍ୟାଙ୍ଗ ଥିଲେ ତାଙ୍କର ଯତ୍ନ ନେବା ଲାଗି ଏକାଧିକ ବ୍ୟକ୍ତି ନିକିମା ହୁଅନ୍ତି। ତାଙ୍କ ସେବା ଶୁଶ୍ରୁଷାରେ ନିଜକୁ ଉତ୍ସର୍ଗ କରି ଯତ୍ନକାରୀ ନିଜେ କୌଣସି କାମ ଓ ରୋଜଗାର କରିପାରନ୍ତି ନାହିଁ। ତେଣୁ ଦିବ୍ୟାଙ୍ଗମାନଙ୍କ ସହ ସେମାନଙ୍କୁ ମଧ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ଭତ୍ତା, ଆବାସ ଓ ଅନ୍ୟ ସରକାରୀ ଯୋଜନାରେ ସାମିଲ ଦାବି ନେଇ ବୁଧବାର ନନ୍ଦପୁର ବ୍ଲକ ଅଧୀନ ୨୩ ପଞ୍ଚାୟତ ଅଞ୍ଚଳରେ ଥିବା ୩୮୫ ମାନସିକ ଅସୁସ୍ଥ ଓ ହଜାରରୁ ଅଧିକ ଦିବ୍ୟାଙ୍ଗଙ୍କ ଯତ୍ନକାରୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଜିପିଡିଓ ଦିବାକର ପୁରୋହିତ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନାଗରାଜୁ ଆଚାରୀ ଯତ୍ନକାରୀଙ୍କ ଦାବିପତ୍ର ଗ୍ରହଣ କରିଥିଲେ। ବିଡିଓଙ୍କ ସହ ଆଲୋଚନା କରି ଅଭିଯୋଗପତ୍ରର ବିଚାର ଲାଗି ଜିଲା ସାମାଜିକ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିବେ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଯତ୍ନକାରୀ ଶୁକ୍ରୀ ଖରା, ଶୁକୁ ପୂଜାରୀ, କମଳଲୋଚନ ଖିଲ, ରାମ ଖେମୁଣ୍ଡୁ, ଭବାତି କିର୍ଷାନୀ, ମିଥୁଳା ଗାୟଲ, କୁମୁଦିନୀ ଖିଲ ପ୍ରମୁଖଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱେଡର କର୍ମକର୍ତ୍ତା କାଉନସିଲର କଲ୍ୟାଣୀ ଦାସ, କମ୍ୟୁନିଟି ମୋବିଲାଇଜର ଲୋକନାଥ ମୁଦୁଲି, ଦୀନବନ୍ଧୁ ନାୟକ, ଶିବରାମ ଖେମୁଣ୍ଡୁ, ଶାନ୍ତି ସୀସା ଓ ରଞ୍ଜିତା ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାନୀୟ ଜଳ ସମସ୍ୟା ଦୂର ପାଇଁ ଆବର୍ଡାରେ ପହଞ୍ଚିଲା ମରାମତି ଦଳ

### ଧରିତ୍ରୀ ପ୍ରଭାବ

ନନ୍ଦପୁର/ପାଡୁଆ,୨୨।୧୦
(ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତ ଅନ୍ତର୍ଗତ ଆବର୍ଡା ଗ୍ରାମରେ ବସୁଧା ପ୍ରକଳ୍ପର ପାଇପ ଫାଟିଯାଇଥିବାରୁ ୩ ସାହିରେ ପାନୀୟ ଜଳ ପହଞ୍ଚିପାରୁ ନ ଥିଲା। ଫଳରେ ସାହିବାସିନ୍ଦା ଦୀର୍ଘଦିନ ହେବ ପାନୀୟ ଜଳ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସାହିବାସିନ୍ଦା ପଞ୍ଚାୟତ ଓ ବ୍ଲକ୍‌ସ୍ତରୀୟ ଜନ ଶୁଣାଣିରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ୨୦।୧୦।୨୦୨୫ରେ ଧରିତ୍ରୀରେ 'ବସୁଧା ପ୍ରକଳ୍ପର ପାଇପ ଲାଇନ ନଷ୍ଟ, ଆବର୍ଡା ଗ୍ରାମର ୩ ସାହିରେ ପାନୀୟଜଳ ସମସ୍ୟା' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ବୁଧବାର ଜିଲା ପ୍ରଶାସନ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ଦ୍ଦେଶକ୍ରମେ ଏକ ମରାମତି ଦଳ ଆବର୍ଡା ଗ୍ରାମରେ ପହଞ୍ଚି ପ୍ରକଳ୍ପର ସ୍ଥିତି ଓ ଆବଶ୍ୟକ ମରାମତି ସମ୍ପର୍କରେ ଯାଞ୍ଚ କରିଛନ୍ତି। ପ୍ରାଥମିକ ଯାଞ୍ଚ ପରେ ପାନୀୟ ଜଳ ଅପହଞ୍ଚ ଥିବା ୩ସାହିକୁ ବିଛା ଯାଇଥିବା ପାଇପରେ ସ୍ଥାନିତ ୯ଟି ଭଲବ ଖରାପ ହୋଇଯାଇଥିବା ସହ ୨୮ ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଗୁରୁବାରଠାରୁ ସମସ୍ତ ଭାଲବ ବଦଳାଯିବ ଓ ନୂତନ ପାଇପ ବିଛାଇ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇ ୩ ସାହିକୁ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ନନ୍ଦପୁର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ କାହ୍ନୁଚରଣ ସେଠୀ ସୂଚନା ଦେଇଛନ୍ତି। ପାଇପ ମରାମତି ପାଇଁ ଦଳର ଯାଞ୍ଚ ପ୍ରକ୍ରିୟା ଦେଖି ୱାର୍ଡ ସଭ୍ୟ କାମେଶ୍ୱର୍ ଆମିଡି, ଦାମୋଦର ମାଝୀ, ଡମ୍ବା ଦୋରା, ମୁଲା କିର୍ଶାନୀ, ରଇଲା ଜାଲା, ପାନ ଖିଲ, ସମ୍ବାରି ମାଝୀ, ସୁବର୍ଣ୍ଣ କିର୍ଶାନୀ, ସାବିତ୍ରୀ ବାରିକ ପ୍ରମୁଖ ଖୁସିବ୍ୟକ୍ତ କରିଛନ୍ତି।

## ସାଉଥ୍‌କୋ କାର୍ଯ୍ୟାଳୟ ଘେରିଲେ ୪ ପଞ୍ଚାୟତବାସୀ

ବୈପାରୀଗୁଡା,୨୨।୧୦ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚିପାକୁର, କାଠପଡା, ମାଝିଗୁଡା ଓ କୋଲାର ପ୍ରଭୃତି ପଞ୍ଚାୟତରେ ଗତ ୩ ମାସ ହେବ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଅନେକ ସମୟରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେଉଥିବାବେଳେ ଯେଉଁ ସମୟରେ କରେଣ୍ଟ ରହୁଛି ଲୋ ଭୋଲଟେଜ୍ କାରଣରୁ ଲାଇଟ୍ ମଧ ଭଲ ଭାବେ ଜଳୁନାହିଁ । ଏ ନେଇ ପଞ୍ଚାୟତବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ସମାଧାନ ନ କରିବାରୁ ବୁଧବାର ଉପରୋକ୍ତ ୪ ପଞ୍ଚାୟତର ପ୍ରାୟ ୨ ଶହ ହିତିଧିକାରୀ ବୈପାରୀଗୁଡାସ୍ଥିତ



ଅଞ୍ଚଳବାସୀ ବୈପାରୀଗୁଡାସ୍ଥିତ ସାଉଥ୍‌କୋ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ସାଉଥ୍‌କୋ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦୀର୍ଘ ସମୟର ଧରି ଘେରାଉ କରିଥିଲେ । ସମସ୍ୟାର ସମାଧାନ ନ ହେବା ଯାଏ ଏଠାରୁ ହଟିବୁ ନାହିଁ ବୋଲି ଏକ ଅଭିଯୋଗପତ୍ର ମଧ ଦେଇଥିଲେ। ଖୁବଶୀଘ୍ର ସମାସ୍ୟାର ସମାଧାନ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ହଟିଥିଲେ ।

## ବ୍ୟକ୍ତିଗତ ସୁରକ୍ଷା, ନିରାପତ୍ତା ଉପକରଣ ବିତରଣ ଶିବିର



କାର୍ଯ୍ୟକ୍ରମରେ ଜୟପୁର ଉପଜିଲାପାଳଙ୍କ ସହ ମଞ୍ଚାସୀନ ଅତିଥି।

ଜୟପୁର, ୨୨।୧୦(ପବନ ପାଣିଗ୍ରାହୀ)

ବ୍ୟକ୍ତିଗତ ସୁରକ୍ଷା ଓ ନିରାପତ୍ତା ଉପକରଣ ବିତରଣ ଶିବିର ବୁଧବାର ଜୟପୁର ଟାଉନ ହଲ୍‌ରେ ପୌରପାଳିକା ପକ୍ଷରୁ ଆୟୋଜିତ ହୋଇଛି। ଜୟପୁର ଉପଜିଲାପାଳ ତଥା ପୌର କାଯ୍ୟନିର୍ବାହୀ ଅଧିକାରୀ ଆକା ବରମ ଶସ୍ୟା ରେଡ୍ଡୀ, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ପୌର କାଯ୍ୟ ନିର୍ବାହୀ ଅଧିକାରୀ ପୁଜା ରାଉତଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ। ଜୟପୁର ପୌରାଞ୍ଚଳରେ କାଯ୍ୟରତ ସଫେଇ କାଯ୍ୟ କରୁଥିବା କର୍ମଚାରୀଙ୍କୁ ବ୍ୟକ୍ତିଗତ ସୁରକ୍ଷା ଓ ନିରାପତ୍ତା ଉପକରଣ ବିତରଣ କରାଯାଇଥିଲା।

## ବଡ଼ଓଝେଇରେ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଜୟପୁର, ୨୨।୧୦(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ କୁନ୍ତରଖାଲ ସାଧନ କେନ୍ଦ୍ର ବଡ଼ ଓଝେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ବୁଧବାର ଉଦ୍‌ଯାପିତ ହୋଇଯାଇଛି। କୁନ୍ତରଖାଲ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ରୁଦ୍ର ପ୍ରସନ୍ନ ପାଣିଗ୍ରାହୀଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କୁନ୍ତରଖାଲ ଗୋଷ୍ଠୀ ସାଧନ କେନ୍ଦ୍ରର ସମସ୍ତ ୧୬ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ସମୀକ୍ଷକ ରଞ୍ଜନ କୁମାର ରଥ ମୁଖ୍ୟ ଅତିଥି, ଜୟପୁର ବିଇଓ ଚନ୍ଦନ କୁମାର ନାୟକ, ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ସଭାପତି ଶଶୀଭୂଷଣ ଦାଶ, ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାଢ଼ୀ, ଏବିଇଓ କେ.ଗୋପାଳ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ଗାଦବା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସୁରେନ୍ଦ୍ର ପଟ୍ଟନାୟକ, ପି. ହରିଶ୍ଚନ୍ଦ୍ର ରାଓ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ସନ୍ତୋଷ କୁମାର ଦାଶ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବଡ଼ଓଝେଇ ସ୍କୁଲ ପ୍ରଧାନଶିକ୍ଷକ ଦେବୀପ୍ରସାଦ ଦାଶ ଓ କୁନ୍ତରଖାଲ ସରପଞ୍ଚ ସରସ୍ୱତୀ ମାଝୀ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




ଅତିଥିଙ୍କ ସହ ପ୍ରତିଯୋଗୀମାନେ।

## ବେସରକାରୀ ଜମିରେ କଲ୍‌ଭର୍ଟ ନିର୍ମାଣ ନେଇ ବିବାଦ

ନନ୍ଦପୁର, ୨୨।୧୦ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ପଞ୍ଚାୟତରେ ବେସରକାରୀ ଜମିରେ ଏକ କଲଭର୍ଟ ନିର୍ମାଣକୁ ନେଇ ବିବାଦ ଉପୁଜିଛି। ପ୍ରକଳ୍ପ ଖାତା ନଂ ୧୨୩ ପ୍ଲଟ ନଂ ୮୪୨ରେ ଥିବା ଜମିରେ କଲଭର୍ଟ ନିର୍ମାଣ ହୋଇଛି। ଏହି ନିର୍ମାଣ ସମ୍ପର୍କରେ ଜାଣି ନ ଥିବା କହି ଜମି ମାଲିକ ନିର୍ମାଣ କାର୍ଯ୍ୟକୁ ବିରୋଧ କରି ନିର୍ମାଣକାରୀ ସଂସ୍ଥା ତଥା ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣା ନନ୍ଦପୁର ସଦର ପଞ୍ଚାୟତ ତଳ ସାରିଆପୁଟ ଗ୍ରାମରୁ ଆସିଛି। ବ୍ଲକ ପ୍ରଶାସନ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ସମୟରେ ଜମି ଚିହ୍ନଟ ପ୍ରକ୍ରିୟାରେ ଢିଲାପଣ ଅବଲମ୍ବନ କରୁଥିବା ନେଇ ଅଭିଯୋଗ ହେଉଛି।

ସୂଚନା ମୁତାବକ ନନ୍ଦପୁର ପଞ୍ଚାୟତ ସାରିଆପୁଟ ଗ୍ରାମକୁ ରାସ୍ତା ନ ଥିବାରୁ ଚିତଲପୁଟ ଗ୍ରାମ ପଟୁ ସଂଯୋଗ କରି ରାସ୍ତା ନିର୍ମାଣ ନେଇ ବାରମ୍ବାର ଦାବି ହେଉଥିଲା। ପଞ୍ଚାୟତ ଓ ବ୍ଲକ ପ୍ରଶାସନ ରାସ୍ତା ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଥିଲେ। ବ୍ଲକ ପ୍ରଶାସନ ବିପିଡିପି ପାଣ୍ଠିର ୩ ଲକ୍ଷ ଟଙ୍କା ବିନିମୟରେ ଏକ କଲ୍‌ଭର୍ଟ ନିର୍ମାଣ କରିବାକୁ ଅଟକଳ ପ୍ରସ୍ତୁତ କରି ଜିଲା ପ୍ରଶାସନର ମଞ୍ଜୁରୀ ଓ ପାଣ୍ଠି ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ। ମଞ୍ଜୁରୀ ମିଳିଲେ ବେସରକାରୀ ଜମି ମାଲିକଙ୍କ ସହ ଆଲୋଚନା କରି କଲଭର୍ଟ ଓ ରାସ୍ତା ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଜମି ମାଲିକଙ୍କ ସହ କୌଣସି ଆଲୋଚନା ନ କରି ଜଣେ ଠିକାଦାର କଲଭର୍ଟ ନିର୍ମାଣ କରିଥିବା ନେଇ ଜମି ମାଲିକ ମଧୁସୂଦନ ଦୋରା ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଯନ୍ତ୍ରୀ ଗୋପାଳ ମିଞ୍ଜ ଓ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରାଙ୍କୁ ପଚାରିବାରୁ ପ୍ରକଳ୍ପ ମଞ୍ଜୁରୀ ପାଇଛି। କିନ୍ତୁ ଅଦ୍ୟାବଧି ପାଣ୍ଠି ମଞ୍ଜୁରୀ ହୋଇନଥିବାରୁ ପ୍ରକଳ୍ପର ଲେ-ଆଉଟ ଦେଇ ନ ଥିବା ସେମାନେ କହିଛନ୍ତି। ତେବେ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଜାଣତରେ କଲଭର୍ଟ ନିର୍ମାଣ କିଭଳି ହେଲା ବୋଲି ଜମି ମାଲିକ ଓ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଦିନେ ଦୁଇ ଦିନରେ ବ୍ଲକ ପ୍ରଶାସନ ପକ୍ଷରୁ ନନ୍ଦପୁର ତହସିଲଦାରଙ୍କ ଦ୍ୱାରା ଜମି ଚିହ୍ନଟ ପାଇଁ ଅନୁରୋଧ କରାଯିବ। ଜମି ବିବାଦ ସମାଧାନ ହେଲେ ହିଁ ବ୍ଲକ ତରଫରୁ ଉକ୍ତ କାର୍ଯ୍ୟର ତଦାରଖ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା କହିଛନ୍ତି। ପାଣ୍ଠି ମଞ୍ଜୁରୀ ପରେ ମଧ ବିଲ୍ ପ୍ରଦାନ କରାଯିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

- ନିର୍ମାଣ ସମ୍ପର୍କରେ ଜାଣି ନ ଥିବା ଅଭିଯୋଗ କଲେ ଜମି ମାଲିକ
- ଲେ-ଆଉଟ୍ ଦେଇ ନ ଥିବା କହିଲେ ଯନ୍ତ୍ରୀ



ମଧୁସୂଦନ ଦୋରାଙ୍କ ଜମିରେ ତିଆରି ହୋଇଥିବା କଲ୍‌ଭର୍ଟ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଦେବାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୀମାକୁ ସୁରକ୍ଷା ଦେଉଛି ଓଡ଼ିଶା ଷ୍ଟାର୍ଟଅପ ଆଇଜି ଡ୍ରୋନ୍ସ

**ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)**



ଓଡ଼ିଶାର ଷ୍ଟାର୍ଟଅପ୍ ଆଇଜି ଡ୍ରୋନ୍ସ ନିକଟରେ ହୋଇଥିବା ଅପରେଶନ୍ ସିନ୍ଦୂରରେ ଏକ ରଣନୀତିକ ସହଯୋଗୀ ଭାବେ ଉଭା ହୋଇଥଲା । ଏହି ଟେକ୍ନୋଲୋଜି ନିୟନ୍ତ୍ରଣ ରେଖା ଏବଂ ବାହାରେ ଶତ୍ରୁମାନଙ୍କ ବିରୋଧରେ ଭାରତର ସୀମା ସୁରକ୍ଷା ଅଭିଯାନକୁ ସମର୍ଥନ କରୁଛି। କମ୍ପାନୀର ଉଚ୍ଚ-କ୍ଷମତା ସମ୍ପନ୍ନ ମାନବବିହୀନ ଡ୍ରୋନ ଭାରତୀୟ ସେନା ଦ୍ୱାରା କୌଶଳଗତ ନିରୀକ୍ଷଣ, ଭୂଖଣ୍ଡ ମାନଚିତ୍ର ଏବଂ ଠିକ୍ ଆକ୍ରମଣ ସମର୍ଥନ ଭୂମିକାରେ ନିୟୋଜିତ ହୋଇଛି। ୨୦୧୮ରେ ପ୍ରତିଷ୍ଠିତ ଆଇଜି ଡ୍ରୋନ୍ସ ଉଚ୍ଚ, ଦୁର୍ଗମ ଭୂଖଣ୍ଡ ଏବଂ ଆହ୍ୱାନପୂର୍ଣ୍ଣ ବାୟୁସୀମା କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବେ ପ୍ରସ୍ତୁତ କରାଯାଇଥିବା ଅତ୍ୟାଧୁନିକ ଫାର୍ଷ୍ଟ-ପର୍ସନ୍-ଭ୍ୟୁ (ଏଫପିଭି) ଡ୍ରୋନ୍ସର ଏକ ପୋର୍ଟଫୋଲିଓ ତିଆରି କରିଛି, ଯାହା ସମ୍ପୂର୍ଣ୍ଣ ରୂପେ ଚାଇନା ଉତ୍ପାଦ ମୁକ୍ତ ଅଟେ। ଅପରେଶନ୍ ସିନ୍ଦୁର ସମୟରେ ଏହା ପାକିସ୍ତାନ ଅଧିକୃତ କଶ୍ମୀର ଏବଂ ସଂଲଗ୍ନ ସୀମା ଅଞ୍ଚଳମାନଙ୍କରେ ଏକାଧିକ ଆତଙ୍କବାଦୀ ଭିତ୍ତିଭୂମି ସ୍ଥାନକୁ ଟାର୍ଗେଟ କରିଥିଲା। ଆଇଜି ଡ୍ରୋନ୍ସର ପ୍ଲାଟଫର୍ମଗୁଡ଼ିକ ବାସ୍ତବ ସମୟ ଗୁଇନ୍ଦା ତଥ୍ୟ ସଂଗ୍ରହ, ଦୁର୍ଗମ ଭୂଖଣ୍ଡରେ ଏରିଅଲ ନିରୀକ୍ଷଣ ଏବଂ ଦ୍ରୁତ ଆକ୍ରମଣ ସହଯୋଗ ପାଇଁ ବ୍ୟବହୃତ ହୋଇଥିଲା। ଆଇଜି ଡ୍ରୋନ୍ସ ଭାରତୀୟ ସେନା ସହିତ ଉନ୍ନତ ଏଫପିଭି ଡ୍ରୋନ୍ ସିଷ୍ଟମ୍ ଯୋଗାଣ ପାଇଁ ଏକ ବଡ଼ ଚୁକ୍ତି ହାସଲ କରିଛି, ଯାହା ଭାରତର 'ମେକ ଇନ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ' ପ୍ରତିରକ୍ଷା ପ୍ରଯୁକ୍ତି ଉନ୍ନୟନରେ ଏକ ମାଇଲଷ୍ଟୋନ୍ ଚିହ୍ନିତ କରୁଛି। ଅପରେଶନ୍ ସିନ୍ଦୂର ସମୟରେ ନିୟୋଜିତ ହେବା ଏହା ଦର୍ଶାଉଛି ଯେ ଭାରତ ଏବେ ପାରମ୍ପରିକ ସୀମା ବାହାରେ ଘରୋଇ ଭାବରେ ବିକଶିତ ମାନବବିହୀନ ପ୍ରଣାଳୀ ଉପରେ ନିର୍ଭର କରୁଛି, ଯାହା ବିଦେଶୀ ଡ୍ରୋନ୍ ଉପରେ ନିର୍ଭରଶୀଳତା ହ୍ରାସ କରୁଛି। ଆଇଜି ଡ୍ରୋନ୍ସ ଭଳି ସ୍ୱଦେଶୀ ଡ୍ରୋନ୍ ଶିଳ୍ପ ଏବେ ସୀମା ସୁରକ୍ଷା କାର୍ଯ୍ୟରେ ସିଧାସଳଖ ଭୂମିକା ଗ୍ରହଣ କରୁଛି – କେବଳ ନିରୀକ୍ଷଣ କିମ୍ବା ଭିତ୍ତିଭୂମି ତଦାରଖରେ ନୁହେଁ, ବରଂ ସକ୍ରିୟ କାର୍ଯ୍ୟକ୍ଷମ ପ୍ରସଙ୍ଗରେ ମଧ୍ୟ ଯାହାର ବାସ୍ତବ କୌଶଳଗତ ପ୍ରଭାବ ରହିଛି। ଆଇଜି ଡ୍ରୋନ୍ସ ଭଳି ଘରୋଇ ଉଦ୍ଭାବକ ଦ୍ୱାରା ବିକଶିତ ଉନ୍ନତ ଡ୍ରୋନ୍ ସିଷ୍ଟମର ନିୟୋଜନ ଭାରତର ସୀମା-ସୁରକ୍ଷା ସ୍ଥାପତ୍ୟର ପ୍ରକୃତିରେ ଏକ ପରିବର୍ତ୍ତନର ସଙ୍କେତ ଦେଉଛି। କେବଳ ପାରମ୍ପରିକ ମାନବଯୁକ୍ତ ପାଟ୍ରୋଲ୍, ସ୍ଥିର-ଉଇଙ୍ଗ ବିମାନ ଏବଂ ଆମଦାନୀ ହୋଇଥିବା ମାନବବିହୀନ ସିଷ୍ଟମ ଉପରେ ନିର୍ଭର କରିବା ପରିବର୍ତ୍ତେ, ଭାରତୀୟ ସେନା ଏବେ ଆହ୍ୱାନପୂର୍ଣ୍ଣ ଭୂଭାଗ, ଉଚ୍ଚ ଏବଂ ୨୪ ଘଣ୍ଟିଆ କାର୍ଯ୍ୟ ପାଇଁ ପ୍ରସ୍ତୁତ ଦ୍ରୁତ, ମଡ୍ୟୁଲାର୍ ଡ୍ରୋନ୍ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି।

# ୫ ମାସରେ ୯୭,୦୭୯ କୋଟିର ଗୋଲ୍ଡ ଲୋନ

**ଭୁବନେଶ୍ୱର,୨୨।୧୦**

ଭାରତୀୟମାନେ ସୁନାକୁ ସୁରକ୍ଷିତ ନିବେଶ ଭାବେ ଦେଖନ୍ତି। ସୁନା କିଣିବା ସହ ଏହାକୁ ବନ୍ଧକ ରଖି ଲୋନ ନେବା ଲୋକଙ୍କ ସଂଖ୍ୟା ବଢ଼ିଛି। ଆରବିଆଇ ଅନୁସାରେ, ଗତ ୫ ମାସରେ ଭାରତୀୟମାନେ ୯୭,୦୭୯ କୋଟି ଟଙ୍କାର ଗୋଲ୍ଡ ଲୋନ ନେଇଛନ୍ତି। ଅଗଷ୍ଟ ୨୦୨୫ରେ ଗୋଲ୍ଡ ଲୋନ ୧୧୭.୮% ବଢ଼ିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ୨,୦୮,୭୩୫ କୋଟି ଟଙ୍କାର ଗୋଲ୍ଡ ଲୋନ ଦିଆଯାଇଥିଲା। ଜୁଲାଇରେ ଏହା ୨,୯୪,୧୬୬ କୋଟି ହୋଇଛି। ୪ ମାସରେ ୮୫ ହଜାର କୋଟି ଟଙ୍କାର ଲୋନ ବଢ଼ିଛି। ଅଗଷ୍ଟରେ ୧୨ ହଜାର କୋଟି ଟଙ୍କାର ଲୋନ ନିଆଯାଇଛି। ବ୍ୟାଙ୍କ ଓ ଅଣ-ବ୍ୟାଙ୍କ ଅର୍ଥ ସଂସ୍ଥା ସୁନାର ୮୫% ମୂଲ୍ୟରେ ସହଜ ଲୋନ ଦେଉଛନ୍ତି, ଯାହା ଅନ୍ୟ ଲୋନ ତୁଳନାରେ ଶସ୍ତା।


# ବିକ୍ରି କ୍ଷେତ୍ରରେ ପ୍ରଥମ ସ୍ଥାନରେ ଟାଟା ନେକ୍ସନ

**ଭୁବନେଶ୍ୱର,୨୨।୧୦**

ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ଭାରତର ଅନ୍ୟତମ ଅଟୋମୋବାଇଲ ନିର୍ମାତା ଆଡଭାନ୍ସଡ ଡ୍ରାଇଭରଆସିଷ୍ଟାଣ୍ଟ ସିଷ୍ଟମ (ଆଡାସ୍)କୁ ଏହାର ନେକ୍ସନ ଲାଇନଅପରେ ଅନ୍ତର୍ଭୁକ୍ତ କରିବାକୁ ଘୋଷଣା କରିଛି। ଭାରତରେ ନିରାପତ୍ତା ବିପ୍ଳବକୁ ଆଗେଇ ନେଇ ନେକ୍ସନ ଦେଶର ପ୍ରଥମ କାର ଭାବେ ବିବେଚିତ ହୋଇଛି। ୫ ତାରକା ସୁରକ୍ଷା ମୂଲ୍ୟାୟନ ଗ୍ରହଣ କରାଯାଇଥିଲା ଏବଂ ଉଭୟ ଜିଏନସିଏପି ଏବଂ ବିଏନସିଏପିର ଦ୍ୱୈତ-ତାରକା ମୂଲ୍ୟାୟନ ସହିତ ଏକମାତ୍ର ଏସୟୁଭି ଭାବରେ ଏହାର ଦୃଢ଼ତା ବଜାୟ ରଖିଛି। ଆଡାସ୍ ବୈଶିଷ୍ଟ୍ୟଗୁଡିକର ଯୋଗ ସହିତ ସ୍ୱୟଂଶାସିତ ଜରୁରିକାଳୀନ ବ୍ରେକିଂ, ଫରୱାର୍ଡ ଧକ୍କା ଚେତାବନୀ, ଲେନ କିପ ଆସିଷ୍ଟ, ଟ୍ରାଫିକ ସାଇନ ସ୍ୱୀକୃତ ସହିତ ନେକ୍ସନ ବର୍ତ୍ତମାନ ଏକ ଉଚ୍ଚ ସ୍ତରର ସୁରକ୍ଷା ପ୍ରଦାନ କରୁଛି। ସେପ୍ଟେମ୍ବରରେ କାର ବିକ୍ରି ତଥ୍ୟ ଅନୁସାରେ ନେକ୍ସନ ଭାରତରେ ପ୍ରଥମ ସ୍ଥାନରେ ସ୍ଥାନିତ ହୋଇଛି, ଯାହା ବ୍ରାଣ୍ଡ ପାଇଁ ଆଉ ଏକ ସଫଳତା ବୋଲି କୁହାଯାଉଛି। ଏହି ସଫଳତାକୁ ପାଳନ କରିବା ପାଇଁ ଟାଟା ମୋଟର୍ସ ପେଟ୍ରୋଲ, ଡିଜେଲ ଏବଂ ସିଏନଜି ପାୱାରଟ୍ରେନ୍ରେ ଉପଲବ୍ଧ ଥିବା ରେଡ # ଡାର୍କ ସଂସ୍କରଣକୁ ମଧ୍ୟ ୧୨.୪୪ ଲକ୍ଷରୁ ଆରମ୍ଭ କରିଛି। ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡ ମୁଖ୍ୟ ବାଣିଜ୍ୟ ଅଧିକାରୀ ବିବେକ ଶ୍ରୀବାଟା କହିଛନ୍ତି ଯେ, ୨୦୧୭ ରେ ଡେବ୍ୟୁ ହେବା ପରଠାରୁ ନେକ୍ସନ ଏହାର ବୋଲ୍ଡ ଡିଜାଇନ, ରୋମାଞ୍ଚକର ପ୍ରଦର୍ଶନ କ୍ଷେତ୍ରରେ ଭାରତର ପ୍ରଥମ କାର ଅଟେ। ସେପ୍ଟେମ୍ବର ୨୦୨୫ ରେ ନେକ୍ସନ ଭାରତରେ ଏକ ନମ୍ବର ବିକ୍ରୟ କାର ହୋଇପାରିଛି।

# ଦୁର୍ଗମ ଅଞ୍ଚଳ ଗୁରେଜରେ ଜିଓ ଟାୱାର

**ଭୁବନେଶ୍ୱର,୨୨।୧୦**



ରିଲାଏନ୍ସ ଜିଓ କଶ୍ମୀରର ବାନ୍ଦିପୋରାରେ ଗୁରେଜର ଦୁର୍ଗମ ଅଞ୍ଚଳରେ ଏହାର ସେବା ଆରମ୍ଭ କରିଛି। ରିଲାଏନ୍ସ ଜିଓ ଏବଂ ଭାରତୀୟ ସେନା ମିଳିତ ଭାବରେ ପାଞ୍ଚଟି ନୂତନ ଟାୱାର ସ୍ଥାପନ କରିଛନ୍ତି। କୁପୱାରା ସେଣ୍ଟିନେଲ୍ସ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟରେ ଏହା ଘୋଷଣା କରିଛି। ଏହି ଟାୱାରଗୁଡ଼ିକ ହାରାହାରି ୧୩,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଆଗୁଆ ପୋଷ୍ଟଗୁଡ଼ିକୁ ଅତ୍ୟାଧୁନିକ ଯୋଗାଯୋଗ ସଂଯୋଗ ପ୍ରଦାନ କରିବ। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ଅଭିହିତ କରି କୁପୱାରା ସେଣ୍ଟିନେଲ୍ସ ଏହାର ପୋଷ୍ଟରେ କହିଛି, ଭାରତୀୟ ସେନା ଏବଂ ରିଲାଏନ୍ସ ଜିଓ ଗୁରେଜ ଅଞ୍ଚଳରେ ପାଞ୍ଚଟି ନୂତନ ମୋବାଇଲ ଟାୱାର ସ୍ଥାପନ କରିଛନ୍ତି–ଏହି ଅଞ୍ଚଳରେ ଯୋଗାଯୋଗ ଭିତ୍ତିଭୂମିକୁ ଉନ୍ନତ କରିବା ଏବଂ ଡିଜିଟାଲ ସଂଯୋଗୀକରଣକୁ ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ପୂର୍ବରୁ ଜିଓ ୧୬,୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ସିଆଚୀନ୍ ଗ୍ଲେସିୟରରେ ସେବା ପ୍ରଦାନ କରିବାରେ ପ୍ରଥମ ଅପରେଟର ହୋଇଥିଲା। ଜାନୁଆରୀ ୧୫ରେ ସେନା ଦିବସ ପୂର୍ବରୁ, ଜିଓ ସିଆଚୀନ ଗ୍ଲେସିୟସରେ ୪ଜି ଏବଂ ୫ଜି ସେବା ଆରମ୍ଭକରି ଏହି ମାଇଲଖୁଣ୍ଟ ହାସଲ କରିଥିଲା। ଗୁରେଜ ଅଞ୍ଚଳର ଏହି ଟାୱାରଗୁଡ଼ିକ ଘରୋଇ କ୍ଷେତ୍ର ଏବଂ ସେନା ମିଳିତ ଭାବରେ କାମ କରିବାର ଏକ ଉଦାହରଣ। ରିଲାଏନ୍ସ ଜିଓ ଉପକରଣ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଥିବା ବେଳେ ସେନା ଭିତ୍ତିଭୂମି, ଫାଇବର ସୁରକ୍ଷା ଏବଂ ବିଦ୍ୟୁତ୍ ଉପଲବ୍ଧତା ସୁନିଶ୍ଚିତ କରୁଛି। ଜିଓ ଏହାର ସ୍ୱଦେଶୀ ପୂର୍ଣ୍ଣ-ଷ୍ଟାକ୍ ୫ଜି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି। ଏହି ଟାୱାରଗୁଡ଼ିକ ଭାରତୀୟ ସୈନିକମାନଙ୍କୁ ସ୍ଥିର ଯୋଗାଯୋଗ ସଂଯୋଗ ପ୍ରଦାନ କରିବ, ଯାହା ସେମାନଙ୍କୁ ସହଜରେ ସେମାନଙ୍କ ପରିବାର ସହ ଯୋଡ଼ିହେବାରେ ସହାୟକ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଚ୍ୟାଲେଞ୍ଜିଂ ଭୂଖଣ୍ଡ ଏବଂ କଷ୍ଟକର ପରିସ୍ଥିତିରେ ନିୟୋଜିତ ସୈନିକମାନଙ୍କ ପାଇଁ ଯୋଗାଯୋଗ ଭିତ୍ତିଭୂମିକୁ ସୁଦୃଢ଼ କରିବା।

# ଜିନ୍ଦଲ ଫାଉଣ୍ଡେଶନ ପାଳିଲା ସେବା ଦିବସ




**ଭୁବନେଶ୍ୱର,୨୨।୧୦(ଅନୁରାଧା ମହାରଣା)**

ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଏହାର ଅଧକ୍ଷା ଏବଂ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ତଥା ସାମାଜିକ କର୍ମୀ ଶାଲୁ ଜିନ୍ଦଲଙ୍କ ଜନ୍ମଦିନକୁ ଦେଶର ବିଭିନ୍ନ ସ୍ଥାନରେ 'ସେବା ଦିବସ' ଭାବରେ ପାଳନ କରାଯାଇଛି। ଏହି ଅବସରରେ ଫାଉଣ୍ଡେଶନ ଦ୍ୱାରା ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଓଡ଼ିଶାର ଅନୁଗୋଳ, ବଡ଼ବିଲ, କାସିଆ, ଟେନ୍‌ସା ଏବଂ ଭୁବନେଶ୍ୱର, ଛତିଶଗଡ଼ର ରାୟଗଡ଼ା ଏବଂ ତାମନାର, ଝାଡ଼ଖଣ୍ଡର ପାତ୍ରାଟୁ, ଆନ୍ଧ୍ର ପ୍ରଦେଶର ନେଲୋର ଏବଂ ମହାରାଷ୍ଟ୍ରର ଧୂଳେ ଆଦି ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ରାୟଗଡ଼ାର ପରସାଡା ଗ୍ରାମପଞ୍ଚାୟତରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱଚ୍ଛ ଜଳ ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଏକ ପାଣି ପମ୍ପ ସ୍ଥାପନ କରାଯାଇଥିଲା। ମହିଳା ସଶକ୍ତୀକରଣକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଟେନସାରେ ଏକ ମୁଢ଼ି ଉତ୍ପାଦନ କେନ୍ଦ୍ରର ଉଦଘାଟନ କରାଯାଇଥିଲା। ଫାଉଣ୍ଡେଶନ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ଆୟୁର୍ବେଦିକ ଚିକିତ୍ସା ଏବଂ ଫିଜିଓଥେରାପି ସୁବିଧାର ଆୟୋଜନ କରାଯାଇଥିଲା । ସେହିପରି ଯକ୍ଷ୍ମା ରୋଗୀଙ୍କ ସମେତ ଚିକିତ୍ସାଧୀନ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସହାୟତା ପ୍ରଦାନ କରାଯାଇଥିଲା । ଜିନ୍ଦଲ ଷ୍ଟିଲର ସିଏସଆର୍ ଗୋଷ୍ଠୀ ମୁଖ୍ୟ ପ୍ରଶାନ୍ତ ହୋତା ଜିନ୍ଦଲଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଶାଲୁ ଜିନ୍ଦଲ ଜୀଙ୍କ ମାର୍ଗଦର୍ଶନରେ ଜିନ୍ଦଲ ଫାଉଣ୍ଡେଶନ ଅପହଞ୍ଚ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ନିଜ ମିଶନରେ ଅଟଳ ରହିଛି। ଆମର ଟିମ୍ ତାଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ପ୍ରତିଦିନ ଲୋକଙ୍କ ସେବା କରିବା ପାଇଁ ଆଗକୁ ଆଗକୁ ବଢ଼ି ଚାଲିଛନ୍ତି । ତାଙ୍କ ଜନ୍ମଦିନରେ ଅବହେଳିତ ଲୋକଙ୍କ ସେବା ଜାରି ରଖିବା ପାଇଁ ପ୍ରେରଣା ଦିଏ ବୋଲି ପ୍ରଶାନ୍ତ କହିଛନ୍ତି।

# ବିଜିୟୁରେ ବିଜନେସ୍ ଆନାଲିଟିକ୍ସରେ ଏମ୍‌ବିଏ ପାଠ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର,୨୨।୧୦**

ବିର୍ଲା ଗ୍ଲୋବାଲ ୟୁନିଭର୍‌ସିଟି (ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ଏବଂ କେପିଏମ୍‌ଜି ଇଣ୍ଡିଆର ମିଳିତ ସହଯୋଗରେ ଦୁଇବର୍ଷିଆ ଏମ୍‌ବିଏ ଇନ୍ ବିଜନେସ୍ ଆନାଲିଟିକ୍ସ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏହା ଛାତ୍ରୀଛାତ୍ରମାନଙ୍କୁ ଆଧୁନିକ ବ୍ୟବସାୟରେ ନିରନ୍ତର ପରିବର୍ତ୍ତନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଧୁନିକ ବିଶ୍ଳେଷଣାତ୍ମକ କୌଶଳ ଓ ନିଷ୍ପତ୍ତି ନେବା ଦକ୍ଷତାକୁ ବୃଦ୍ଧି କରିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ଶିଳ୍ପ ସମ୍ପର୍କିତ ଉପକରଣ ଓ କେସ୍ ଷ୍ଟଡି ଦ୍ୱାରା ଅଭିଜ୍ଞତା ହାସଲ କରିପାରିବେ। ଏହି ଅବସରରେ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟର ଡିନ୍ ପ୍ରଫେସର ପି. ନାୟକ କହିଛନ୍ତି, ଏହି ପାଠ୍ୟକ୍ରମ ଏକ ଲଞ୍ଚପ୍ୟାଡ୍, ଯାହା ତଥ୍ୟକୁ ନିୟନ୍ତ୍ରଣ କରିବା ସହ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କୁ ସଫଳ ବିଜନେସ୍ ଲିଡର ହେବା ପାଇଁ ପ୍ରୋତ୍ସାହିତ କରିବ। କେପିଏମ୍‌ଜି ଇଣ୍ଡିଆର ଏଜୁକେଶନ ସେକ୍ଟରର ନ୍ୟାଶନାଲ ଲିଡର ତଥା ଅଂଶୀଦାର ନାରାୟଣ ରାମାସ୍ୱାମୀ ଏହି ଅବସରରେ ବିର୍ଲା ଗ୍ଲୋବାଲ ୟୁନିଭର୍‌ସିଟି ସହ ସହଯୋଗିତା କରିଥିବାରୁ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏହି ପଦକ୍ଷେପ ଶିଳ୍ପ ପାଇଁ ପ୍ରସ୍ତୁତ ଛାତ୍ରୀଛାତ୍ରମାନଙ୍କୁ ସୁବିଧା ଯୋଗାଇପାରିବ ବୋଲି ସେ କହିଥିଲେ। ବିଜିୟୁ କୁଳପତି ପ୍ରଫେସର କୁଲଭୂଷଣ ବାଲୁନି (ଆଇଆଇଏମ୍ କୋଝିକୋଡ୍‌ର ପୂର୍ବତନ ପ୍ରଫେସର ତଥା ଆଇଆଇଏମ୍ କାଶୀପୁରର ପୂର୍ବତନ ନିର୍ଦ୍ଦେଶକ) ବିର୍ଲା ଗ୍ଲୋବାଲ ୟୁନିଭର୍‌ସିଟିରେ ଶିକ୍ଷା କେବଳ ଭବିଷ୍ୟତ ପାଇଁ ପ୍ରସ୍ତୁତି ନୁହେଁ, ବରଂ ଏହା ଭବିଷ୍ୟତ ଗଠନର ପ୍ରକ୍ରିୟା ବୋଲି କହିଛନ୍ତି। ଶିକ୍ଷା ଏକ ଅନୁଭବ, ଯାହା ଉତ୍ସୁକତାକୁ ଜାଗ୍ରତ କରେ, ଆକାଂକ୍ଷାକୁ ପୋଷଣ କରେ ଏବଂ କୁଶଳତାକୁ ଉତ୍କର୍ଷତାରେ ପରିଣତ କରିପାରେ ବୋଲି ସେ କହିଥିଲେ।

# ସଙ୍କଟରେ ଭାରତୀୟ ଇସ୍ପାତ ଶିଳ୍ପ

**ଭୁବନେଶ୍ୱର,୨୨।୧୦**

୨୦୨୩-୨୪ ଓ ୨୦୨୪-୨୫ରେ ଭାରତୀୟ ଇସ୍ପାତ ଶିଳ୍ପ ବିଦେଶରୁ ଅଧିକ ଆମଦାନୀ ଓ କମ ଦାମରେ ଇସ୍ପାତ ବିକ୍ରି (ଡମ୍ପିଙ୍ଗ) କାରଣରୁ ବଡ଼ ସମସ୍ୟାର ସାମ୍ନା କରୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଅକ୍ଟୋବର ୨୦୨୪ ବୁଲେଟିନରେ 'ସ୍ଟିଲ ଅଣ୍ଡର୍ ସିଜ' ଲେଖାରେ ଏହା କୁହାଯାଇଛି। ବିଦେଶୀ ଇସ୍ପାତ ଦାମ କମ ଥିବାରୁ ୨୦୨୩-୨୪ରେ ଇସ୍ପାତ ଆମଦାନୀ ୨୨% ବଢ଼ିଛି । ୨୦୨୪-୨୫ର ପ୍ରଥମ ୬ ମାସରେ ଆଯାତ ୧୦.୭% ବଢ଼ିଛି ମାତ୍ର ସରକାରୀ ଟିକସ (ସେକ୍ୟୁରିଟି ଡ୍ୟୁଟି) କାରଣରୁ ଦ୍ୱିତୀୟ ୬ ମାସରେ ଆମଦାନୀ କମିଛି। ଦକ୍ଷିଣ କୋରିଆ (୧୪.୬%), ଚୀନ (୯.୮%), ଆମେରିକା, ଜାପାନ ଓ ବ୍ରିଟେନ ମୁଖ୍ୟ ଆମାଦାନୀକାରୀ ଦେଶ। ୨୦୨୪-୨୫ରେ ଚୀନ, ଜାପାନ, କୋରିଆ, ଇଣ୍ଡୋନେସିଆ ଓ ଭିଏତ୍‌ନାମରୁ ଆମଦାନୀ ବଢ଼ିଛି।

# ସ୍ଥାୟୀ ଶକ୍ତି କେନ୍ଦ୍ର ସ୍ଥାପନ କରିବେ କୋଲ ଇଣ୍ଡିଆ ଓ ଆଇଆଇଟି ମାଡ୍ରାସ

**ଭୁବନେଶ୍ୱର,୨୨।୧୦**



ଦେଶର ବିକଶିତ କୋଲ କମ୍ପାନୀ କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ) ବୁଧବାର ଭାରତୀୟ ପ୍ରଯୁକ୍ତି ସଂସ୍ଥାନ ମାଡ୍ରାସ (ଆଇଆଇଟି ମଦ୍ରାସ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହା ଦ୍ୱାରା ଆଇଆଇଟି ମାଡ୍ରାସାରେ 'ସ୍ଥାୟୀ ଶକ୍ତି କେନ୍ଦ୍ର' ସ୍ଥାପନ ହେବ। ଏହି ଏମଓୟୁରେ ସିଆଇଏଲର ନିର୍ଦ୍ଦେଶକ (ଟେକ୍ନିକାଲ) ଅଚ୍ୟୁତ ଘଟକ ଏବଂ ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି. କାମାକୋଟି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ସିଆଇଏଲ ଅଧ୍ୟକ୍ଷ ପି.ଏମ. ପ୍ରସାଦଙ୍କ ସମେତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କେନ୍ଦ୍ର ସ୍ଥାୟୀ ଶକ୍ତି ପ୍ରଯୁକ୍ତିରେ ନୂତନ ଗବେଷଣା ଓ ବିକାଶ (ଆର୍ ଏଣ୍ଡ ଡି) ଏବଂ କ୍ଷମତା ଗଠନ କାର୍ଯ୍ୟକ୍ରମର ଏକ କେନ୍ଦ୍ରସ୍ଥଳ ଭାବରେ କାର୍ଯ୍ୟ କରିବ। ସିଆଇଏଲର ଅର୍ଥନୈତିକ ସହାୟତା ଦ୍ୱାରା ଚାଳିତ ଏହି କେନ୍ଦ୍ର କମ୍ପାନୀର ରଣନୀତିକ ବିବିଧୀକରଣ ଲକ୍ଷ୍ୟ ସହ ଯୋଡ଼ାଯାଇଛି। ଏହା କୋଲ ଖାଦାନର ପୁନର୍ବ୍ୟବହାର, ନିମ୍ନ-କାର୍ବନ ପ୍ରଯୁକ୍ତି ବିକାଶ ଏବଂ କୋଲ୍‌କୁ ଭାରତର ସ୍ୱଚ୍ଛ ଶକ୍ତି ଭବିଷ୍ୟତରେ ଏକ ମୂଲ୍ୟବାନ ଆଧାର ଭାବେ ପୁନର୍ନିର୍ମାଣ ଉପରେ ଗୁରୁତ୍ୱ ଦେବ। ଏହି ସହଯୋଗିତା ଭାରତରେ ୨୦୭୦ ସୁଦ୍ଧା ନେଟ-ଜିରୋ ଲକ୍ଷ୍ୟ ଅନୁସାରେ ଦେଶର ଶକ୍ତି ପରିବର୍ତ୍ତନରେ ନେତୃତ୍ୱ ପାଇଁ ସ୍ୱଦେଶୀ ଗବେଷଣା, ନବୀନୋତ୍ତର ଏବଂ ପ୍ରଯୁକ୍ତି ବିକାଶ ମାଧ୍ୟମରେ ଏକ ସାଧାରଣ ପ୍ରତିବଦ୍ଧତାକୁ ଦର୍ଶାଉଛି। ସିଆଇଏଲର ଅଧ୍ୟକ୍ଷ ପି.ଏମ. ପ୍ରସାଦ କହିଛନ୍ତି, କୋଲ ଇଣ୍ଡିଆ ଦେଶର ଶକ୍ତି ଯୋଗାନ୍ଦକୁଳକୁ ଛାଡ଼ି ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନର ଏକ ପ୍ରମୁଖ ସୁବିଧାକାରୀ ଭାବେ ପରିଣତ ହେଉଛି। ଏହି ଏମଓୟୁ କୋଲ ଇଣ୍ଡିଆର ସ୍ଥାୟୀ ବୃଦ୍ଧିର ଯାତ୍ରାରେ ଏକ ଐତିହାସିକ ପାଦକ୍ଷେପ। ଆଇଆଇଟି ମାଡ୍ରାସା ସହ ଏହି ସହଯୋଗିତା ମାଧ୍ୟମରେ ଆମେ ଶକ୍ତି ସୁରକ୍ଷା, ଡିକାର୍ବୋନାଇଜେସନ ଏବଂ ସାମାଜିକ-ଆର୍ଥିକ ଅଗ୍ରଗତି ନିଶ୍ଚିତ କରିବା ପାଇଁ ସ୍ୱଦେଶୀ ସମାଧାନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ଭି. କାମାକୋଟି କହିଛନ୍ତି, ଉଦ୍ୟୋଗ-ବିଦ୍ୟାଳୟ ସହଯୋଗିତା ଭାରତର ନିମ୍ନ-କାର୍ବନ ଅର୍ଥନୀତି ଆଡ଼କୁ ପରିବର୍ତ୍ତନରେ ଆଇଆଇଟି ମାଡ୍ରାସର ଯାତ୍ରାର ମୂଳ ସ୍ତମ୍ଭ। କୋଲ ଇଆଇଣ୍ଡିଆ ସହ ଏହି ସହଯୋଗିତା ସଂସ୍ଥାନର ଏହି ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଭାରତର ସ୍ଥାୟୀ ଶକ୍ତି ଭବିଷ୍ୟତକୁ ସମର୍ଥନ କରିବା ପାଇଁ ସ୍କେଲେବଲ ଏବଂ ପ୍ରଭାବଶାଳୀ ସମାଧାନ ବିକଶିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ଏହି କେନ୍ଦ୍ର ମାନବ ସମ୍ପଦ ବିକାଶରେ ମଧ୍ୟ ସହାୟକ ହେବ। ଏହା ପିଏଚଡି ପୋଷ୍ଟ ଡକ୍ଟରାଲ ଏବଂ ଇର୍ଣ୍ଟର୍ନସିପ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ସବୁଜ ଶକ୍ତି ପରିବର୍ତ୍ତନରେ ନେତୃତ୍ୱ ଦେବା ପାଇଁ ନୂତନ ଗବେଷକ ଓ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରିବ ବୋଲି ଆଶା କରାଯାଉଛି।


## Classified Everyday
0674-2580101, 9692975378



REAL ESTATE SALE

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sq.ft, 6,75,000/- ଫ୍ଲଟ୍ ବିକ୍ରିହେବ- 9776974912. D-05




The massage felt totally professional! & comfortable at all times- 7978109255. D-76500

Full body massage by odia therapist in homely atmosphere. 9078618337. D-1336

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

Newly open Jyoti spa positively health benefits (Expert therapist). 8458067955. D-76942

### AFFIDAVIT

By virtue of an affidavit sworn before Executive Magistrate, Rasgovindpur, Mayurbhanj, dated- 09.10.2025, I, Jayanti Soren, wife of Karam Chand Soren, Address Vill.- Parulia, P.O.- Gobara, P.S.- Rasgovindpur, Dist.- Mayurbhanj, Odisha, 757016 declare that I have changed the name of my daughter from PRAGYAN SOREN to PRAGYAN SHREE J.JHARANA SOREN. Henceforth, she shall be known as PRAGYAN SHREE J.JHARANA SOREN for all purposes. D-2340

By virtue of an affidavit sworn before Executive Magistrate, Jagatsinghpur, dated- 17.10.2025, No.2282, I, Sukadeb Swain, At/P.O.- Debidola, P.S.- Naugaon, Dist.- Jagatsinghpur, PIN- 754109 declare that I have changed the name of my son from Satya Prakash Swain to Prabhu Prakash Swain. Henceforth, he shall be known as Prabhu Prakash Swain for all purposes. D- 2341

ଆମ୍ଭେ ଆକାଶ କୁମାର ଦ୍ୱିବେଦୀ, ବୟସ- ୩୭ବର୍ଷ, ପିତା- କୁଲୁ ଦ୍ୱିବେଦୀ, ଗ୍ରାମ- ବଡ଼ହାଟ, ପୋଷ୍ଟ/ ଥାନା/ ଜିଲା- କେନ୍ଦ୍ରାପଡ଼ା, ଓଡ଼ିଶା, ଏତଦ୍ୱାରା ଘୋଷଣା କରୁଅଛିକି ଆମ୍ଭେ ବିଧି ମୁତାବକ ଆମ୍ଭର ଧର୍ମ ପରିବର୍ତ୍ତନ କରି ନୋଟାରି ପବ୍ଲିକ, କେନ୍ଦ୍ରାପଡାଙ୍କ ନିକଟରେ ଗତ ୦୭/୦୨/୨୦୨୫ରେ ସତ୍ୟପାଠ କରି ଆମ୍ଭର ପୁରାତନ ନାମ ମହମ୍ମଦ ତାଜୁଦ୍ଦିନରୁ ଆକାଶ କୁମାର ଦ୍ୱିବେଦୀଙ୍କୁ ପରିବର୍ତନ କରିଅଛୁ । ଆଜିଦିନ ଠାରୁ ସମସ୍ତ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଆମ୍ଭେ ଆକାଶ କୁମାର ଦ୍ୱିବେଦୀ ନାମରେ ପରିଗଣିତ ହେବୁ। ଧ-୨୩୩୯

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏସ୍‌ବିଆଇ ଅଫିସରଙ୍କ ସମବାୟ ସମିତିର ବାର୍ଷିକ ସଭା

**ଭୁବନେଶ୍ୱର,୨୨।୧୦**




ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫିସରମାନଙ୍କ ଦ୍ୱାରା ଗଠିତ ସମବାୟ ସମିତିର ୪୨ତମ ରାଜ୍ୟସ୍ତରୀୟ ବାର୍ଷିକ ସଭା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସଠାରେ ଅରୁଣ କୁମାର ବିଶୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମବାୟ ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଫିସର ସଂଘର ସଭାପତି ଅମିତାଭ ଦାସ କହିଥିଲେ,ଐକ୍ୟବଦ୍ଧତା ଯୋଗେ ସମିତି ତଥା ସଂଘର ଉତ୍ତରୋତ୍ତର ଉନ୍ନତି ସମ୍ପାଦିତ ହୋଇପାରିଛି। ଅରୁଣ କୁମାର ବିଶୋଇ ସଭାପରିଚାଳନା କରିଥିବାବେଳେ ସଂଘର ଭୁବନେଶ୍ୱର ସର୍କଲ ସଭାପତି ଡ. ତପନ କୁମାର ପାଲ ଓ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା ବୈଠକରେ ଉଦବୋଧନ ଦେଇଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।




D-05

# ୧୯ ଜିଲାକୁ ମିଳିବ ଅତିରିକ୍ତ ପୋଷଣଯୁକ୍ତ ଚାଉଳ

## ୩ ମାସ ପାଇଁ ବଣ୍ଟାଯିବ ୧୦.୫୭ ଲକ୍ଷ କ୍ୱିଣ୍ଟାଲ

### ଉପକୃତ ହେବେ ୨.୩୯ କୋଟି ଲୋକ

ଭୁବନେଶ୍ୱର,୨୨।୧୦
(ରବିନାରାୟଣ ଜେନା)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍)ରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ୩ ମାସର ପୋଷଣଯୁକ୍ତ ଚାଉଳ(ଫର୍ଟିଫାଏଡ୍ ରାଇସ୍) ବଣ୍ଟନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେପ୍ଟେମ୍ବରରୁ ନଭେମ୍ବର ତିନିମାସ ପାଇଁ ଅତିରିକ୍ତ ଭାବେ ଏହି ଉଭୟ ଯୋଜନାର ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯିବ। ୧୯ ଜିଲାର ୭୦ ଲକ୍ଷ ୪୭ ହଜାର ୪୧୮ ପରିବାରର ୨ କୋଟି ୩୯ ଲକ୍ଷ ୪୬ ହଜାର ୫୩ ହିତାଧିକାରୀଙ୍କୁ ୧୦ ଲକ୍ଷ ୫୭ ହଜାର ୧୧୨.୭୦ କ୍ୱିଣ୍ଟାଲ ଚାଉଳ ବଣ୍ଟନ କରାଯିବାକୁ ରହିଛି। ଏ ନେଇ ଚଳିତ ଅକ୍ଟୋବର ୧୮ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ସଂପୃକ୍ତ ୧୯ ଜିଲାର ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସ୍ୱତନ୍ତ୍ର ସଚିବ ତାଙ୍କ ପତ୍ରରେ ଜିଲାପାଳମାନଙ୍କୁ ଦର୍ଶାଇଛନ୍ତି ଯେ, ଏନ୍‌ଏଫ୍‌ଏସ୍‌ଏ ଏବଂ ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନରେ ରାଜ୍ୟ ନିଜ ତରଫ(ଷ୍ଟେଟ୍‌ପୁଲ୍)ରୁ ୧୦ ଲକ୍ଷ ୫୭ ହଜାର ୧୧୨.୭୦ କ୍ୱିଣ୍ଟାଲ ପୋଷଣଯୁକ୍ତ ଚାଉଳ ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବଣ୍ଟନ ହେବାକୁଥିବା ଜିଲାଗୁଡ଼ିକ ମଧ୍ୟରେ ଅନୁଗୋଳ, ବାଲେଶ୍ୱର, ବରଗଡ଼, ଭଦ୍ରକ, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ପ୍ରଭୃତି ରହିଛି। ଏହି ଚାଉଳ ସେପ୍ଟେମ୍ବର, ଅକ୍ଟୋବର ଓ ନଭେମ୍ବର ମାସ ପାଇଁ ବଣ୍ଟନ କରାଯିବ।

ସରକାରଙ୍କ ସଂଶୋଧିତ ନିର୍ଦ୍ଦେଶନାମାକୁ ନେଇ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି, ପୋଷଣଯୁକ୍ତ ଚାଉଳ ବଣ୍ଟନର ମାପ ଅନୁସାରେ ପ୍ରତି ପରିବାର ପାଇଁ ମାସକୁ ୫ କିଲୋଗ୍ରାମ୍ ହାରରେ ତିନିମାସ ଲାଗି ପ୍ରଦାନ କରାଯିବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଏହା ମାଗଣାରେ ଯୋଗାଇ ଦିଆଯିବ। ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏସ୍ ଅଧୀନ ଯୋଗ୍ୟ ହିତାଧିକାରୀଙ୍କ ପରିବାରକୁ ହିଁ ଏହି ଚାଉଳ ମିଳିବ। ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ରାଶନ କାର୍ଡ ଅନୁସାରେ ଚାଉଳ ବଣ୍ଟନ ହେବ। ଆବଣ୍ଟିତ ପିଡିଏସ୍ ଷ୍ଟକ୍ କେବଳ ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ହିଁ ବଣ୍ଟନ କରିପାରିବେ।

ତେବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ପ୍ରାୟୋରିଟି ହାଉସ୍‌ହୋଲ୍ଡ(ପିପିଏଚ୍) ପାଇଁ ୯ ଲକ୍ଷ ୧୭ ହଜାର ୩୧୫.୨୫ କ୍ୱିଣ୍ଟାଲ ଚାଉଳ ବଣ୍ଟନ ହେବାକୁ ରହିଥିବାବେଳେ ଅନ୍ତ୍ୟୋଦୟ ଅନ୍ନ ଯୋଜନା(ଏଏଜେ)ରେ ୧ ଲକ୍ଷ ୨୪ ହଜାର ୩୦୩.୯୫ କ୍ୱିଣ୍ଟାଲ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅବଶିଷ୍ଟ ୧୫ ହଜାର ୪୯୩.୫୦ କ୍ୱିଣ୍ଟାଲ ପୋଷଣଯୁକ୍ତ ଚାଉଳ ସଂପୃକ୍ତ ଜିଲାର ହିତାଧିକାରୀଙ୍କୁ ବଣ୍ଟନ କରାଯିବ। ଏଥିମଧ୍ୟରେ ୬୧ ଲକ୍ଷ ୧୫ ହଜାର ୪୩୫ ପରିବାର ଏନ୍‌ଏଫ୍‌ଏସ୍‌ଏ ଯୋଜନାରେ ରହିଥିବାବେଳେ ୨ କୋଟି ୧୨ ଲକ୍ଷ ୯୨ ହଜାର ୪୭୭ ଜଣ ଉପକୃତ ହେବେ। ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୮ ଲକ୍ଷ ୨୮ ହଜାର ୬୯୩ ପରିବାରର ୨୪ ଲକ୍ଷ ୪୩ ହଜାର ୧୬୩ ଜଣ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୩ ହଜାର ୨୯୦ ପରିବାରର ୨ ଲକ୍ଷ ୧୦ ହଜାର ୪୧୩ ଜଣ ଉପକୃତ ହେବେ ବୋଲି ଜଣାଯାଇଛି।

ସ୍ୱତନ୍ତ୍ର ସଚିବ ସମସ୍ତ ଏସିଏସ୍‌ଓ, ଆଇଏସ୍‌ଏସ୍ ଏବଂ ଏମ୍‌ଆଇଏସ୍‌ମାନଙ୍କୁ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ବଣ୍ଟନ ସମ୍ବନ୍ଧିତ ତଥ୍ୟ ସମୟ ଭିତରେ ଇ-ପିଓଏସ୍‌କୁ ସର୍ଭର ସହ ଲିଙ୍କ୍ କରିବା ଆବଶ୍ୟକ। ଯାହାଦ୍ୱାରା ଏଫ୍‌ପିଏସ୍‌ରେ ଥିବା ଚାଉଳର ପ୍ରକୃତ ଷ୍ଟକ୍ ସମ୍ପର୍କରେ ଜଣାଯାଇପାରିବ। ଏହାସହିତ ଚାଉଳର ସୁବଣ୍ଟନ ଦିଗରେ ନିର୍ଦ୍ଦେଶନାମାକୁ ଠିକ୍‌ଭାବେ ପାଳନ କରିବାକୁ ସେ ଦର୍ଶାଇଛନ୍ତି।

# ପାଇକା ନଦୀରେ ବୁଡ଼ି ୨ ନାବାଳକ ମୃତ, ଜଣେ ନିଖୋଜ


ସୌରଭ


ଅମନଜିତ


ଶିଶିର

ରଘୁନାଥପୁର/ତିର୍ତ୍ତୋଲ,୨୨।୧୦
(ରାଜେନ୍ଦ୍ର ନାରାୟଣ ସିଂହ/ ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ୍ କୃଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ପାଇକାକୂଳ ଗ୍ରାମର ୩ ନାବାଳକ ଗାଧୋଇବାକୁ ଯାଇ ପାଇକା ନଦୀରେ ବୁଧବାର ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ମିଳିଥିବାବେଳେ ଜଣେ ନିଖୋଜ ଥିବା ଆଇଆଇସି ସୁବ୍ରତ କୁମାର ଦାସ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୩/୨୫) ରୁଜୁ ହୋଇଛି। ମୃତ ନାବାଳକ ୨ ଜଣ ହେଲେ ସ୍ଥାନୀୟ ଗ୍ରାମର ନରହରି ବେହେରାଙ୍କ ପୁଅ ଶିଶିର ଓ ଧୀରେନ୍ ମଲ୍ଲିକଙ୍କ ପୁଅ ସୌରଭ। ନିଖୋଜ ଥିବା ନାବାଳକ ଜଣଙ୍କ ହେଲେ ଅକ୍ଷୟ କୁମାର ମଲ୍ଲିକଙ୍କ ପୁଅ ଅମନଜିତ। ଶିଶିର ଓ ଅମନଜିତ ସ୍ଥାନୀୟ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପାଠ ପଢୁଥିବାବେଳେ ସୌରଭ ଯୁକ୍ତ ୨ ର ଛାତ୍ର ଅଟନ୍ତି।

ପୂର୍ବାହ୍ନରେ ସାଙ୍ଗସାଥୀ ମେଳରେ ୫ ଜଣ ପିଲା ପାଇକା ନଦୀକୁ ଗାଧେଇବାକୁ ଯାଇଥିଲେ। ସେମାନେ ଜାଣିପାରି ନ ଥିଲି ନଦୀରୁ ବାଲି ଖୋଳାଯିବା ଦ୍ୱାରା ବିରାଟ ଗର୍ତ୍ତମାନ ସୃଷ୍ଟି ହୋଇ ପାଣି ଭର୍ତ୍ତି ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଖାଲରେ ପଡ଼ି ବୁଡ଼ିଯାଉଥିଲେ। ଅନ୍ୟ ୨ ସାଙ୍ଗ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଗଭୀର ପାଣିରେ ବୁଡି ଯାଇଥିଲେ। ସେମାନଙ୍କ ସହ ଆସିଥିବା ପିଲାମାନେ ଏ ସମ୍ପର୍କରେ ଖବର ଦେବାରୁ ଗ୍ରାମବାସୀ ଆସି ଖୋଜାଖୋଜି କରିଥିଲେ। ଲିଜ୍ ଏରିଆ ବାହାରୁ ବାଲି ଖୋଳିନେବା ଦ୍ୱାରା ଏପରି ମର୍ମନ୍ତୁଦ ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗକରି ପାଟିତୁଣ୍ଡ କରିଥିଲେ। ଖବରପାଇ ରଘୁନାଥପୁର ଓ ତିର୍ତ୍ତୋଲ ଦମକଳ ବାହିନୀ ଆସି ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରି ୨ ନାବାଳକଙ୍କ ମୃତଦେହ ବାହାର କରିଥିଲେ। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା। ଜଣେ ଏବେ ବି ନିଖୋଜ ଅଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ନମିତା ଖଟୁଆ ଓ ତାଙ୍କ ପ୍ରତିନିଧି ଅଜୟ ଖଟୁଆ ପହଞ୍ଚି ସହଯୋଗ କରିଥିଲେ। ଉକ୍ତ ଦୁଃଖଦପୂର୍ଣ୍ଣ ଘଟଣାକୁ ନେଇ ଗ୍ରାମରେ ଶୋକାତୁର ପରିବେଶ ସୃଷ୍ଟି ହୋଇଛି।

# ୨୯ରେ ଏନ୍‌ସିବିସି ଅଧ୍ୟକ୍ଷଙ୍କ ଜନଶୁଣାଣି

## ଯୋଡ଼ିହେବେ କେଉଁ ପଛୁଆବର୍ଗ

ଭୁବନେଶ୍ୱର,୨୨।୧୦
(ରବିନାରାୟଣ ଜେନା)

ଆସନ୍ତା ୨୯ ତାରିଖରେ ଜାତୀୟ ପଛୁଆବର୍ଗ ଆୟୋଗ(ଏନ୍‌ସିବିସି) ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଆହିର ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ଅଧ୍ୟକ୍ଷଙ୍କର ଦୁଇଟି ପର୍ଯ୍ୟାୟରେ ସଚିବମାନଙ୍କ ସହ ରାଜ୍ୟ ଅତିଥି ଭବନରେ ବୈଠକ ଅନୁଷ୍ଠିତ ହେବାକୁ ରହିଛି।

୨୯ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ପଛୁଆବର୍ଗ କମିଶନଙ୍କ ସହିତ ପଛୁଆବର୍ଗ ତାଲିକାରେ କେଉଁମାନେ ଯୋଡ଼ିହେବେ ସେନେଇ ଜନଶୁଣାଣି ହେବ। ଏହାପରେ ଅପରାହ୍ନ ୨ଟାରେ ଗୃହ ବିଭାଗ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଶିଳ୍ପ ଓ ଅନ୍ୟାନ୍ୟ ବିଭାଗ ସଚିବଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ କ'ଣସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତା'ର ରିପୋର୍ଟ ପ୍ରସ୍ତୁତ ରଖିବା ଲାଗି ଅଧ୍ୟକ୍ଷଙ୍କ ପକ୍ଷରୁ ବ୍ୟକ୍ତିଗତ ସହାୟକ ରାଜୀବ ଗାନ୍ଧୀ ସଂପୃକ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ, ଅଧ୍ୟକ୍ଷ ହଂସରାଜଙ୍କ ସହିତ ଆୟୋଗର ସଦସ୍ୟ ଭୁବନ ଭୂଷଣ କମଲ ଏବଂ ସଚିବ ମିତା ରାଜୀବ ଲୋଚନ ମଧ୍ୟ ଏହି ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

# ୨ ଦଳ ପ୍ରଚାରରେ 'ଢୋଲକିଆ'

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ପ୍ରଚାର ଅଭିଯାନକୁ ବିଭିନ୍ନ ଦଳୀୟ କର୍ମକର୍ତ୍ତା ଜୋରଦାର କରିବାରେ ଲାଗିଛନ୍ତି। କିଏ ସଭା ସମିତି କରି ଭୋଟ ମାଗୁଛନ୍ତି ତ ଅନ୍ୟ କିଏ ରୋଡ୍ ଶୋ' କରି ଭୋଟରଙ୍କୁ ଆକୃଷ୍ଟ କରୁଛନ୍ତି। ଏପରି ସମୟରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ନାମରେ ଦୁଇ ଦଳର ପ୍ରଚାର ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଉଛି।







ଉଭୟ ଦଳ ପ୍ରଚାରରେ ବ୍ୟବହାର କରିଥିବା ସ୍ୱର୍ଗତ ଢୋଲକିଆଙ୍କ ଫଟୋଚିତ୍ର।

ଜାତୀୟ କଂଗ୍ରେସ ପ୍ରଥମେ ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଘୋଷଣା କରି ପ୍ରଚାର କାର୍ଯ୍ୟ ଜୋରଦାର କରିଛି। ଅନ୍ୟପଟେ ସ୍ୱର୍ଗତ ଢୋଲକିଆ ବିଜୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ବିଧାୟକ ଭାବରେ ବିଜୟୀ ହୋଇଥିବାରୁ ସେହି ଅନୁସାରେ ତାଙ୍କ ପୁଅ ଜୟ ଢୋଲକିଆ ମଧ୍ୟ ବିଜେଡିରୁ ପ୍ରାର୍ଥୀ ହୋଇ ନିର୍ବାଚନ ଲଢିବେ ବୋଲି ସୂଚନା ମିଳିଥିଲା। ହେଲେ ସେ ଭାଜପାରେ ମିଶି ପ୍ରାର୍ଥୀ ହେବା ପରେ ବିଜେଡିର ସବୁ ଅଙ୍କ ଓଲଟପାଲଟ ହୋଇଯାଇଥିଲା। ଜୟ ପ୍ରାର୍ଥୀ ହେବା ପରେ ଢୋଲକିଆଙ୍କ ଅଧିକାଂଶ ସମର୍ଥକ ଭାଜପାରେ ଯୋଗ ଦେଲେ। କିନ୍ତୁ ଭାଜପାରେ ପୂର୍ବରୁ ଥିବା ପୁରୁଖା କାର୍ଯ୍ୟକର୍ତ୍ତା ଜୟଙ୍କୁ ସହଜରେ ଗ୍ରହଣ କରୁ ନ ଥିବା ଦେଖାଯାଉଛି। ଏହାର କାରଣ ସମ୍ପର୍କରେ ଶୁଣିବାକୁ ମିଳୁଛି, ଜୟ ଖରିଆର ରୋଡ୍ ନିଜ ବାସଭବନରେ ଥାଇ ସବୁ କାର୍ଯ୍ୟ କରିବା ସହ ମିଶ୍ରଣ ପର୍ବ କରୁଛନ୍ତି। କିନ୍ତୁ ଭାଜପାର ପୁରୁଖା କର୍ମକର୍ତ୍ତା ଜିଲା କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ କରୁଛନ୍ତି। ସେପଟେ ଉଭୟ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଘୋଷଣା କଲା ପରେ ଅନ୍ୟ ଦଳର ସମର୍ଥକମାନେ ଏହି ଦୁଇ ଦଳକୁ ଢଳିବାରେ ଲାଗିଲେ। ଏହାକୁ ଦେଖି ରାଜନୈତିକ ସମୀକ୍ଷକ ଭାଜପା ଓ କଂଗ୍ରେସ ମଧ୍ୟରେ ଲଢେଇ ହେବ ବୋଲି ମତ ଦେଇଥିଲେ। କିନ୍ତୁ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ଦଳର ହେଭିୱେଟ ନେତା ଆସି ନୂଆପଡ଼ାରେ ଡେରା ପକାଇବା ପରଠାରୁ ରାଜନୀତି ଦୃଶ୍ୟପଟ ବଦଳିଯାଇଛି। ବର୍ତ୍ତମାନ ତ୍ରିମୁଖୀ ଲଢେଇ ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ବର୍ତ୍ତମାନ ଦୁଇ ପ୍ରମୁଖ ଦଳ ଭାଜପା ଓ ବିଜେଡି ସ୍ୱର୍ଗତ ଢୋଲକିଆଙ୍କ ନାମରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜୟ ତାଙ୍କ ବାପାଙ୍କ ନାମ ଧରି ପ୍ରଚାର କରୁଥିବା ବେଳେ ବିଜେଡି ସ୍ୱର୍ଗତ ଢୋଲକିଆ ବିଜେଡିରେ ଥାଇ ଜିଲାର ବିକାଶ କରିଛନ୍ତି ବୋଲି କହୁଛନ୍ତି। ବର୍ତ୍ତମାନ ଉଭୟ ଦଳ ଢୋଲକିଆଙ୍କ ନାମ ନେଉଥିବାରୁ ଭୋଟର ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

# ଆଜିଠାରୁ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ ପାଇଁ ଆବେଦନ

ଭୁବନେଶ୍ୱର,୨୨।୧୦(ସୁଚିସ୍ମିତା ସାହୁ)

ରାଜ୍ୟ ଛାତ୍ରବୃତ୍ତି ପୋର୍ଟାଲକୁ ପୁଣି ଥରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଖୋଲାଯାଉଛି। ଏହି ପୋର୍ଟାଲ ୨୩ ତାରିଖରୁ ନଭେମ୍ବର ୬ ପର୍ଯ୍ୟନ୍ତ ଖୋଲା ରହିବ। ଏହା ମାଧ୍ୟମରେ ଉପଶାସ୍ତ୍ରୀ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ନୂତନ ଭାବେ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନାରେ ଲାପ୍‌ଟପ୍ ପାଇଁ ଆବେଦନ କରିପାରିବେ। ବିଭାଗ ପକ୍ଷରୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବାବଦ ଅର୍ଥ ଡିବିଟି ମାଧ୍ୟମରେ ସେମାନଙ୍କ ଆକାଉଣ୍ଟକୁ ପଠାଯିବ। ତେବେ ୨୦୨୪ ଓ ୨୦୨୫ ଶିକ୍ଷାବର୍ଷ ପାଇଁ ଏହି ଛାତ୍ରବୃତ୍ତି ପାଇଁ ଯୋଗ୍ୟ ଛାତ୍ରୀଛାତ୍ର www.scholarship.odisha.gov.in ମାଧ୍ୟମରେ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନା ଦେଇଛି।

# ଖରିଫ ଲକ୍ଷ୍ୟ ହାସଲ ୯୩% ଛୁଇଁଲା

ଭୁବନେଶ୍ୱର,୨୨।୧୦
(ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ ଲକ୍ଷ୍ୟ ହାସଲ ୯୩% ଛୁଇଁଛି। ୫୪.୩୯ଲକ୍ଷ ହେକ୍ଟରରେ ଧାନ ଓ ଅନ୍ୟାନ୍ୟ ଫସଲ ହୋଇଛି ବୋଲି କୃଷି ବିଭାଗ ସମୀକ୍ଷା ବୈଠକରୁ ଜଣାଯାଇଛି। ବୈଠକର ସୂଚନା ଅନୁଯାୟୀ, ରାଜ୍ୟ ସରକାର ଚଳିତବର୍ଷ ଖରିଫ ୫୮.୫୦ ଲକ୍ଷ ହେକ୍ଟର ଜମିରେ ବିବିଧ ଫସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିମଧ୍ୟରୁ ୫୪.୩୯ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ ହୋଇଛି। ଏଥିମଧ୍ୟରୁ ଧାନ ଫସଲ ୩୫ଲକ୍ଷ ୫୮ହଜାର ୧୬୦ହେକ୍ଟର ଜମିରେ ହୋଇଥିବାବେଳେ ୪ଲକ୍ଷ ୯୫ହଜାର ୭୬୦ହେକ୍ଟରରେ ଡାଲି ଜାତୀୟ ଚାଷ ହୋଇଛି। ସେହିପରି ୨ଲକ୍ଷ ୫୧ହଜାର ୫୦୦ହେକ୍ଟରରେ ମକାଚାଷ ହୋଇଥିବା ବେଳେ ୨ଲକ୍ଷ ୫୦ହଜାର ୫୬୦ହେକ୍ଟରରେ ମାଣ୍ଡିଆ, ୨ଲକ୍ଷ ୩୭ହଜାର ୮୩୦ହେକ୍ଟରରେ କପା, ୧ଲକ୍ଷ ୫୯ହଜାର ୧୫୦ହେକ୍ଟରରେ ତୈଳବୀଜ ଫସଲ ହୋଇଛି। ଏହାବାଦ୍ ୩ଲକ୍ଷ ୭୨ହଜାର ୬୦ହେକ୍ଟରରେ ପନିପରିବା ଚାଷ ହୋଇଛି ବୋଲି ବୈଠକରୁ ଜଣାଯାଇଛି।

ସେହିପରି ଚଳିତବର୍ଷ ୩ଲକ୍ଷ ୩୦ହଜାର ୪୦୫ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ୪ଲକ୍ଷ ୬୯୨ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ଗତବର୍ଷ ଖରିଫରେ ୩ଲକ୍ଷ ୯୨ହଜାର ୧୦୬ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ୮୫୮୬ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ଅଧିକ ଦିଆଯାଇଛି। ରବିଋତୁରେ ଚାଷୀଙ୍କୁ ୧ଲକ୍ଷ ୪୦ହଜାର ୨୫୦ କ୍ୱିଣ୍ଟାଲ ଧାନ ବିହନ ଦେବାକୁ ସରକାର ଲକ୍ଷ୍ୟ ରଖିଥିବା ସମୀକ୍ଷା ବୈଠକରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ଲାଗି ସେପ୍ଟେମ୍ବର ସୁଦ୍ଧା ୨୭ଲକ୍ଷ ୭୨ହଜାର ୪୦୯ଜଣ ଚାଷୀଙ୍କୁ ୨୨ହଜାର ୯୯୦କୋଟି ୪୧ଲକ୍ଷ ଟଙ୍କାର ଶସ୍ୟଋଣ ପ୍ରଦାନ କରାଯାଇଛି। ସେହିପରି ୨୨ଲକ୍ଷ ୬୧ହଜାର ୨୧୮ଜଣ ଚାଷୀ ୧୪ଲକ୍ଷ ୭ହଜାର ୩୫ ହେକ୍ଟର ଚାଷଜମିକୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପାଇଁ ପଞ୍ଜୀକରଣ କରିଛନ୍ତି।

# ମୁଖ୍ୟ ଅଭିଯୁକ୍ତ, ପୂର୍ବତନ ଅଧ୍ୟକ୍ଷଙ୍କ ଜାମିନ ଖାରଜ

## ଫକୀର ମୋହନ କଲେଜ ଛାତ୍ରୀ ଆତ୍ମାହୁତି ମାମଲା

## ଅନ୍ୟ ୨ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ

କଟକ,୨୨।୧୦(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ମାମଲାରେ ଗିରଫ ୪ଜଣଙ୍କ ଜାମିନ ଆବେଦନ ଏକତ୍ର ଶୁଣାଣି କରି ବୁଧବାର ହାଇକୋର୍ଟ ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକ ଓ ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ଅଦାଲତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ତତ୍କାଳୀନ ସହକାରୀ ପ୍ରଫେସର ସମୀର କୁମାର ସାହୁ ଓ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ଉଭୟଙ୍କ ବିରୋଧରେ ଗୁରୁତର ଅଭିଯୋଗ ରହିଛି। ତଦନ୍ତ ଚାଲିଥିବାରୁ ବର୍ତ୍ତମାନ ଜାମିନ ଦିଆଯାଇପାରିବ ନାହିଁ ବୋଲି ଅଦାଲତ ଶୁଣାଣି ବେଳେ ସ୍ପଷ୍ଟ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ଶୁଣାଣି କରି ଚାର୍ଜଶିଟ ଦାଖଲ ହେବା ପରେ ସେମାନେ ସାନି ଜାମିନ ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି।

ସୂଚନା ଯେ, ଏଫ୍‌ଏମ୍ କଲେଜର ଇଣ୍ଟିଗ୍ରେଟେଡ ବିଏଡ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିଲା। ସୌମ୍ୟାଶ୍ରୀ ବିଭିନ୍ନ ଫୋରମରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ସେ କଲେଜ ପରିସରରେ ସର୍ବସମ୍ମୁଖରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ। ବିଭିନ୍ନ ରାଜନୈତିକ ଦଳ, ବିଭିନ୍ନ ସଙ୍ଗଠନ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ପାଇଁ ସ୍ୱର ଉତ୍ତୋଳନ କରାଯାଇଥିଲା। ଗତ ଜୁଲାଇ ୧୨ରେ ପ୍ରଫେସର ସମୀର କୁମାର ସାହୁଙ୍କୁ ସହଦେବଖୁଣ୍ଟା ଥାନା ପୋଲିସ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେଇଥିଲା। କ୍ରାଇମବ୍ରାଞ୍ଚ ସାହୁଙ୍କୁ ରିମାଣ୍ଡରେ ନେଇ ପଚରାଉଚୁରା କରିଥିଲା। ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲାରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଘୋଷ, ଛାତ୍ରନେତା ଶୁଭ୍ର ସମ୍ବିତ ଓ ଜ୍ୟୋତିପ୍ରକାଶଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଗତ ଅଗଷ୍ଟ ୧୮ ଓ ୧୯ରେ ୪ ଅଭିଯୁକ୍ତଙ୍କ ପୃଥକ ନିୟମିତ ଜାମିନ ଆବେଦନକୁ ବାଲେଶ୍ୱର ଦୌରାଜଜ୍ ଅଦାଲତ ଖାରଜ କରିଦେଇଥିଲେ। ଏହାପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଏସ୍‌ଆଇଆର୍ ନେଇ ୨ ଦିନିଆ ସିଇଓ ସମ୍ମିଳନୀ ଆରମ୍ଭ

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ଭାରତ ନିର୍ବାଚନ ଆୟୋଗ(ଇସିଆଇ)ର ୨ ଦିନିଆ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସମ୍ମିଳନୀ ବୁଧବାର ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ମ୍ୟାନେଜମେଣ୍ଟ (ଆଇଆଇଆଇଡିଇଏମ୍) ରେ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ମଧ୍ୟ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ନିର୍ବାଚନ ଆୟୋଗ ଦେଶବ୍ୟାପୀ ବିଶେଷ ସଘନ ସଂଶୋଧନ(ଏସ୍‌ଆଇଆର) ଅଭ୍ୟାସ ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ କାର୍ଯ୍ୟାଳୟର ପ୍ରସ୍ତୁତି ମୂଲ୍ୟାଙ୍କନ କରିଥିଲେ। ଗତ ସେପ୍ଟେମ୍ବର ୧୦ରେ ଅନୁଷ୍ଠିତ ବିଶେଷ ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରସ୍ତୁତି ସମ୍ମିଳନୀ ଅନୁରୂପ ଆୟୋଜନ ହୋଇଛି। ସମ୍ମିଳନୀରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ପୂର୍ବବର୍ତ୍ତୀ ଏସ୍‌ଆଇଆର ଅନୁଯାୟୀ ଭୋଟରଙ୍କ ସଂଖ୍ୟା, ଶେଷ ଏସଆଇଆରର ଯୋଗ୍ୟତା ତାରିଖ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଭୋଟର ତାଲିକା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଛି। ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଶେଷ ଏସ୍‌ଆଇଆର ଅନୁଯାୟୀ ବର୍ତ୍ତମାନର ଭୋଟରମାନଙ୍କୁ ପୂର୍ବ ଭୋଟରଙ୍କ ଅନୁଯାୟୀ ମାନଚିତ୍ରଣ କରିବା ପାଇଁ ପୂର୍ବରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହୋଇଥିବା ଅଗ୍ରଗତିକୁ ଆୟୋଗ ମୂଲ୍ୟାଙ୍କନ କରିଛନ୍ତି। ଆୟୋଗ ଜିଲା ନିର୍ବାଚନ ଅଧିକାରୀ, ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ, ବୁଥ-ସ୍ତରୀୟ ଅଧିକାରୀ ଏବଂ ବୁଥ-ସ୍ତରୀୟ ପ୍ରତିନିଧିମାନଙ୍କର ନିଯୁକ୍ତି ଏବଂ ତାଲିମର ସ୍ଥିତି ମଧ୍ୟ ସମୀକ୍ଷା କରିଛନ୍ତି।



ନୃତ୍ୟାଞ୍ଜଳି ପକ୍ଷରୁ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ୨୦ତମ ବାର୍ଷିକ ନୃତ୍ୟ ମହୋତ୍ସବ 'ଦେବଦାସୀ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)


# ଜିଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବୁ: ବିଜେଡି

ନୂଆପଡ଼ା,୨୨।୧୦ (ମକାରୁ ବେମାଲ)

ବିକାଶର କଥା ନୁହେଁ, ବିକାଶ ପଥେ ଆଗେଇ ଚାଲିବା ଦଳ ହେଉଛି ବିଜେଡି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳ ସଭାପତି ନବୀନ ପଟ୍ଟନାୟକ ନୂଆପଡ଼ାର ବିକାଶ ପାଇଁ ପଶ୍ଚିମ ଓଡ଼ିଶାର ଲଢୁଆ ନାରୀନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମନୋନୀତ କରି ପଠାଇଛନ୍ତି । ଛୁରିଆ ନୂଆପଡା ଉପନିର୍ବାଚନରେ ପ୍ରାର୍ଥିନୀ ହୋଇଛନ୍ତି। ସେ ବିଜୟୀ ହୋଇ ଆସିଲେ ଜିଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ କରିବୁ ବୋଲି ସ୍ଥାନୀୟ ଖୁଣ୍ଟିଆ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ରାଜ୍ୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ଏଡି ଅବସରରେ ସେ ଆହୁରି କହିଛନ୍ତି, ଆମ ଦଳର ପ୍ରାର୍ଥୀଙ୍କୁ ଭାଜପା ହାଇଜାକ କରି ନେଇଗଲା। ଏହା ପରେ ପ୍ରାର୍ଥୀ ଚୟନରେ ବିଳମ୍ବ ନେଇ ଅନେକ ଦଳ ବିଜେଡି ଆତ୍ମସମର୍ପଣ କରି ଦେଲାଣି, ନିର୍ବାଚନୀ ମଇଦାନକୁ ଓହ୍ଲାଇବ ନାହିଁ ବୋଲି କହୁଥିଲେ। ରବିବାର ପ୍ରାର୍ଥିନୀ ଛୁରିଆ ନୂଆପଡାରେ ପହଞ୍ଚି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକତା ଛକଠାରୁ ଶୋଭାଯାତ୍ରାରେ ବାହାରି ଖରିଆର ରୋଡ୍ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ହଜାର ହଜାର ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ଶକ୍ତି ପ୍ରଦର୍ଶନ ଦେଖି ଅନ୍ୟ ଦଳ ମଧ୍ୟରେ ଛନକା ପଶିଯାଇଥିଲା ବୋଲି ମିଶ୍ର କହିଥିଲେ। ପ୍ରାର୍ଥିନୀ ଛୁରିଆ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନୂଆପଡାକୁ ସ୍ୱତନ୍ତ୍ର ଜିଲାର ମାନ୍ୟତା ଦେଇଛନ୍ତି। ୨୪ ବର୍ଷ ଶାସନ କାଳରେ ଜିଲାର ଅନେକ ବିକାଶ ହୋଇଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ବିଧାୟକ ଥିବା ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, କୃଷି, ଜଳସେଚନ, ଗମନାଗମନ ଉପରେ ବିଶେଷ ଧ୍ୟାନ ଦେଉଥିଲେ। ନୂଆପଡା ବାସୀ ବିଜୟ ମାଳା ପିନ୍ଧାଇଲେ ତାଙ୍କର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବି। ଗୁରୁବାର ବଞ୍ଜାରୀ ଦେବୀଙ୍କ ଆଶୀର୍ବାଦ ନେଇ ପ୍ରଚାର କାର୍ଯ୍ୟ ଆରମ୍ଭ କରିବେ। ନବୀନ ସରକାରଙ୍କ ୨୪ ବର୍ଷର ବିକାଶମୂଳକ କାର୍ଯ୍ୟକୁ ନେଇ ଭୋଟ ଭିକ୍ଷା କରିବେ ଓ ନୂଆପଡା ଉପନିର୍ବାଚନରେ ବହୁମତରେ ଦଳ ବିଜୟୀ ହେବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଉପସଭାପତି ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, କ୍ଷମାସିଂ ନିଆଲ, ବିଜୟ ନାଏକ, ମିଡିଆ ପ୍ରଭାରୀ ପ୍ରିୟବ୍ରତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।



'ଶୋଲେ' ଫିଲ୍ମରେ (ବାମରୁ) ଅମିତାଭ, ଧର୍ମେନ୍ଦ୍ର ଏବଂ ଆସ୍‌ରାନି

# ପରିଚୟ ଦେଇଥିଲା 'ଶୋଲେ'

ନିକଟରେ ପରଲୋକଗତ ଗୋବର୍ଦ୍ଧନ ଆସ୍‌ରାନି ଥିଲେ ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ହାସ୍ୟାଭିନେତା। ଅଭିନୟ ଜୀବନର ଆରମ୍ଭରୁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। କିନ୍ତୁ ଅସୀମ ଧୈର୍ଯ୍ୟ ଦେଖାଇ ସେ ନିଜକୁ ଜଣେ ପ୍ରତିଷ୍ଠିତ କମେଡିଆନ୍ ଭାବରେ ପରିଚିତ କରାଇପାରିଥିଲେ। ୧୯୬୬ରେ ସେ 'ହମ୍ କାହାଁ ଜା ରହେ ହେ'ରେ ଜଣେ କଲେଜ ଛାତ୍ର ଭାବରେ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ତା'ପରେ ବେଶ୍ କେତୋଟି ସିନେମାରେ ଅଭିନୟ କରିଥିଲେ ମଧ୍ୟ ୧୯୭୫ରେ ରିଲିଜ ହୋଇଥିବା ବ୍ଲକ୍‌ବଷ୍ଟର 'ଶୋଲେ' ତାଙ୍କର ଭାଗ୍ୟ ବଦଳାଇ ଦେଇଥିଲା କହିଲେ ଭୁଲ୍ ହେବ ନାହିଁ। ଏଥିରେ ଜଣେ ଜେଲର ଭୂମିକାରେ ସେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କର ଏକ ମାନିଆ ସଂଳାପ ଥିଲା। ତାହା ହେଲା– 'ହମ୍ ଅଁଗ୍ରେଜ କି ଜମାନେ କି ଜେଲର ହେ'। ଉକ୍ତ ଚିତ୍ରରେ ତାଙ୍କର ନିଖୁଣ ଅଭିନୟ ବଲିଉଡ୍‌ରେ ତାଙ୍କୁ ଦେଇଥିଲା ଏକ ନୂତନ ପରିଚୟ। ତା'ପରେ ସେ ଗୋଟିଏ ପରେ ଗୋଟିଏ ପାଖାପାଖି ୩୫୦ଟି ସିନେମାରେ ଅଭିନୟ କରିଥିଲେ। ୧୯୭୧ରେ 'ଗୁଡ୍ଡି' ଫିଲ୍ମର ସଫଳତା ପରେ ତାଙ୍କୁ ପଛକୁ ପଛ ୮ଟି ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ସେ କେବଳ ଜଣେ ଅଭିନେତା ନ ଥିଲେ ଜଣେ ନିର୍ଦ୍ଦେଶକ ଭାବରେ ସାଉଁଟିଥିଲେ ଅନେକ ପ୍ରଶଂସା। ତାଙ୍କ ନିର୍ଦ୍ଦେଶିତ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଚଲା ମୁରାରୀ ହିରୋ ବନ୍‌ନେ', 'ସଲାମ ମେମ୍‌ସାହବ', 'ହମ୍ ନେହିଁ ସୁଧରେଙ୍ଗେ' ଏବଂ 'ଉଡାନ୍'।

# ପ୍ରମୋଦଙ୍କ ହ୍ୟାଟ୍ରିକ୍

ଚଳଚ୍ଚିତ୍ର ପ୍ରଯୋଜନା ବ୍ୟତୀତ ତାଙ୍କର ଆଉ ଏକ ନିଶା ରହିଛି। ତାହା ହେଲା ଅଭିନୟ। ତାଙ୍କ ଦ୍ୱାରା ପ୍ରଯୋଜିତ ପ୍ରାୟ ପ୍ରତ୍ୟେକ ସିନେମାରେ ତାଙ୍କୁ ଦେଖିବାକୁ ମିଳିଛି। କାହାଣୀ ସହ ସଂଯୋଗ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ସେ ଅଭିନୟ କରିବା ସହ ତାହାକୁ ବେଶ୍ ସୁଚାରୁ ରୂପେ ତୁଲାଇଥାଆନ୍ତି। ହଁ, ସେ ହେଲେ ଓଲିଉଡ୍‌ର ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ। ଏବେ ସେ ପ୍ରଯୋଜନା କରିଥିବା 'ମଙ୍ଗଳପୁର ଡାଏରୀ'ର ଶୁଟିଂ ଚାଲୁ ରହିଛି। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ମୋହନ ସାହୁ। ଏହି ଫିଲ୍ମରେ ପ୍ରମୋଦ ଜଣେ ପୋଲିସ ଅଫିସର ଭୂମିକାରେ ଦେଖିବାକୁ ମିଳିବେ। ଏଭଳି ଏକ ଚରିତ୍ର ବିଷୟରେ ସେ କହନ୍ତି, ''ଏହି ଫିଲ୍ମର କାହାଣୀରେ ସସ୍‌ପେନ୍ସ, ଥ୍ରୀଲର ଭରି ରହିଛି। ଏଥିରେ ମୁଁ ଜଣେ ଏସ୍‌ପି(ପୋଲିସ ସୁପରିଣ୍ଟେଣ୍ଡେଣ୍ଟ) ଭୂମିକାରେ ଅଭିନୟ କରିଛି। ଏହା ପୂର୍ବରୁ ମୁଁ 'ଦିୱାନା ଦିୱାନୀ'ରେ ପୋଲିସ କମିଶନର ଏବଂ 'ତୁ ମୋ ଗର୍ଲଫ୍ରେଣ୍ଡ'ରେ ଇନ୍‌କମ୍ ଟ୍ୟାକ୍ସ କମିଶନର ଭୂମିକାରେ ଅଭିନୟ କରିସାରିଛି।'' ମହାଦେବ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ଏହା ହେଉଛି ସପ୍ତମ ଚଳଚ୍ଚିତ୍ର। ଏହାର କାହାଣୀ, ଚିତ୍ରନାଟ୍ୟ



ପ୍ରମୋଦ ସ୍ୱାଇଁ

ଏବଂ ସଂଳାପ ରଚନା କରିଛନ୍ତି ଶିବ ଏବଂ ପ୍ରଣବ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ। ଅମ୍ଳାନ କୁମାର, ତୃପ୍ତି ମୀରନ୍ଧିକା, ଚୌଧୁରୀ ଜୟପ୍ରକାଶ ଦାସ, ଅମର ମହାପାତ୍ର, ଉଦୟ ଗୁରୁ,ଶୁଭ୍ରାଂଶୁ ନାୟକ ଏବଂ ରାକ୍ଷୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ୨୫ ବର୍ଷର ହିସାବ ନିକାଶ

କପୁର ଖାନ୍‌ଦାନର ଅନ୍ୟତମ ଦାୟାଦ କରୀନା। ବଲିଉଡ୍‌ରେ ତାଙ୍କର ଯାତ୍ରା ଆରମ୍ଭ ହୋଇଥିଲା ୨୦୦୦ରୁ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ଜେ.ପି. ଦତ୍ତାଙ୍କ 'ରିଫ୍ୟୁଜି'। ବକ୍ସ ଅଫିସରେ ଚଳଚ୍ଚିତ୍ରଟି ଭଲ ବିଜ୍‌ନେସ୍ କରିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମଧ୍ୟ ମିଳିଥିଲା। ଚଳିତବର୍ଷ ହିନ୍ଦୀ ସିନେମାରେ ତାଙ୍କର ୨୫ ବର୍ଷ ପୂରଣ ହୋଇଛି। ଏହା ଭିତରେ ନିଜ ଅଭିନୟ ବଳରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ପ୍ରଥମ ସିନେମା ହିଟ୍ ସାବ୍ୟସ୍ତ ହେବା ପରେ ସେ ପଛକୁ ପଛ 'ମୁଝେ କୁଛ୍ କହନା ହେ' , 'ଅଜ୍‌ନବୀ' ଏବଂ 'କଭି ଖୁସି କଭି ଗମ୍' ପରି ସଫଳ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଆରମ୍ଭରୁ ହିଁ ତାଙ୍କୁ ମିଳିଥିବା ସଫଳତାକୁ ପାଥେୟକରି ସେ ଆଗେଇ ଚାଲିଥିଲେ। ନିଜର ବଲିଉଡ୍ କ୍ୟାରିୟର ବିଷୟରେ କରୀନା କହନ୍ତି, ''ମୋ ଅଭିନୀତ ପ୍ରଥମ ସିନେମାକୁ ଦର୍ଶକେ ଗ୍ରହଣ କରିବା ପରେ ଜଣେ ଅଭିନେତ୍ରୀ ହେବାର ଆଶା ମୋ ମନରେ ଦ୍ୱିଗୁଣିତ ହୋଇଯାଇଥିଲା। ସୌଭାଗ୍ୟବଶତଃ ତା'ପରେ ପଛକୁ ପଛ ମୋତେ ଭଲ ସିନେମାଗୁଡ଼ିଏ ମିଳିଥିଲା ଏବଂ ସେଗୁଡ଼ିକ ଦର୍ଶକାଦୃତ ମଧ୍ୟ ହୋଇଥିଲା। କେତେବେଳେ ୨୫ ବର୍ଷ ବିତିଗଲା ତାହା ଜଣାପଡୁନାହିଁ। ଦର୍ଶକଙ୍କ ଭଲ ପାଇବା ହିଁ ଆଜି ମୋତେ ବଲିଉଡ୍‌ରେ ତିଷ୍ଠି ରହିବାରେ ସାହାଯ୍ୟ କରିଛି।'' 'ଜବ୍ ୱି ମେଟ୍' ଏବଂ 'ଥ୍ରୀ ଇଡିଅଟ୍ସ' ପାଇଁ ତାଙ୍କୁ ୨ଥର ସମ୍ମାନଜନକ ଆଇଫା ଆୱାର୍ଡ ମିଳିଥିଲା। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ସିଙ୍ଘମ୍ ଏଗେନ୍' ୨୦୨୪ରେ ରିଲିଜ ହୋଇଥିଲା। ବର୍ତ୍ତମାନ ସେ 'ଦାୟରା' ଟାଇଟଲ ବିଶିଷ୍ଟ ଏକ ଫିଲ୍ମରେ ଅଭିନୟ କରୁଛନ୍ତି।



କରୀନା

# ଦୃଢ଼ବିଶ୍ୱାସୀ ରଣବୀର

ଗୋଟିଏ ଜିନିଷ ଉପରେ ରଣବୀର କପୁରଙ୍କର ଦୃଢ଼ ବିଶ୍ୱାସ ରହିଛି। ତାହା କ'ଣ ଜାଣନ୍ତି ? ଆଠ (୮)। ଏହି ସଂଖ୍ୟାଟି ହେଉଛି ତାଙ୍କର ଲକି ନମ୍ବର। ଏହା ପଛରେ କିଛି କାରଣ ରହିଛି କି ? ଏ ବିଷୟରେ ରଣବୀର କହନ୍ତି, ''ଏକଦା ମୁଁ ଜଣେ ଜ୍ୟୋତିଷୀଙ୍କ ପାଖକୁ ଯାଇଥିଲି। ମୋ କ୍ୟାରିୟର କିପରି ଆଗକୁ ଆଗେଇବ ସେ ନେଇ ସେ ମୋତେ କେତୋଟି ଟିପ୍ସ ଦେଇଥିଲେ। ତା'ପରେ ମୋ ମନକୁ ଏକ କଥା ଆସିଲା ଆଉ ମୁଁ ତାହାକୁ ଜ୍ୟୋତିଷୀଙ୍କୁ ପଚାରିଥିଲି। ତାଙ୍କୁ ପଚାରିଲି, ମୁଁ ଆଠକୁ ଲକି ନମ୍ବର ଭାବରେ ଗ୍ରହଣ କରିପାରିବି କି ? ସେ ମୋ କଥା ଶୁଣି ହସିଦେଇଥିଲେ। ବାସ୍, ମୁଁ ବୁଝିଗଲି ଯେ ମୁଁ ଯାହା ଭାବୁଛି ତାହା ଠିକ୍। ମୋର ଗାଡ଼ି ନମ୍ବରରେ ଏହି ସଂଖ୍ୟାକୁ ମଧ୍ୟ ରଖିଛି। ତା'ସହ ମୋ ଫୁଟ୍‌ବଲ ଜର୍ସି ନମ୍ବର ମଧ୍ୟ ୮।'' ଆଲିଆ ଭଟ୍ଟଙ୍କୁ ବିବାହ କରିବା ସମୟରେ ସେ ତାଙ୍କୁ ଏକ ଡାଇମଣ୍ଡ ରିଂ ଗିଫ୍ଟ ଦେଇଥିଲେ। ସେଥିରେ ମଧ୍ୟ ଆଠଟି ହୀରା ଖଚିତ ହୋଇଥିଲା। ଅଭିନୟ କରିବା ପୂର୍ବରୁ ରଣବୀର ଜଣେ ସହ-ନିର୍ଦ୍ଦେଶକ ଭାବରେ କାମ କରିଥିଲେ। ସଞ୍ଜୟ ଲୀଲା ଭଁସାଲିଙ୍କ 'ବ୍ଲାକ୍' ଫିଲ୍ମରେ ସେ ଏହି ଦାୟିତ୍ୱ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ପୁଣି ଏପରି ସଂଯୋଗ ଯେ, ସଞ୍ଜୟଙ୍କ ଫିଲ୍ମ 'ସାୱରିୟାଁ'ରେ ରଣବୀର କପୁର ନାୟକ ଭାବରେ ବ୍ରେକ୍ ପାଇଥିଲେ। ଆଉ ଏକ କଥା ଜାଣନ୍ତି ? ନ୍ୟୁୟର୍କରେ ସେ ପଢ଼ିବା ସମୟରେ ପ୍ରାୟ ୩୦୦ଟି କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଥିଲେ।



ରଣବୀର

# ପୁଣି ଥରେ 'କର୍ମ'

ଗତ ବର୍ଷ ଦଶହରାରେ ଓଡ଼ିଆ ସିନେମା 'କର୍ମ' ପ୍ରେକ୍ଷାଳୟରେ ରିଲିଜ ହୋଇ ଦର୍ଶକାଦୃତ ହେବା ପରେ ବର୍ତ୍ତମାନ ଆଗଧାଡ଼ିର ଓଟିଟି ପ୍ଲାଟ୍‌ଫର୍ମ ଆଓ ନେକ୍ସଟରେ ଷ୍ଟ୍ରିମିଂ ହେଉଛି। ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟିର ନାୟକ ଅନୁଭବ ମହାନ୍ତି,



ଅନୁଭବ-ସୂର୍ଯ୍ୟମୟୀ

ସୂର୍ଯ୍ୟମୟୀ ମହାପାତ୍ର, ଚୌଧୁରୀ ଜୟ ପ୍ରକାଶ ଦାସ, ନିଶାନ୍ତ ମଜିଠିଆ ଏବଂ ଉଦିତ ଗୁରୁ ପ୍ରମୁଖ ଏହି ଫିଲ୍ମ ସହ ଡେବ୍ୟୁ କରିଛନ୍ତି। ''ଓଟିଟି ପ୍ଲାଟ୍‌ଫର୍ମଗୁଡିକର ଲୋକପ୍ରିୟତା ବଢ଼ିବାରେ ଲାଗିଛି ଓ ଆଓ ନେକ୍ସଟ୍ ସବୁବେଳେ ଓ ଦର୍ଶକଙ୍କ ମନକୁ ଛୁଇଁଲା ପରି କାହାଣୀ ଓ ବିଷୟବସ୍ତୁ ନିଜ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ଆଣିଥିବାରୁ ସମସ୍ତଙ୍କର ସେ ପ୍ରିୟ ହୋଇପାରିଛି। ଯେଉଁ ଦର୍ଶକମାନେ ଫିଲ୍ମ ସବୁ ହଲ୍‌ରେ ଦେଖିପାରି ନ ଥିଲେ, ସେମାନେ ଏବେ ଆଓ ନେକ୍ସଟ୍‌ରେ ସ୍ୱତନ୍ତ୍ର ଭାବରେ ଏହାକୁ ଦେଖିପାରିବେ ଓ ଆଗକୁ ଆହୁରି ଭଲ ଭଲ ଫିଲ୍ମ ଆମ ଉପଭୋକ୍ତାଙ୍କ ପାଇଁ ଆଣିବା ପାଇଁ ଆଓ ନେକ୍ସଟ୍ ପ୍ରତିବଦ୍ଧ ବୋଲି କହନ୍ତି ଆଓ ନେକ୍ସଟ୍‌ର ପ୍ରତିଷ୍ଠାତା କୌଶିକ ଦାସ।''

# ଭାଗ୍ୟବତୀ ବାଣୀ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଯଶ୍‌ରାଜ ଫିଲ୍ମ ବ୍ୟାନରରେ ବ୍ରେକ୍ ପାଇବା ଏକ ଛୋଟିଆ କଥା ନୁହେଁ। ଏହି ବ୍ୟାନରରେ ପ୍ରସ୍ତୁତ 'ଶୁଦ୍ଧ ଦେଶୀ ରୋମାନ୍ସ (୨୦୧୩)ରୁ ବାଣୀଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ଏହାର ନାୟକ ଭୂମିକାରେ ସୁଶାନ୍ତ ସିଂ ରାଜପୁତ ଅଭିନୟ କରିଥିଲେ। ଆଉ ନିଜର ପ୍ରଥମ ସିନେମାକୁ ନେଇ ଢେର ଆଶା ରଖିଥିଲେ ଏହି ଅଭିନେତ୍ରୀ। ଫିଲ୍ମଟି ସଫଳ ହେବା ସହ ତାଙ୍କୁ ଏଥିପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା। କିନ୍ତୁ ଅଭିନେତ୍ରୀ ହେବା ପୂର୍ବରୁ ସେ ଟୁରିଜମ୍ ଏକ୍‌ଜିକ୍ୟୁଟିଭ ଭାବରେ କେତେକ ବଡ଼ ବଡ଼ ହୋଟେଲରେ କାମ କରିଥିଲେ। ତା'ପରେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ। ଛୋଟ ପରଦା ପାଇଁ ପ୍ରଥମେ କ୍ୟାମେରା ସାମ୍ନା କଲେ। ତା'ପରେ ୨୦୧୩ରୁ ଗତ ୧୨ ବର୍ଷ ଧରି ସେ ବଡ ପରଦାରେ ନିଜର ଆକ୍ଟିଂ ଜାରି ରଖିଛନ୍ତି। ଇନ୍ଦିରା ଗାନ୍ଧୀ ଓପନ ୟୁନିଭର୍ସିଟିରୁ ସେ ଟୁରିଜମ୍ ଏବଂ ହସ୍ପିଟାଲିଟିରେ ଡିଗ୍ରୀ ହାସଲ କରିଛନ୍ତି। ବାଣୀଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ ହୋଇଥିଲା 'ଆହା କଲ୍ୟାନମ୍' ନାମକ ଏକ ତାମିଲ ଫିଲ୍ମରୁ ଯାହା ହିନ୍ଦୀ ଚଳଚ୍ଚିତ୍ର 'ବ୍ୟାଣ୍ଡ ବାଜା ବାରାତ୍'ର ରିମେକ୍ ଥିଲା। ଏବେ ବାଣୀ ଏକ ଯୋଜନା କରୁଛନ୍ତି। ଭାରତର ବିଭିନ୍ନ ଟୁରିଷ୍ଟ ସ୍ପଟ୍‌କୁ ନେଇ ସେ ଏକ ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରିବାକୁ ମନ ବଳାଇଛନ୍ତି। ''ଟୁରିଜମ୍ ଉପରେ ଏକ ଡକ୍ୟୁମେଣ୍ଟାରି ତିଆରି କରିବାକୁ ଯୋଜନା କରୁଛି। ଖୁବ୍ ଶୀଘ୍ର ଏହାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯିବ। ମୋର ଆଶା ଲୋକମାନେ ଏଥିରୁ ଟୁରିଜମ୍ ବିଷୟରେ ଅନେକ କିଛି ଜାଣିପାରିବେ। ମୋତେ ଯେତେବେଳେ ଅବସର ମିଳେ ସେତେବେଳେ ମୁଁ ଭଲ ଭଲ ଦର୍ଶନୀୟ ସ୍ଥାନ ବୁଲିବାକୁ ଯାଇଥାଏ। କେବଳ ସେତିକି ନୁହେଁ, ସେଠାରେ ସେହି ସ୍ଥାନର ଫିଚରଗୁଡ଼ିକୁ ନୋଟ୍ କରିବାକୁ ଭୁଲି ନ ଥାଏ ବୋଲି କହନ୍ତି ବାଣୀ।''



ବାଣୀ

**ଛୋଟ ପରଦା**

# ଜୀ ସାର୍ଥକରେ 'ଅନନ୍ତା'

ଚଳିତ ବର୍ଷ ରଜ ଅବସରରେ ରିଲିଜ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ଅନନ୍ତା'। ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏବଂ ସବ୍ୟସାଚୀ ମିଶ୍ରଙ୍କ ଅଭିନୀତ ଏହି ଫିଲ୍ମ ବେଶ୍ ଦର୍ଶକାଦୃତ ହୋଇଥିଲା। ଆଉ ଦର୍ଶକ ପୁଣି ଥରେ ଏହାକୁ ଦେଖିବାର ସୁଯୋଗ ପାଉଛନ୍ତି। ଓଡ଼ିଶାର ଅନ୍ୟତମ ଆଗଧାଡ଼ିର ଚ୍ୟାନେଲ 'ଜୀ ସାର୍ଥକ'ରେ ଉକ୍ତ ଚିତ୍ର ଚଳିତ ମାସ ୨୬ ତାରିଖ (ରବିବାର)ରେ ପ୍ରସାରିତ ହେବାକୁ ଯାଉଛି। ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ପର୍ବପର୍ବାଣିରେ ଜୀ ସାର୍ଥକର ସମସ୍ତ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଓ ସୁପରହିଟ୍ ଫିଲ୍ମ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଆସିଛି। ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ସୃଷ୍ଟି 'ରାଣ୍ଡୀ ପୁଅ ଅନନ୍ତା'କୁ ଆଧାରକରି ଏହାକୁ ପ୍ରସ୍ତୁତ କରାଯାଇଛି। ଅନନ୍ତାର ନଖରାମି, ମା-ପୁଅ ଭିତରେ ଥିବା ଅନାବିଳ ସ୍ନେହ ଏଥିରେ ଦେଖିବାକୁ ମିଳିବ। ସବ୍ୟସାଚୀଙ୍କ ଟାଇଟଲ ଭୂମିକାରେ ଅଭିନୟ ଏହାର ପ୍ରମୁଖ ଆକର୍ଷଣ ସାଜିବ। ଏହାବ୍ୟତୀତ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ବର୍ତ୍ତମାନର ଆଗଧାଡ଼ିର ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର। ଏମାନଙ୍କ ବ୍ୟତୀତ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ ପଣ୍ଡା, ପୃଥ୍ୱୀରାଜ ନାୟକ ଓ ତାପସ ସରଘରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ଅନ୍ୟତମ ନିର୍ଦ୍ଦେଶକ ଅଛନ୍ତି କୁମାର ସି.ଦେବ ମହାପାତ୍ର । ''ଜୀ ସାର୍ଥକ ସବୁବେଳେ ଓଡ଼ିଆ ଦର୍ଶକଙ୍କ ଚିନ୍ତାଧାରାକୁ ସବୁବେଳେ ଧ୍ୟାନରେ ରଖି ନୂଆ ଓ ଭିନ୍ନ କାହାଣୀ ସହ ଫିଲ୍ମ ସବୁ ଆଣିଥାଏ । ସେହିପରି ଏକ ଫିଲ୍ମ ହେଉଛି 'ଅନନ୍ତା' । ତେବେ ଏହା କେବଳ ଏକ ସାଧାରଣ ଫିଲ୍ମ ନୁହେଁ –ମୌଳିକ କାହାଣୀ ଏବଂ ଗାଁର ନିଛକ ଛବି ଏଥିରେ ପ୍ରତିଫଳିତ ହୋଇଥିବା ବେଳେ ଛୋଟରୁ ବଡ଼ ଦର୍ଶକ ଫିଲ୍ମକୁ ବେଶ୍ ପସନ୍ଦ କରିବେ । ଆମର ସବୁ ଫିଲ୍ମ ପରି ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବା ସହ ଓଡ଼ିଆ ସାହିତ୍ୟକୁ ଆହୁରି ଆଗକୁ ନେବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ରାହୁଲ ରାଓ ।''



'ଅନନ୍ତା' ଫିଲ୍ମରେ ସବ୍ୟସାଚୀ



ନୂଆଦିଲ୍ଲୀର ସାଉଥ୍ ବ୍ଲକଠାରେ ଅନୁଷ୍ଠିତ ଏକ ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଆର୍ମି ଷ୍ଟାଫ୍ ମୁଖ୍ୟ (ସିଓଏଏସ୍) ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ୍ ଥ୍ରୋ ତାରକା ନୀରଜ ଚୋପ୍ରାଙ୍କୁ ସମ୍ମାନଜନକ ଲ୍ୟୁଟନାଣ୍ଟ କଲୋନେଲ ଉପାଧିରେ ସମ୍ମାନିତ କରୁଛନ୍ତି।

# ନୀରଜଙ୍କୁ ଲ୍ୟୁଟନାଣ୍ଟ କଲୋନେଲ ଉପାଧି

ନୂଆଦିଲ୍ଲୀ, ୨୨।୧୦

ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ନୀରଜ ଚୋପ୍ରାଙ୍କୁ ବୁଧବାର ସାଉଥ ବ୍ଲକରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଟେରିଟୋରିଆଲ ଆର୍ମିରେ ସମ୍ମାନଜନକ ଲ୍ୟୁଟନାଣ୍ଟ କଲୋନେଲ ପଦବୀର ଉଜ୍ଜଳ ଚିହ୍ନ ପ୍ରଦାନ କରିଛନ୍ତି। ଏହି ନିଯୁକ୍ତି ସମ୍ପର୍କରେ ଗତ ୧୬ ତାରିଖରେ ପ୍ରକାଶ ପାଇଥିବା 'ଦି ଗେଜେଟ ଅଫ୍ ଇଣ୍ଡିଆ'ରେ ଦର୍ଶାଯାଇଥିଲା।

'ଲ୍ୟୁଟନାଣ୍ଟ କଲୋନେଲ ନୀରଜ ଚୋପ୍ରା ଶୃଙ୍ଖଳା, ନିଷ୍ଠା ଓ ଜାତୀୟ ଗର୍ବର ପ୍ରତୀକ। ସେ କ୍ରୀଡ଼ା ଜଗତ ଭଳି ସଶସ୍ତ୍ର ବାହିନୀରେ ମଧ୍ୟ ନିଜ ସେବା ବଳରେ ପରବର୍ତ୍ତୀ ପିଢ଼ିକୁ ପ୍ରେରଣା ଦେଉଛନ୍ତି' ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଛନ୍ତି। ଏହି ଅବସରରେ ଚିଫ ଅଫ୍ ଦି ଆର୍ମି ଷ୍ଟାଫ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସହ ଭାରତୀୟ ସେନା ଓ ଟେରିଟୋରିଆଲ ଆର୍ମିର ଅନ୍ୟ ସିନିୟର ଅଧିକାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଭାରତୀୟ ସେନାରେ ସାମିଲ ହୋଇଥିବା ଲ୍ୟୁଟନାଣ୍ଟ କଲୋନେଲ ନୀରଜ ଭାରତୀୟ ସେନାର ଦି ରାଜପୁତାନା ରାଇଫଲ୍ସ ସହିତ କର୍ଯ୍ୟ କରୁଛନ୍ତି। ସେ ନାଏବ ସୁବେଦାର ଭାବେ ସାମରିକ ବୃତ୍ତି ଆରମ୍ଭ କରିଥିଲେ। ଆଥଲେଟିକ୍ସରେ ତାଙ୍କର ଉପଲବ୍ଧି ଯୋଗୁ ତାଙ୍କୁ ୨୦୨୧ରେ ସୁବେଦାରକୁ ପଦୋନ୍ନତି କରାଯାଇଥିଲା। ତାଙ୍କର ଉଜ୍ଜ୍ୱଳମୟ କ୍ୟାରିୟରରେ ଅର୍ଜୁନ ସମ୍ମାନ (୨୦୧୮) ଓ ଖେଳ ରତ୍ନ (୨୦୨୧) ସାମିଲ ରହିଛି। ଟୋକିଓ ୨୦୨୦ ଅଲିମ୍ପିକ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିବା ପରେ ତାଙ୍କୁ ୨୦୨୨ରେ ପରମ ବିଶିଷ୍ଟ ସେବା ମେଡାଲରେ ସମ୍ମାନିତ କରାଯାଇଥିଲା। ଏଭଳି ଉପଲବ୍ଧ ଯୋଗୁ ତାଙ୍କୁ ସେହି ବର୍ଷ ସୁବେଦାର ମେଜର ପଦକୁ ପଦୋନ୍ନତି ମିଳିଥିଲା। ସେହି ବର୍ଷ ସେ ପଦ୍ମ ଶ୍ରୀ ସମ୍ମାନ ମଧ୍ୟ ପାଇଥିଲେ, ଯାହାକି ଭାରତର ଚତୁର୍ଥ ସର୍ବାଧିକ ବେସାମରିକ ସମ୍ମାନ।

# ୨୦୨୬ ୱିଣ୍ଟର ଅଲିମ୍ପିକ୍ସ: ବିନ୍ଦ୍ରା ମଶାଲ ବାହକ

**ନୂଆଦିଲ୍ଲୀ, ୨୨।୧୦(ପି.ଟି.):** ଆସନ୍ତା ବର୍ଷ ହେବାକୁଥିବା ୱିଣ୍ଟର ଅଲିମ୍ପିକ୍ସ ଲାଗି ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଅଭିନବ ବିନ୍ଦ୍ରାଙ୍କୁ ବୁଧବାର ମଶାଲ ବାହକ ଭାବେ ଚୟନ କରାଯାଇଛି। ୱିଣ୍ଟର ଅଲିମ୍ପିକ୍ସ ୨୦୨୬ ଆସନ୍ତା ବର୍ଷ ଫେବୃଆରୀ ୬ରୁ ୨୨ ପର୍ଯ୍ୟନ୍ତ ଇଟାଲୀର ମିଲାନ ଓ କର୍ଟିନା ଡି ଆମ୍ପେଜୋଠାରେ ହେବ।

'ମିଲାନ୍‌କର୍ଟିନା ୨୦୨୬ ଅଲିମ୍ପିକ୍ ଲାଗି ମଶାଲ ବାହକ ଭାବେ ଚୟନ କରାଯିବା ସମ୍ମାନର ବିଷୟ। ମୋ ହୃଦୟରେ ଅଲିମ୍ପିକ୍ ମଶାଲ ଲାଗି ସ୍ୱତନ୍ତ୍ର ସ୍ଥାନ ରହିଛି, ଯାହାକି ସ୍ୱପ୍ନ, ଧୈର୍ଯ୍ୟ ଏବଂ ଏକତାର ପ୍ରତୀକ। ଏହି ଅଭୂତପୂର୍ବ ସମ୍ମାନ ଲାଗି ମିଲାନ କର୍ଟିନା ୨୦୨୬କୁ ଧନ୍ୟବାଦ' ବୋଲି ବିନ୍ଦ୍ରା ଏକ୍ସ'ରେ ପୋଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିନ୍ଦ୍ରା ଭାରତର ପ୍ରଥମ ଆଥଲେଟ୍ ଭାବେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଏହି ସଫଳତା ପାଇଥିଲେ।

# ସିରିଜ୍ ବରାବର ଲକ୍ଷ୍ୟରେ ଭାରତ

ଆଡିଲେଡ୍, ୨୨।୧୦(ପି.ଟି.)

ସ୍ଥାନୀୟ ଆଡିଲେଡ୍ ଓଭାଲରେ ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ କ୍ରିକେଟ୍ ଦିନିକିଆ ମ୍ୟାଚ୍ ଖେଳାଯିବ। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ଏହା କର-ବା-ମର ମ୍ୟାଚ୍ ହେବ। ଏଣୁ ଏହି ମ୍ୟାଚ୍‌କୁ ଜିତି ଭାରତୀୟ ଦଳ ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ତେବେ ଭାରତର ଦୁଇ ପୂର୍ବତନ ଅଧିନାୟକ ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ଉପରେ ସଭିଙ୍କ ନଜର ରହିବ।

ପ୍ରଥମ ମ୍ୟାଚ୍‌ରେ ଅନେକଥର ବର୍ଷା ବାଧକ ସାଜିବାରୁ ଭାରତୀୟ ଦଳର ବ୍ୟାଟିଂ ବିଭାଗ କଦାପି ମୁମେଣ୍ଟମ୍ ହାସଲ କରିପାରି ନ ଥିଲା। ଫଳରେ ଅଷ୍ଟ୍ରେଲିଆ ୭ ଉଇକେଟରେ ମ୍ୟାଚ୍ ଜିତିନେଇଥିଲା। ବୋଲିଂ ବିଭାଗ ମଧ୍ୟ ପ୍ରଭାବୀ ପ୍ରଦର୍ଶନ ଦେବାରେ ବିଫଳ ହୋଇଥିଲା। ମାତ୍ର ବୋଲରଙ୍କୁ ବ୍ୟାଟିଂ ବିଭାଗ ମାତ୍ର ୧୩୬ ରନ୍ ହିଁ ଦେଇଥିଲା। ପର୍ଥ ଭଳି ଆଡିଲେଡ୍‌ରେ ମଧ୍ୟ ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍ ଭାରତୀୟ ବ୍ୟାଟିଂ ଲାଇନ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରନ୍ତି। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପାଇଁ ଭଲ ପ୍ରଦର୍ଶନ କରିଥିବା ସ୍ପିନର ମ୍ୟାଟ୍ କୁହ୍ନେମାନଙ୍କୁ ଦଳରୁ ରିଲିଜ୍ କରାଯାଇଛି। ପ୍ରଥମଥର ବାପା ହେବା ପରେ ସିନିୟର ଲେଗ୍ ସ୍ପିନର ଆଡାମ ଜାମ୍ପା ଓ ଫିଟ୍‌ନେସ୍ ହାସଲ କରିଥିବା ଆଲେକ୍ସ କ୍ୟାରି ମଧ୍ୟ ଦଳକୁ ଫେରିଛନ୍ତି।

ପ୍ରତିଭାବାନ୍ ଓପନର ଯଶସ୍ୱୀ ଜୟସ୍ୱାଲ ବେଞ୍ଚରେ ବସିଥିବାରୁ ରୋହିତ୍‌ଙ୍କ ଉପରେ ପ୍ରଦର୍ଶନ କରିବା ଲାଗି ଚାପ ରହିବ। ରୋହିତ୍ ବୁଧବାର ଓଭାଲ ପ୍ରାକ୍ଟିସ୍ ଆରେନାକୁ ଦଳର ଅନ୍ୟ ସଦସ୍ୟଙ୍କମାନଠାରୁ ୪୫ ମିନିଟ୍ ପୂର୍ବରୁ ଆସିଥିଲେ। ଏହି ଅପ୍ସନାଲ ଟ୍ରେନିଂ ସେସନରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ଦୁଇ ଥ୍ରୋ-ଡାଉନ୍ ସ୍ପେଶାଲିଷ୍ଟଙ୍କ ସହିତ ରୋହିତ୍ ବ୍ୟାଟିଂ ପ୍ରାକ୍ଟିସ୍ କରିଥିଲେ।



ଭାରତୀୟ ଦଳର ନେଟ୍ସ ଅବସରରେ କୋଚ୍ ଗୌତମ ଗମ୍ଭୀରଙ୍କ ସହ ରୋହିତ ଶର୍ମା।

ହେଲେ ମଙ୍ଗଳବାର ଲମ୍ବା ବ୍ୟାଟିଂ ପ୍ରାକ୍ଟିସ୍ କରିଥିବା କୋହଲି ବୁଧବାର ଗ୍ରାଉଣ୍ଡରୁ ଦୂରେଇ ରହିଥିଲେ।

## ହାର୍ଦ୍ଦିକ୍‌ଙ୍କ ଅନୁପସ୍ଥିତି ଅନୁଭବ ହେଉଛି

ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ସର୍ବଦା ଭାରତୀୟ ହ୍ୱାଇଟ୍ ବଲ ଦଳର ସନ୍ତୁଳନକୁ ପ୍ରଭାବିତ କରେ। 'ହାର୍ଦ୍ଦିକ୍‌ଙ୍କ ଭଳି ଖେଳାଳିଙ୍କୁ ହରାଇବା ଯେକୌଣସି ଦଳ ପାଇଁ ଏକ ବଡ଼ କ୍ଷତି। କିନ୍ତୁ ଏଥିଯୋଗୁ ନୀତୀଶ ରେଡ୍ଡୀଙ୍କୁ ଗେମ୍ ଟାଇମ୍ ମିଳୁଛି। ଆମେ ତାଙ୍କ ପ୍ରଦର୍ଶନରେ ସୁଧାର ଆଣିବାକୁ ଚେଷ୍ଟା କରୁଛୁ। ପ୍ରତ୍ୟେକ ଦଳକୁ ଜଣେ ଅଲ୍‌ରାଉଣ୍ଡର ଦରକାର ଏବଂ ଆମେ ତାଙ୍କୁ ସେହି ଭୂମିକା ଲାଗି ପ୍ରସ୍ତୁତ କରୁଛୁ' ବୋଲି ଭାରତୀୟ ଦଳର ବ୍ୟାଟିଂ କୋଚ୍ ସିତାଂଶୁ କୋଟାକ୍ କହିଛନ୍ତି।

## ଚୂଡ଼ାନ୍ତ ଏକାଦଶରେ ପରିବର୍ତ୍ତନ ହୋଇପାରେ


ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବୋଲରମାନେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଏଣୁ ଉଇକେଟ୍ ଟେକିଂ ଅପ୍ସନ ଭାବେ କୁଲଦୀପ ଯାଦବଙ୍କୁ ଦଳରେ ସାମିଲ କରାଯାଇପାରେ। ଗତ ମ୍ୟାଚ୍‌ରେ ଦଳ ଲମ୍ବା ବ୍ୟାଟିଂ ଲାଇନ୍ ଖେଳାଇଥିବାରୁ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଥିଲା। ଏହା ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ହର୍ଷିତ ରାଣାଙ୍କ ବଦଳରେ ସାମିଲ କରାଯାଇପାରେ। ଏହାସତ୍ତ୍ୱେ ଭାରତୀୟ ଦଳ ସମାନ ଏକାଦଶ ଖେଳାଇବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଭାରତୀୟ ଦଳ: ରୋହିତ୍ ଶର୍ମା, ଶୁବମନ ଗିଲ୍(ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟାର, ଲୋକେଶ ରାହୁଲ(ଉଇକେଟ୍‌କିପର), ଅକ୍ଷର ପଟେଲ, ନୀତୀଶ ରେଡ୍ଡୀ, ୱାଶିଂଟନ ସୁନ୍ଦର/କୁଲଦୀପ ଯାଦବ, ହର୍ଷିତ ରାଣା/ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ମହମ୍ମଦ ସିରାଜ୍। ସମ୍ଭାବ୍ୟ ଅଷ୍ଟ୍ରେଲିଆ ଦଳ: ମିଚେଲ ମାର୍ଶ(ଅଧିନାୟକ), ଟ୍ରାଭିସ ହେଡ୍, ମାଥ୍ୟୁ ଶର୍ଟ, ଜୋଶ୍ ଫିଲିପ/ଆଲେକ୍ସ କାରି, ମ୍ୟାଟ ରେନଶ୍, କୁପର କନୋଲି, ମିଚେଲ ଓଭେନ, ମିଚେଲ ଷ୍ଟାର୍କ, ନାଥନ ଏଲିସ, ଆଡାମ ଜାମ୍ପା, ଜୋଶ୍ ହାଜେଲଉଡ୍।

**ସମୟ: ସକାଳ ୯ଟା**
**ପ୍ରସାରଣ: ଜିଓ ହଟ୍‌ଷ୍ଟାର/ଷ୍ଟାର ସ୍ପୋର୍ଟ୍ସ**

# କୋହଲି, ରୋହିତ୍ ଘରୋଇ କ୍ରିକେଟ ଖେଳିବା ଉଚିତ



ବିରାଟ କୋହଲି



ସଞ୍ଜୟ ଜଗଦଲେ

**ସଞ୍ଜୟ ଜଗଦଲେଙ୍କ ପରାମର୍ଶ**

ଇନ୍ଦୋର, ୨୨।୧୦(ପି.ଟି.)

ମ୍ୟାଚ୍ ଫିଟ୍‌ନେସ୍ ବଜାୟ ରଖିବାକୁ ହେଲେ ଭାରତର ବ୍ୟାଟିଂ ଗ୍ରେଟ୍ ବିରାଟ କୋହଲି ଓ ରୋହିତ୍ ଶର୍ମା ଘରୋଇ କ୍ରିକେଟ୍ ଖେଳିବା ଉଚିତ ବୋଲି ଅନୁଭବ କରୁଛନ୍ତି ପୂର୍ବତନ ଜାତୀୟ ଚୟନକର୍ତ୍ତା ସଞ୍ଜୟ ଜଗଦଲେ। କୋହଲି ଓ ରୋହିତ୍ ଏବେ କେବଳ ଗୋଟିଏ ଫର୍ମାଟ୍‌ରେ ଖେଳୁଛନ୍ତି। ତେଣୁ ଦୁହେଁ ୨୦୨୭ ବିଶ୍ୱକପ୍‌ରେ ଖେଳିବେ କି ନାହିଁ ତାହା ତାଙ୍କ ଫର୍ମ ଓ ଫିଟ୍‌ନେସ୍ ଉପରେ ନିର୍ଭର କରିବ ବୋଲି ବିସିସିଆଇର ପୂର୍ବତନ ସମ୍ପାଦକ ଦାୟିତ୍ୱ ତୁଲାଇଥିବା ଜଗଦଲେ କହିଛନ୍ତି। ସୀମିତ ଓଭର କ୍ରିକେଟ୍‌ରେ ଦୁହେଁ ଦକ୍ଷ ଖେଳାଳି, ଏଥିରେ ଦ୍ୱିମତ ନାହିଁ। ମାତ୍ର ନିୟମିତ ନ ଖେଳିଲେ ପ୍ରଦର୍ଶନ ପ୍ରଭାବିତ ହେବା ସମ୍ଭାବନା ରହିବ, ଯାହାକି ଆଇପିଏଲ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ କ୍ଷେତ୍ରରେ ହୋଇଛି। ବ୍ରାଏନ୍ ଲାରା ଓ ମାଥ୍ୟୁ ହେଡେନ ମଧ୍ୟ ସମାନ ଦଶା ଭୋଗିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାପରେ ଅନେକ ଖେଳାଳି ପୂର୍ବପରି ପ୍ରଦର୍ଶନ ଦେଇପାରି ନ ଥାନ୍ତି। ଏହା ସ୍ୱାଭାବିକ୍ କଥା ବୋଲି ଜଗଦଲେ କହିଛନ୍ତି।

କୋହଲି ଓ ରୋହିତ୍ ପାଖାପାଖି ୬ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଥିଲେ। ମାତ୍ର ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ବିଫଳ ରହିଥିଲେ। ରୋହିତ ୧୪ ବଲ୍‌ରୁ ୮ ରନ୍ କରିଥିବାବେଳେ କୋହଲି ୮ ବଲ୍‌ରୁ ଡକ୍(୦)ରେ ଆଉଟ୍ ହୋଇଥିଲେ। "ଉଭୟ କୋହଲି ଓ ରୋହିତ୍ ଘରୋଇ କ୍ରିକେଟ୍ ଖେଳିଲେ ମୁଁ ଖୁସି ହେବି। ସେମାନଙ୍କ ମନରେ କ'ଣ ଅଛି ତାହା ଜାଣିନାହିଁ, ମାତ୍ର ଘରୋଇ ଟୁର୍ନାମେଣ୍ଟରେ ଖେଳିବା ସେମାନଙ୍କ ପାଇଁ ନିଶ୍ଚିତ ଫାଇଦା" ବୋଲି ଜଗଦଲେ ପ୍ରକାଶ କରିଛନ୍ତି। ୨୦୨୭ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ବେଳକୁ ରୋହିତ୍ ୪୦ ଓ କୋହଲି ୩୮ ବର୍ଷ ବୟସରେ ପହଞ୍ଚିଥିବେ। ଫର୍ମ ଓ ଫିଟ୍‌ନେସ୍ ଉପରେ ସବୁକିଛି ନିର୍ଭର କରିବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ରୋହିତ୍‌ଙ୍କ ସ୍ଥାନରେ ଶୁବମନଙ୍କୁ ଦିନିକିଆ କ୍ରିକେଟ୍ ଅଧିନାୟକ କରାଯିବାରେ କିଛି ତ୍ରୁଟି ନାହିଁ ବୋଲି ସେ କହିଛନ୍ତି।

# 'ସର୍ଫରାଜ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଚୟନ କରାଯାଇନାହିଁ କି'

**ନୂଆଦିଲ୍ଲୀ, ୨୨।୧୦ (ପି.ଟି.):** ଯୁବ ବ୍ୟାଟର ସର୍ଫରାଜ୍ ଖାନ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଭାରତ-ଏ' କ୍ରିକେଟ୍ ଦଳରେ ଚୟନ କରାଯାଇନାହିଁ କି। କଂଗ୍ରେସ ପ୍ରବକ୍ତା ଶାମା ମହମଦ ବୁଧବାର ଏଭଳି ବିବାଦୀୟ ବୟାନ ଦେଇଛନ୍ତି। ତାଙ୍କର ଏଭଳି ବୟାନକୁ ଭାଜପା ପକ୍ଷରୁ କଡ଼ ସମାଲୋଚନା କରାଯାଇଛି। ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ଲାଗି ମଙ୍ଗଳବାର ଭାରତ-ଏ' ଦଳ ଘୋଷଣା କରାଯାଇଥିଲା। ରିଷଭ ପନ୍ତଙ୍କ ନେତୃତ୍ୱାଧୀନ ଏହି ଦଳରେ ସର୍ଫରାଜ୍‌ଙ୍କୁ ସାମିଲ କରାଯାଇନାହିଁ। ଗତ କିଛିବର୍ଷ ଧରି ଘରୋଇ କ୍ରିକେଟ୍‌ରେ ଲଗାତର ଭଲ ପ୍ରଦର୍ଶନ ସତ୍ତ୍ୱେ ୨୮ ବର୍ଷୀୟ ସର୍ଫରାଜ୍‌ଙ୍କୁ ଦଳରେ ସ୍ଥାନ ନ ମିଳିବାକୁ ନେଇ ସୋସିଆଲ ମିଡିଆରେ ଚୟନକର୍ତ୍ତାଙ୍କୁ ଖୁବ୍ ସମାଲୋଚନା କରାଯାଇଥିଲା। କଂଗ୍ରେସ ନେତ୍ରୀ ଏକ୍ସ'ରେ ପୋଷ୍ଟ କରିଥିଲେ ଯେ, ସର୍ଫରାଜ୍ ଖାନ୍‌ଙ୍କୁ ତାଙ୍କ ସର୍‌ନେମ୍ କାରଣରୁ ଚୟନ କରାଯାଉନାହିଁ କି। ତାଙ୍କୁ କଡ଼ା ଜବାବ ଦେଇ ଭାଜପା ପ୍ରବକ୍ତା ଶେହଜାଦ ପୁନାୱାଲ କହିଛନ୍ତି, ଏହି ମହିଳା ଓ ତାଙ୍କ ଦଳ ଅସୁସ୍ଥ ଅଛନ୍ତି। ରୋହିତ ଶର୍ମାଙ୍କୁ ମୋଟା କହିବା ପରେ ସେ ଓ ତାଙ୍କ ପାର୍ଟି ଆମ କ୍ରିକେଟ୍ ଦଳକୁ ସାମ୍ପ୍ରଦାୟିକ ଭିତ୍ତିରେ ଭାଗ ଭାଗ କରିବାକୁ ଚାହୁଁଛି। ଦେଶର ବିଭାଜନ କରି ମନ ଭରିନାହିଁ କି। ଦଳରେ ମହମ୍ମଦ ସିରାଜ୍ ଓ ଖଲିଲ ଅହମଦ ଖେଳିବେ। ସାମ୍ପ୍ରଦାୟିକ ଓ ଜାତି ଭିତ୍ତିରେ ଭାରତକୁ ବାଣ୍ଟିବା ବନ୍ଦ କର।

# ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସୁଶ୍ରୀ, ତନ୍ମୟୀ

ଭୁବନେଶ୍ୱର, ୨୨।୧୦(ତପନ ସ୍ୱାଇଁ)

**ସିନିୟର ମହିଳା ଆନ୍ତଃଜୋନ୍ ଟି୨୦**

**■ ଷ୍ଟାଣ୍ଡବାଇ ତାଲିକାରେ ଜ୍ୟୋତି କୁମାରୀ**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟ୍ ସିଜନ ୨୦୨୫-୨୬ ଅନ୍ତର୍ଗତ ସିନିୟର ମହିଳା ଆନ୍ତଃ ଜୋନାଲ ଟି୨୦ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳ ଘୋଷଣା ହୋଇଛି। ଏଥିରେ ଓଡ଼ିଶାର ବୋଲିଂ ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ଏବଂ ବ୍ୟାଟିଂ ଅଲ୍‌ରାଉଣ୍ଡର ତନ୍ମୟୀ ବେହେରା ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ସିନିୟର ମହିଳା ଟି୨୦ ଟ୍ରଫିର ପ୍ରଦର୍ଶନଭିତ୍ତିରେ ଏହି ୨ ଓଡ଼ିଶା ଖେଳାଳିଙ୍କୁ ୧୫ ଜଣିଆ ପୂର୍ବାଞ୍ଚଳ ଦଳରେ ନିଆଯାଇଛି। ଏହା ବ୍ୟତୀତ ଓଡ଼ିଶାର ଅନ୍ୟତମ ପ୍ରତିଭାସମ୍ପନ୍ନ ଖେଳାଳି ଜ୍ୟୋତି କୁମାରୀ ପ୍ରସାଦଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ବିସିସିଆଇର ସିନିୟର ମହିଳା ଆନ୍ତଃଜୋନ୍ ଟି୨୦ ଟୁର୍ନାମେଣ୍ଟ ନାଗାଲାଣ୍ଡଠାରେ ନଭେମ୍ବର ୪ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶାର ଏହି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସୁଶ୍ରୀ ଦିବ୍ୟଦର୍ଶିନୀ



ତନ୍ମୟୀ ବେହେରା



ଜ୍ୟୋତି କୁମାରୀ ପ୍ରସାଦ

**ପୂର୍ବାଞ୍ଚଳ ଦଳ:** ମିତା ପଲ୍(ଅଧିନାୟିକା), ଅଶ୍ୱିନୀ (ଉପ-ଅଧିନାୟିକା), ପ୍ରିୟଙ୍କା ଲୁଥ୍ରା, ଧାରା ଗୁଜ୍ଜର, ତନୁଶ୍ରୀ ସରକାର, ରଶ୍ମୀ ଗୁଡ଼ିଆ, ଜିନ୍ତି ମନି କାଲିଟା, ରଶ୍ମୀ ଦେ, ତନ୍ମୟୀ ବେହେରା, ସୁଶ୍ରୀ ଦିବ୍ୟଦର୍ଶିନୀ, ଟିଟାସ ସାଧୁ, ସାଇକା ଇସାକ, ଆରତି କୁମାରୀ, ମମତା ପାସ୍‌ୱାନ, ପ୍ରିୟଙ୍କା ଆଚାର୍ଯ୍ୟ। ଷ୍ଟାଣ୍ଡବାଇ: ପ୍ରଗତି ସିଂ, ସୁପ୍ରିୟା ଦାସ, ଖୁସି ଶର୍ମା, ଶଶୀ ମାଥୁର, ଜ୍ୟୋତି କୁମାରୀ ପ୍ରସାଦ।

# ଆନ୍ତଃସ୍କୁଲ ଚେସ୍: ସୀମା, କ୍ଷେତ୍ରବର ଚାମ୍ପିୟନ

ଭୁବନେଶ୍ୱର, ୨୨।୧୦(ତପନ ସ୍ୱାଇଁ)

ଭୁବନେଶ୍ୱର ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ ପରିସରରେ ଭୁବନେଶ୍ୱର ଆନ୍ତଃସ୍କୁଲ ଚେସ୍ ଚାମ୍ପିୟନଶିପ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାର ବାଳିକା ବର୍ଗରେ ସୀମା ପୃଷ୍ଟି ଏବଂ ବାଳକରେ କ୍ଷେତ୍ରବର ମାଝି ଚାମ୍ପିୟନ ହୋଇଛନ୍ତି। ଉଭୟ ହେଉଛନ୍ତି କିସ୍ ଖେଳାଳି। ବାଳିକାରେ ସୁକାନ୍ତି ମୁର୍ମୁ, ଆର୍.ଆର୍. ସଙ୍ଗୀତା, ଫୁଲ ସୋରେନ, ଶୁଭଶ୍ରୀ ଶୁଭସ୍ମିତା ସେଠୀ ଏବଂ ବାଳକରେ ଚେମ୍ପୁରୁ ହେମ୍ବ୍ରମ୍, ସ୍ମୃତିରଞ୍ଜନ ସାହୁ, ଅଭିଳାଷ ଜେନା ଓ ପି. ଚରଣ ରେଡ୍ଡୀ ଟପ୍-୫ ଫିନିଶ୍ କରିଛନ୍ତି। ଏହି ଖେଳାଳିମାନେ ଚଳିତ ମାସ ୨୭ ଓ ୨୮ ତାରିଖରେ ବିଜେବି ହାଇସ୍କୁଲରେ ହେବାକୁଥିବା ୧୭ ବର୍ଷରୁ କମ୍ ରାଜ୍ୟ ବାଳିକା ଓ ବାଳକ ଚେସ୍ ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରିବେ। ରିଜର୍ଭ ତାଲିକାରେ ରହିଛନ୍ତି ଦେବସ୍ମିତା ବାରିକ, ଶ୍ରଦ୍ଧାଞ୍ଜଳି ସାହୁ, ଦେବାଶିଷ ବାଲା ଓ ପ୍ରିୟରଞ୍ଜନ ମହାନ୍ତି। କ୍ୟାପିଟାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସତ୍ୟନାରାୟଣ ଦାଶ, ପିଇଟି କିଶୋର କୁମାର ଲେଙ୍କା, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ପର୍ଯ୍ୟବେକ୍ଷକ କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନୀ ସମାରୋହରେ ଅତିଥିଭାବେ ଉପସ୍ଥିତ ଥିଲେ।





ବାଳିକା ଓ ବାଳକ ବର୍ଗରେ ପ୍ରଥମ ୫ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଅତିଥିଙ୍କ ଗହଣରେ।

# ମୁହାଁମୁହିଁ ହେବେ ବିସିସିଆଇ-ପିସିବି

**ଏସିଆ କପ୍ ଟ୍ରଫି ବିବାଦ**

କରାଚି, ୨୨।୧୦(ପି.ଟି.)

ଏସିଆ କପ୍ ଟ୍ରଫିକୁ ନେଇ ଲାଗିରହିଥିବା ବିବାଦର ସମାଧାନ ଖୁବ୍‌ଶୀଘ୍ର ହେବାର ସମ୍ଭାବନା ଦେଖାଯାଉନାହିଁ। ଟ୍ରଫି ଫେରାଇବା ଲାଗି ବିସିସିଆଇ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ସତ୍ତ୍ୱେ ଏସିଆନ କ୍ରିକେଟ୍ କାଉନସିଲ(ଏସିସି) ମୁଖ୍ୟ ଦାୟିତ୍ୱରେ ଥିବା ପିସିବି ଚେୟାରମ୍ୟାନ ମହସିନ ନକ୍‌ଭି ନିଜ ଜିଦିରେ ଅଟଳ ରହିଛନ୍ତି। ସେ ଏବେ ବି ବ୍ୟକ୍ତିଗତ ଭାବେ ଟ୍ରଫି ହସ୍ତାନ୍ତର କରିବାକୁ ଜିଦି ଧରି ବସିଛନ୍ତି। ବିସିସିଆଇ ଓ ଏସିସିର ଅନ୍ୟ ସଦସ୍ୟ ଦେଶଙ୍କୁ ପଠାଇଥିବା ଉତ୍ତରରେ ନକ୍‌ଭି ଆସନ୍ତା ନଭେମ୍ବର ୧୦ରେ ଦୁବାଇଠାରେ ଏକ ଉତ୍ସବ ଆୟୋଜନ କରି ଉପଲବ୍ଧ ଥିବା ଭାରତୀୟ ଖେଳାଳି ଓ ବିସିସିଆଇ ପ୍ରତିନିଧିଙ୍କୁ ଟ୍ରଫି ଦେବାକୁ ଇଚ୍ଛୁକ ଥିବା ପ୍ରକାଶ କରିଛନ୍ତି। ଏହାର ଅର୍ଥ ଆସନ୍ତା ୪ରୁ ୭ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଆଇସିସି ମିଟିଂରେ ଦୁଇ ବୋର୍ଡ ମୁହାଁମୁହିଁ ହେବେ।

'ଏସିସି ଟ୍ରଫି ଉପରେ ଭାରତୀୟ କ୍ରିକେଟ୍ ଦଳର ପୂର୍ଣ୍ଣ ଅଧିକାର ରହିଛି। ବିସିସିଆଇ ପଦାଧିକାରୀଙ୍କ ସହ ଅଂଶଗ୍ରହଣକାରୀ ଭାରତୀୟ ଦଳର ଯେକୌଣସି ଖେଳାଳି ଏସିସି ସଭାପତିଙ୍କଠାରୁ ଟ୍ରଫି ସଂଗ୍ରହ କରିପାରିବେ। ଦୀର୍ଘବର୍ଷରୁ ଚାଲିଆସିଥିବା ପରମ୍ପରା ବିଚ୍ୟୁତ୍ ହେବା ଉଚିତ ନୁହେଁ। ଏହି ଟ୍ରଫି ପ୍ରଦାନ ଲାଗି କଭରେଜ୍ ସହିତ ଉତ୍ସବ ହେବ। ଏସିସି ସଭାପତିଙ୍କ କାର୍ଯ୍ୟାଳୟ କୌଣସି ହୀନ ରାଜନୀତିରେ ସାମିଲ ହେବନାହିଁ, ଯାହାକି କିଛି ଉଗ୍ରବାଦୀ ସଂଗଠନକୁ ଶାନ୍ତ କରିବାକୁ ଉଦ୍ଦିଷ୍ଟ। ପ୍ରକୃତ କଥା ହେଲା, ଏସିସି କାର୍ଯ୍ୟାଳୟ କିମ୍ବା ଟୁର୍ନାମେଣ୍ଟ ନିର୍ଦ୍ଦେଶକଙ୍କୁ ପୁରସ୍କାର ବିତରଣ ଉତ୍ସବ ସମ୍ପର୍କରେ ବିସିସିଆଇ ପକ୍ଷରୁ କୌଣସି ଚିନ୍ତାବ୍ୟକ୍ତ କରାଯାଇ ନ ଥିଲା। ପୁରସ୍କାର ଉତ୍ସବ ଆୟୋଜନ କରାଯାଉଥିବା ବେଳେ ମଞ୍ଚରେ ଅନ୍ୟ ଅତିଥି ଉପସ୍ଥିତ ଥିବା ବେଳେ ଭାରତୀୟ ଖେଳାଳି ଟ୍ରଫି ଓ ମେଡାଲ ଗ୍ରହଣ କରିବେ ନାହିଁ ବୋଲି ବିସିସିଆଇ ପ୍ରତିନିଧି ଜଣାଇଥିଲେ। ସମସ୍ୟାର ସମାଧାନ ଲାଗି ଉଦ୍ୟମ କରାଯାଇଥିଲା। ଏସିସି ସଭାପତି ଅନ୍ୟ ଅତିଥିଙ୍କ ସହ ପ୍ରାୟ ୪୦ ମିନିଟ୍ ଧରି ପୁରସ୍କାର ବିତରଣ ଉତ୍ସବର ମର୍ଯ୍ୟାଦାର ସୁରକ୍ଷିତ ରଖିବା ପାଇଁ ଅପେକ୍ଷା କରିଥିଲେ' ବୋଲି ନକ୍‌ଭି ତାଙ୍କ ଉତ୍ତରରେ ଲେଖିଛନ୍ତି।

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୩/୨୦୨୫ Bhubaneswar, Thursday, October 23/ 2025

# ଭାରତ-ନ୍ୟୁଜିଲାଣ୍ଡ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଆଜି

**ନଭି ମୁମ୍ବାଇ, ୨୨।୧୦**

ଚଳିତ ଆଇସିସି ମହିଳା ଦିନିକିଆ କ୍ରିକେଟ୍ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍ ଗୁରୁବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ୮ ଦଳବିଶିଷ୍ଟ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଆଉ ଗୋଟିଏ ସ୍ଥାନ ପାଇଁ ଦୌଡ଼ରେ ମୁଖ୍ୟତଃ ଭାରତ ଓ ନ୍ୟୁଜିଲାଣ୍ଡ ରହିଛନ୍ତି। ତେଣୁ ଆଗାମୀ ମ୍ୟାଚ୍‌ଟି ଅଘୋଷିତ କ୍ୱାର୍ଟର ଫାଇନାଲର ରୂପ ନେଇଛି। କାରଣ ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲରେ ପ୍ରବେଶ କରିବାର ସମ୍ଭାବନା ବଢ଼ିଯିବ। ଭାରତ

**ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍**

ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୪ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ହ୍ୱାଇଟ୍ ଫେର୍ନ୍ସ (ନ୍ୟୁଜିଲାଣ୍ଡ) ଦଳ ମଧ୍ୟ ୫ ମ୍ୟାଚ୍‌ରୁ ୧ ବିଜୟ, ୨ ପରାଜୟ ଓ ୨ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରୁ ପାଇଥିବା ପଏଣ୍ଟ ଭିତ୍ତିରେ ୪ ପଏଣ୍ଟ ସହିତ ୫ମ ସ୍ଥାନ ଅଧିକାର କରିଛି। ଭାରତ ଏହାର ଶେଷ ମ୍ୟାଚ୍ ୨୬ ତାରିଖରେ ବାଂଲାଦେଶ ବିପକ୍ଷରେ ଏବଂ ନ୍ୟୁଜିଲାଣ୍ଡ ଏହାର ଶେଷ ମ୍ୟାଚ୍ ୨୭ ତାରିଖରେ ଶକ୍ତିଶାଳୀ ଇଂଲଣ୍ଡ ବିପକ୍ଷରେ ଖେଳିବାର ଅଛି। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ର ବିଜେତା ୬ ପଏଣ୍ଟରେ ପହଞ୍ଚିଯିବ। ଏ କ୍ଷେତ୍ରରେ ଆଗକୁ ବଢ଼ିବାର ପଥ ସୁଗମ ହେବ। ଭାରତ ଏହି ମ୍ୟାଚ୍ ହାରିଗଲେ ଜଟିଳ ଅଙ୍କକଷା ମଧ୍ୟରେ ଭାଗ୍ୟ ଝୁଲିକି ରହିବ। ଯେପରିକି ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ପ୍ରତିପକ୍ଷ ବାଂଲାଦେଶକୁ ହରାଇବା ସହ ଇଂଲଣ୍ଡଠାରୁ ନ୍ୟୁଜିଲାଣ୍ଡ ହାରିବା ଆବଶ୍ୟକ। ଶ୍ରୀଲଙ୍କା ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇଲେ ଏହି ଦଳ ମଧ୍ୟ ୬ ପଏଣ୍ଟରେ ପହଞ୍ଚିବ। ତେଣୁ ସମାନ ପଏଣ୍ଟ କ୍ଷେତ୍ରରେ ରନ୍‌ହାର ଇତ୍ୟାଦି ଅଙ୍କକଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ।

ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇବା ପରେ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ ଓ ଇଂଲଣ୍ଡଠାରୁ ହାରି ଚାପରେ ରହିଛି। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଭାରତୀୟ ବୋଲିଂକୁ ସହଜରେ ମୁକାବିଲା କରି ରନ୍ ଚେଜ୍ କରିନେଇଥିବାବେଳେ ଇନ୍ଦୋରରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ପରାଜୟ ହରମନପ୍ରୀତ କୌରଙ୍କ ଦଳକୁ ଶକ୍ତ ଆଘାତ ଦେଇଥିଲା। ହାତରେ ୭ ଉଇକେଟ ଥାଇ ୫୪ ବଲ୍‌ରୁ ୫୬ ରନ୍ ସଂଗ୍ରହ କରିପାରି ନ ଥିଲା ଭାରତୀୟ ଦଳ। ଏହା ଉଭୟ ଅଧିନାୟିକା ଓ କୋଚ୍ ଅମୋଲ ମଜୁମ୍‌ଦାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଏପର୍ଯ୍ୟନ୍ତ ଭାରତ ଟପ୍ ଅର୍ଡରର କୌଣସି ବ୍ୟାଟର ଦୀର୍ଘ ସମୟ କ୍ରିଜ୍‌ରେ ରହି ମ୍ୟାଚ୍ ଫିନିଶ୍ କରିପାରିନାହାନ୍ତି। ସେହିପରି ବୋଲରମାନଙ୍କ ପ୍ରଦର୍ଶନରେ ମଧ୍ୟ ସ୍ଥିରତା ନାହିଁ। ମିଡଲ ଅର୍ଡରରେ ବଡ଼ ଶଟ୍ ପାଇଁ ରିଚା ଘୋଷ୍‌ଙ୍କ ଉପରେ ଦଳ ପ୍ରାୟତଃ ନିର୍ଭର କରୁଛି। ଏପରି ସ୍ଥିତିରେ ହରମନପ୍ରୀତ ଏବଂ ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କୁ ଅଧିକ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ଷଷ୍ଠ ବୋଲର ଖେଳାଇବା ଲକ୍ଷ୍ୟରେ ଭାରତ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ ବାଦ୍ ଦେଇ ସୁଇଂ ବୋଲିଂ ପାଇଁ ରେଣୁକା ଠାକୁରଙ୍କୁ ଖେଳାଉଛି। ମାତ୍ର ୩ ନମ୍ବର ଖେଳାଳି ହର୍ଲିନ ଦେଓଲ ଭଲ ଆରମ୍ଭ କରୁଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରୁ ନାହାନ୍ତି। ବର୍ଷା ଯୋଗୁ ଗତ ଦୁଇଦିନ ଭାରତର ଟ୍ରେନିଂ ସେସନ ଧୋଇଯାଇଛି। କେବଳ ବୁଧବାର ଅଭ୍ୟାସ କରି ଭାରତ ଆଗାମୀ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ଯାଉଛି। ଏଠାକାର ପିଚ୍ ସାଧାରଣତଃ ବ୍ୟାଟିଂ ଫ୍ରେଣ୍ଡ୍‌ଲି ରହିଥାଏ। ତେବେ ଦ୍ୱିତୀୟ ଇନିଂସ୍ ବେଳକୁ କାକର ପଡୁଥିବାରୁ ଟସ୍ ସମୟରେ ଏ ସମ୍ପର୍କରେ ଗୁରୁତ୍ୱର ସହ ଚିନ୍ତା କରିବାକୁ ପଡ଼ିବ।



ବୁଧବାର ଅଭ୍ୟାସ ଅବସରରେ ହର୍ଲିନ ଦେଓଲ ଓ ସ୍ମୃତି ମନ୍ଧାନା।

ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ଓ ସୁଜି ବେଟ୍ସ ଭାରତ ପାଇଁ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ତୃତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା। ମାତ୍ର କଲମ୍ବୋରେ ଅନୁଷ୍ଠିତ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ପରବର୍ତ୍ତୀ ୨ଟି ମ୍ୟାଚ୍ ବର୍ଷାରେ ଧୋଇଯାଇଥିବାରୁ ଭାରତ ବିପକ୍ଷରେ ପୂରା ମ୍ୟାଚ୍ ଖେଳିବାକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛି। ଗତବର୍ଷ ଟି୨୦ ବିଶ୍ୱକପ୍ ଜିତିଥିବା ନ୍ୟୁଜିଲାଣ୍ଡ ଏଥର ଦିନିକିଆ ଟ୍ରଫି ହାତେଇବା ଲକ୍ଷ୍ୟରେ ରହିଛି। ତେଣୁ ଭାରତକୁ ସହଜରେ କେବେହେଲେ ଏହି ଦଳ ବାଟ ଛାଡ଼ିବ ନାହିଁ। ଅଧିନାୟିକା ଡିଭାଇନ୍ ଗୋଟିଏ ଶତକ ଏବଂ ୨ଟି ଅର୍ଦ୍ଧଶତକ ସହ ୨୬୦ ରନ୍ ସଂଗ୍ରହ କରିସାରିଛନ୍ତି। ତେଣୁ ତାଙ୍କ ଉପରେ ନିଶ୍ଚିତ ଭାରତୀୟ ବୋଲରଙ୍କ ନଜର ରହିବ।

ଏହି ମ୍ୟାଚ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଫେଭରାଇଟ ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି ଅଧିନାୟିକା ସୋଫି ଡିଭାଇନ୍। ଭାରତ ଘରୋଇ ପରିବେଶରେ ଖେଳୁଛି। ତେଣୁ କ୍ୱାର୍ଟର ଫାଇନାଲର ରୂପ ନେଇଥିବା ଏହି ମ୍ୟାଚ ପାଇଁ ଭାରତ ଉପରେ ଅଧିକ ଚାପ ରହିବ। ଆମେ ପୂର୍ବରୁ ଏଭଳି ପରିସ୍ଥିତିର ସାମ୍ନା କରି ସାରିଛୁ। ଆଗାମୀ ମ୍ୟାଚରେ ଆମେ କଡ଼ା ଚ୍ୟାଲେଞ୍ଜ ଦେବୁ ବୋଲି ସେ ଦୃଢ଼ତାର ସହ କହିଛନ୍ତି।

## ଶୀର୍ଷକୁ ଫେରିଲା ଅଷ୍ଟ୍ରେଲିଆ



ପ୍ଲେୟର ଅଫ୍ ଦି ମ୍ୟାଚ୍ ଆନାବେଲ ସଦରଲାଣ୍ଡ।

**ଇନ୍ଦୋର, ୨୨।୧୦**

ଆନାବେଲ ସଦରଲାଣ୍ଡ ଓ ଆଶଲେ ଗାର୍ଡନରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ବୁଧବାର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲ ଶୀର୍ଷକୁ ଫେରିଛି। ପ୍ରଥମେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୪୪ ରନ କରିଥିଲା। ଦଳ ପାଇଁ ଟମି ବ୍ୟୁମଣ୍ଟ ୭୮ (୧୦ ଚୌକା ଓ ୧ ଛକା) ରନ୍‌ର ପାଳି ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଦରଲାଣ୍ଡ ୩ ଓ ଗାର୍ଡନର ୨ ଉଇକେଟ ହାତେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬୮ ରନ ମଧ୍ୟରେ ୪ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ସଦରଲାଣ୍ଡ ଓ ଗାର୍ଡନର ଅବିଭାଜିତ ପଞ୍ଚମ ଉଇକେଟ ପାଇଁ ୧୮୦ ରନ ଯୋଡ଼ି ଦଳକୁ ଜିତାଇଥିଲେ। ଅଷ୍ଟ୍ରେଲିଆ ୪୦.୩ ଓଭରରେ ୪ ଉଇକେଟ ହରାଇ ୨୪୮ ରନ କରି ମ୍ୟାଚ୍ ଜିତି ନେଇଥିଲା। ସଦରଲାଣ୍ଡ ୯ ଚୌକା ଓ ୧ ଛକା ସହିତ ୯୮ ଓ ଗାର୍ଡନର ୭୩ ବଲରେ ୧୬ ଚୌକା ସହ ୧୦୪ ରନ କରି ମ୍ୟାଚ୍ ଫିନିଶ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଲିନ୍ସି ସ୍ମିଥ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୫୦ ଓଭରରେ ୨୪୪/୯(ଟମି ବ୍ୟୁମଣ୍ଟ-୭୮, ଆଲିସ କାପସି-୩୮, ଆନାବେଲ ସଦରଲାଣ୍ଡ-୩/୬୦, ଆଶଲେ ଗାର୍ଡନର-୨/୩୯, ସୋଫି ମଲିନ୍ୟୁ-୨/୫୨)। ଅଷ୍ଟ୍ରେଲିଆ: ୪୦.୩ ଓଭରରେ ୨୧୮/୪(ଆଶଲେ ଗାର୍ଡନର-୧୦୪*, ଆନାବେଲ ସଦରଲାଣ୍ଡ-୯୮*, ଲିନସି ସ୍ମିଥ-୨/୪୩, ଲୌରେନ ବେଲ-୧/୪୮)।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ